

ମାଟ୍ରିକ୍ ପରୀକ୍ଷା-୨୪
ପାଇଁ ନମୁନା ପ୍ରଶ୍ନୋତ୍ତର

▶ପୃଷ୍ଠା ୧୪ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /thesakalanews
- /TheSakala
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-177 ◆BHUBANESWAR ◆FRIDAY ◆22 DECEMBER 2023 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୭୭ ◆ଭୁବନେଶ୍ୱର ◆ଶୁକ୍ରବାର ◆୨୨ ଡିସେମ୍ବର ୨୦୨୩ ◆ପୃଷ୍ଠା-୧୬ ◆ଟ.୬.୦୦



DSPL-477

obcc

ଆମ ଓଡ଼ିଶା
ନବୀନ ଓଡ଼ିଶା



ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**

ଦ୍ୱାରା

ଢେଙ୍କାନାଳ ଜିଲ୍ଲାର ଯୋରନ୍ଦାସ୍ଥିତ

**ମହିମାଗାଦି ଚତୁଃପାର୍ଶ୍ୱର ଉନ୍ନତିକରଣ,**
**ଭବ୍ୟ ମହିମାଗାଦି ଶୂନ୍ୟ ମଣ୍ଡପ**

ଏବଂ

**ଉପାସନା ପୀଠ ଓ ବତୀ ମଣ୍ଡପ**

ନିର୍ମାଣ ପ୍ରକଳ୍ପର

**ଭୂମିପୂଜନ**

୨୨ ଡିସେମ୍ବର ୨୦୨୩
ମହିମାଗାଦି, ଯୋରନ୍ଦା, ଢେଙ୍କାନାଳ



OBCC Odisha  OBCC_Odisha  @obcc_odisha  www.obcc.in



‘ସାଲାର୍’ ପାଇଁ ପ୍ରଭାସଙ୍କୁ ୧୦୦ କୋଟି

ପୃଷ୍ଠା ୪ରେ...


RNI REGD NO: 42041/83
www.sakalaepaper.com
/thesakalanews
/TheSakala
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 41 ◆ISSUE-177 ◆BHUBANESWAR ◆FRIDAY ◆22 DECEMBER 2023 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୭୭ ◆ଭୁବନେଶ୍ୱର ◆ଶୁକ୍ରବାର ◆୨୨ ଡିସେମ୍ବର ୨୦୨୩ ◆ପୃଷ୍ଠା-୧୬ ◆ଟ.୬.୦୦



DSPL-476

ODISHA
INDIA'S BEST KEPT SECRET.

#ନୂଆ-ଓ
ଯୁବ ଓଡ଼ିଶା
ନବୀନ ଓଡ଼ିଶା



ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ

## ନୂଆ-ଓ ଉତ୍ସବ
## କନ୍ଧମାଳ ଓ ସୁବର୍ଣ୍ଣପୁର

ସ୍ଥାନ : ଫୁଲବାଣୀ ଷ୍ଟାଡ଼ିୟମ
କନ୍ଧମାଳ

ସ୍ଥାନ : ରାମେଶ୍ୱର ଷ୍ଟାଡ଼ିୟମ
ସୁବର୍ଣ୍ଣପୁର

୨୨ ଡିସେମ୍ବର, ୨୦୨୩

ଆମ ଓଡ଼ିଶା
ନବୀନ ଓଡ଼ିଶା

OIPR-29001/13/0119/2324



ଦୁର୍ଗା ଏଆଇଏଫ୍‌ଏଫ୍ ମ୍ୟାଚ୍ କମିସନର୍
କ୍ରୀଡ଼ା ପୃଷ୍ଠାରେ...

RNI REGD NO: 42041/83
www.sakalaepaper.com
/thesakalanews
/TheSakala
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 41 • ISSUE-177 • BHUBANESWAR • FRIDAY • 22 DECEMBER 2023 • PAGE-16 • ₹ 6.00

ବର୍ଷ-୪୧ • ସଂଖ୍ୟା-୧୭୭ • ଭୁବନେଶ୍ୱର • ଶୁକ୍ରବାର • ୨୨ ଡିସେମ୍ବର ୨୦୨୩ • ପୃଷ୍ଠା-୧୬ • ଟ.୬.୦୦

## ଦିନକ ପୂର୍ବରୁ ସରିଲା ଶୀତ ଅଧିବେଶନ

■ **ନୂଆଦିଲ୍ଲୀ,୨୧।୧୨(ଏଜେନ୍ସି):** ଦିନକ ପୂର୍ବରୁ ସଂସଦର ଶୀତକାଳୀନ ଅଧିବେଶନ ଶେଷ ହୋଇଛି। ଡିସେମ୍ବର ୪ ରୁ ୨୨ ତାରିଖ ଯାଏଁ ଏହି ଅଧିବେଶନ ଚାଲିବାକୁ ରହିଥିଲା ବେଳେ ଗୋଟିଏ ଦିନ ପୂର୍ବରୁ ଲୋକସଭାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି। ଗୁରୁବାର ଗୃହକାର୍ଯ୍ୟ ଆରମ୍ଭ ହେବା କ୍ଷଣି ସଂସଦ ସୁରକ୍ଷା ପ୍ରସଙ୍ଗ ସମେତ ବିରୋଧୀ ସଦସ୍ୟମାନଙ୍କୁ ନିଲମ୍ବିତ କରାଯିବା ଘଟଣାକୁ ନେଇ ବିରୋଧୀ ଦଳ ପକ୍ଷରୁ ହୋହାଲ୍ଲା କରାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ଲୋକସଭାରେ ୩ ସାଂସଦଙ୍କୁ ନିଲମ୍ବିତ କରାଯାଇଥିଲା। ଏହାଦ୍ୱାରା ଗୁରୁବାର ସୁଦ୍ଧା ଉଭୟ ଗୃହର ୧୪୬ ସାଂସଦ ନିଲମ୍ବିତ ହୋଇଛନ୍ତି। ତେବେ ଗୁରୁବାର ଉଭୟ ଗୃହରେ କେତେକ ପ୍ରମୁଖ ବିଲ୍‌କୁ ମଞ୍ଜୁରୀ ମିଳିଛି। ଗତ ୧୨ ତାରିଖରେ ରାଜ୍ୟସଭାରେ ନିର୍ବାଚନ କମିସନ ନିଯୁକ୍ତି ବିଲ୍ ପାସ୍ ହୋଇଥିଲା ବେଳେ ଗୁରୁବାର ଏହି ବିଲ୍‌କୁ ଲୋକସଭାରେ ମଧ୍ୟ ମଞ୍ଜୁରୀ ମିଳିଛି। ସେହିପରି ମୌସୁମୀ ଅଧିବେଶନରେ ରାଜ୍ୟସଭାରେ ପାସ୍ ହୋଇଥିବା ପ୍ରେସ୍ ଆଣ୍ଡ ରେଜିଷ୍ଟ୍ରେସନ ବିଲ୍‌କୁ ମଧ୍ୟ ଲୋକସଭାରେ ମଞ୍ଜୁରୀ ମିଳିଛି। ଏହାଦ୍ୱାରା ଏହିସବୁ ବିଲ୍ ଆଗାମୀ ଦିନରେ ଆଇନରେ ପରିଣତ ହେବାକୁ ଯାଉଛି।

**ଲୋକସଭାରେ ନିର୍ବାଚନ କମିସନ ନିଯୁକ୍ତ ବିଲ୍, ପ୍ରେସ୍ ଆଣ୍ଡ ରେଜିଷ୍ଟ୍ରେସନ ବିଲ୍‌କୁ ମୋହର**

**ରାଜ୍ୟସଭାରେ ପାରିତ ହେଲା ୩ ଆପରାଧିକ ବିଲ୍**

**ଲୋକସଭାରୁ ପୁଣି ୩ ସାଂସଦ ନିଲମ୍ବିତ**

## ପୁଞ୍ଛରେ ସେନା ଗାଡ଼ି ଉପରେ ଆକ୍ରମଣ
## ୪ ଯବାନ ସହିଦ; ୩ ଗୁରୁତର

■ **ଶ୍ରୀନଗର, ୨୧।୧୨ (ଏଜେନ୍ସି):** ଜମ୍ମୁ-କାଶ୍ମୀରର ପୁଞ୍ଛର ଡେରା କି ଗଲି (ଡିକେଜି) ଅଞ୍ଚଳରେ ଗୁରୁବାର ଅପରାହ୍ଣରେ ଆତଙ୍କବାଦୀ ଆକ୍ରମଣ ହୋଇଛି। ଆତଙ୍କବାଦୀ ଚାରିପଟୁ ଘେରି ସେନାର ୨ ଗାଡ଼ି ଉପରେ ଗୁଳିଗୋଳା ମାଡ଼ କରିଛନ୍ତି। ଏହି ଆକ୍ରମଣରେ ୪ ଜଣ ଯବାନ ସହିଦ ହୋଇଛନ୍ତି। ୩ ଜଣ ଯବାନ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ଉକ୍ତ ଅଞ୍ଚଳରେ ଗୁଳିଗୋଳା ମାଡ଼ ଜାରି ରହିଛି। ଆତଙ୍କବାଦୀଙ୍କୁ ଧରିବା ପାଇଁ ଅତିରିକ୍ତ ସୁରକ୍ଷାବାହିନୀ ପଠା ଯାଇଛି। ମାସେ ଭିତରେ ଦ୍ୱିତୀୟ ଥର ପାଇଁ ଏହି କ୍ଷେତ୍ରରେ ଆକ୍ରମଣ ହୋଇଛି। ଏହା ପୂର୍ବରୁ ରାଜୌରି ଏନକାଉଣ୍ଟରରେ ୫ ଯବାନ ସହିଦ ହୋଇଥିଲେ।

ସୂଚନା ଅନୁଯାୟୀ ସେନାର ଦୁଇ ଗାଡ଼ି ଯବାନଙ୍କୁ ନେଇ ସୁରନକୋଟ ଏବଂ ବଫଲିୟାଜ ଅଞ୍ଚଳକୁ ଯାଉଥିଲା। ଏଠାରେ ବୁଧବାର ରାତିରୁ ତଲାସୀ ଅଭିଯାନ ଆରମ୍ଭ ହୋଇଥିଲା। ଯବାନ ଆତଙ୍କବାଦୀଙ୍କୁ ଘେରି ରହିଥିଲେ। ଏହି ଅଭିଯାନରେ ସାମିଲ ସୁରକ୍ଷାବାହିନୀ ସହ ଆଜି ଯୋଗାଯୋଗ ହୋଇ ପାରିଥିଲା। ପରେ ଉକ୍ତ ଅଞ୍ଚଳକୁ ଅତିରିକ୍ତ ସୁରକ୍ଷାବାହିନୀ ପଠାଯାଉଥିଲା। ▶ପୃଷ୍ଠା-୧୨



ଚାରିପଟୁ ଘେରି ଗୁଳିମାଡ଼ କରିଥିଲେ ଆତଙ୍କବାଦୀ

# ଚାଷୀ ମନରେ 'ପାଣି' ଖୁସି

## ୩୧୬୦ କୋଟି ଟଙ୍କାର ଜଳସେଚନ ପ୍ରକଳ୍ପର ଲୋକାର୍ପଣ ଓ ଭିତ୍ତି ସ୍ଥାପନକଲେ ମୁଖ୍ୟମନ୍ତ୍ରୀ





- ରାଜ୍ୟର ଚାଷୀ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ନୂଆବର୍ଷ ଉପହାର
- ଆନନ୍ଦପୁର ବୈତରଣୀ ବାମ ପାର୍ଶ୍ୱ କେନାଲ, ହଳଦିଆ ଡ୍ୟାମର ଲୋକାର୍ପଣ
- ଦ୍ୱିତୀୟ ପର୍ଯ୍ୟାୟ ସୁବର୍ଣ୍ଣରେଖା ପ୍ରକଳ୍ପ ଓ ଖଇରି ଭଣ୍ଡନ ବ୍ୟାରେଜର ଶିଳାନ୍ୟାସ
- ଜଳସେଚିତ ହେବ ୪ ଜିଲ୍ଲାର ୧,୧୨,୦୦୦ ହେକ୍ଟରରୁ ଊର୍ଦ୍ଧ୍ୱ ଜମି
- '୫-ଟି' ଅଧ୍ୟକ୍ଷଙ୍କ ଯଶିପୁର ଗସ୍ତବେଳେ ମିଳିଥିଲା ଖଇରୀ ଭଣ୍ଡନ ପ୍ରକଳ୍ପ ପ୍ରସ୍ତାବ
- ସାଧାରଣ ଲୋକଙ୍କ ପ୍ରସ୍ତାବର ୪ ମାସ ମଧ୍ୟରେ ଆରମ୍ଭ ହେଲା ପ୍ରକଳ୍ପ କାର୍ଯ୍ୟ

■ **ଭୁବନେଶ୍ୱର, ୨୧।୧୨ (ସମିସ):** ରାଜ୍ୟରେ ଜାରି ରହିଥିବା ସେଚ ବିପ୍ଳବରେ ସଂଯୋଗ ହୋଇଛି ଆଉ ଏକ ଅଧ୍ୟାୟ। ଚାଷୀ ପରିବାରର ହିତ ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ଆଉ ୧୧୨୦୦୦ ହେକ୍ଟର ଜମିକୁ ଜଳସେଚନ ନିମନ୍ତେ ପ୍ରସ୍ତୁତ କରିଛନ୍ତି କାର୍ଯ୍ୟକ୍ରମ। କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ୩୧୬୦ କୋଟି ଟଙ୍କା ଅଟକଳର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଗତ ୧୬ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପାର୍ବତୀ ଗିରି ବୃହତ ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ରମ ଅଧିନରେ ରାଜ୍ୟର ୧୩ଟି ଜିଲ୍ଲାରେ ୫୯ଟି ମେଗା ଲିଫ୍ଟ(ବୃହତ୍ ଉଠା ଜଳସେଚନ) ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ। ଏହିକ୍ରମରେ ଆଜି ମୁଖ୍ୟମନ୍ତ୍ରୀ ରାଜ୍ୟର ଚାଷୀଭାଇମାନଙ୍କୁ ଦେଇଛନ୍ତି ନୂଆବର୍ଷ ଉପହାର। ମୁଖ୍ୟମନ୍ତ୍ରୀ କୃଷକମାନଙ୍କୁ ରାଜ୍ୟ ଅର୍ଥନୀତିର ସାରଥୀ ଭାବରେ ଅଭିହିତ କରି ଆମର ଚାଷୀ ଭାଇଙ୍କ ସହିତ ମୁଁ ସବୁବେଳେ ରହିଛି ବୋଲି କହିଛନ୍ତି। ସେମାନଙ୍କ ପାଇଁ କାମ କରୁଛି ଓ କରି ଚାଲିଥିବି ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଆଜି ରାଜ୍ୟରେ ୪ଟି ଗୁରୁତ୍ୱପୂର୍ଣ୍ଣ ଜଳସେଚନ ▶ପୃଷ୍ଠା-୧୨

**ଆମ ଅର୍ଥନୀତିର ସାରଥୀ ଚାଷୀ ଭାଇଙ୍କ ସାଥିରେ ମୁଁ ସବୁବେଳେ ରହିଛି। ସେମାନଙ୍କ ପାଇଁ କାମ କରୁଛି ଓ କରୁଥିବି: ମୁଖ୍ୟମନ୍ତ୍ରୀ**

### ଜାନୁଆରୀ ୧୭ରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ
## ଶ୍ରୀଜଗନ୍ନାଥଙ୍କୁ ପହିଲି ନିମନ୍ତ୍ରଣ



■ **ପୁରୀ, ୨୧।୧୨ (ସମିସ):** ଆସନ୍ତା ଜାନୁଆରୀ ୧୭ ତାରିଖରେ ଲୋକାର୍ପିତ ହେବ ବହୁ ପ୍ରତୀକ୍ଷିତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ। ଏଥିପାଇଁ ଭବ୍ୟ ଆୟୋଜନ କରାଯାଉଥିବା ବେଳେ ପ୍ରସ୍ତୁତି ବି ଜୋର୍‌ଦାର ଚାଲିଛି। ତେବେ ଏହି ଲୋକାର୍ପଣ ଉତ୍ସବରେ ବିଶିଷ୍ଟ ବ୍ୟକ୍ତି ଏବଂ ଧର୍ମାନୁଷ୍ଠାନକୁ ନିମନ୍ତ୍ରଣ କରାଯିବ। ତେବେ କୌଣସି ଶୁଭ କାର୍ଯ୍ୟରେ ଅତିଥିମାନଙ୍କୁ ନିମନ୍ତ୍ରଣ ପୂର୍ବରୁ ପ୍ରଥମେ ବଡ଼ଠାକୁରଙ୍କୁ ନିମନ୍ତ୍ରଣ କରାଯିବା ଆମ ଓଡ଼ିଆ ପରମ୍ପରାରେ ରହିଆସିଛି। ଏହି ଆଧାରରେ ପ୍ରଥମେ ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନିମନ୍ତ୍ରଣ କରାଯାଇଛି। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରା ବାହାରି ବଡ଼ଦେଉଳକୁ ଯାଇ କଳାଠାକୁରଙ୍କୁ ନିମନ୍ତ୍ରଣ ହୋଇଛି। ଶ୍ରୀମନ୍ଦିର ପରିକ୍ରମାର ଲୋକାର୍ପଣ ସମ୍ପର୍କିତ ନିମନ୍ତ୍ରଣ ପତ୍ର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରୁ ବାହାରି ▶ପୃଷ୍ଠା-୧୨

**ଗୋବର୍ଦ୍ଧନ ପୀଠ ଶଙ୍କରାଚାର୍ଯ୍ୟଙ୍କୁ ନିମନ୍ତ୍ରଣ ପାଇଁ ମଧ୍ୟପ୍ରଦେଶ ଯିବେ ମୁଖ୍ୟ ପ୍ରଶାସକ**

**ଚାରିଧାମ, ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମୁଖ୍ୟ ଓ ନେପାଳ ରାଜାଙ୍କୁ ହେବ ନିମନ୍ତ୍ରଣ**

**ନିମନ୍ତ୍ରଣ ପାଇଁ ୨୬ ତାରିଖରୁ ଲିଙ୍ଗରାଜ ମନ୍ଦିରରୁ ଯାତ୍ରା ଆରମ୍ଭ କରିବ ଟିମ୍**

### ରାଜ୍ୟବାସୀଙ୍କ ସ୍ୱାସ୍ଥ୍ୟ ସଞ୍ଜୀବନୀ ବିଏସ୍‌କେୱାଇ
## ୧୬ ରାଜ୍ୟର ୮୧୬ ସୁପରସ୍ପେଶାଲିଟି ସ୍ୱାସ୍ଥ୍ୟକେନ୍ଦ୍ର ସାମିଲ

■ **ଭୁବନେଶ୍ୱର, ୨୧।୧୨ (ସମିସ):** ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ଗରିବ ଲୋକଙ୍କ ପାଇଁ ସାଜିଛି ସଞ୍ଜିବନୀ। ତେବେ ଏହାକୁ ଆହୁରି ପରିବ୍ୟାପ୍ତ କରି ସେବାକୁ ତ୍ୱରାନ୍ୱିତ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ଆରମ୍ଭ କରିଛି କାର୍ଯ୍ୟକ୍ରମ। ବିନା ବାଧାରେ ରାଜ୍ୟବାସୀଙ୍କୁ ସର୍ବୋତ୍ତମ ସ୍ୱାସ୍ଥ୍ୟ ସେବା ପାଇବେ ତାହା ଉପରେ ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ନିବଦ୍ଧ କରିଛି। ପରିଣାମ ସ୍ୱରୂପ ବିଏସ୍‌କେୱାଇରେ ନିର୍ଭରଶୀଳତା ବଢୁଛି ଆଉ ତା ସହିତ ତାଳ ଦେଇ ଭିତ୍ତିଭୂମି ମଧ୍ୟ ବଢ଼ିବାରେ ଲାଗିଛି। ଚଳିତ ବର୍ଷ ଡିସେମ୍ବର ସୁଦ୍ଧା ୮୧୬ଟି ସୁପରସ୍ପେଶାଲିଟି ଘରୋଇ ଡାକ୍ତରଖାନା ବିଏସ୍‌କେୱାଇ ଅନୁବନ୍ଧିତ ହୋଇଛନ୍ତି। ଗତବର୍ଷ ଉକ୍ତ ସମୟ ତୁଳନାରେ ଅନୁବନ୍ଧିତ ଡାକ୍ତରଖାନା ହାର ୪୩.୪୦% ଅଧିକ। ଏହି ଘରୋଇ ଡାକ୍ତରଖାନା ସହିତ ପ୍ରାୟ ୮୫୩୦ ସରକାରୀ ଡାକ୍ତରଖାନାରେ ରୋଗୀଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ସୁନିଶ୍ଚିତ କରାଯାଉଛି। ଅପରପକ୍ଷେ ବିଏସ୍‌କେୱାଇରେ ହିତାଧିକାରୀଙ୍କ ଚିକିତ୍ସା ବାବଦ ଖର୍ଚ୍ଚରେ ୨୦୭% ଅଭିବୃଦ୍ଧି ହୋଇଛି।

ସୂଚନା ଅନୁସାରେ ୮୧୬ଟି ଘରୋଇ ଡାକ୍ତରଖାନା ମଧ୍ୟରୁ ୧୬୦ଟି ଆନ୍ଧ୍ର ପ୍ରଦେଶ, ଆସାମ, ତେଲେଙ୍ଗାନା, କର୍ଣ୍ଣାଟକ, ଦିଲ୍ଲୀ, ଗୁଜୁରାଟ, ମହାରାଷ୍ଟ୍ର, ପଶ୍ଚିମ ବଙ୍ଗ, ଛତିଶଗଡ଼, ଝାଡ଼ଖଣ୍ଡ, ପଞ୍ଜାବ, ହରିୟାନା, ରାଜସ୍ଥାନ, ତାମିଲନାଡୁ, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ ଆଦି ୧୬ଟି ରାଜ୍ୟରେ ଅବସ୍ଥିତ। ସେହିପରି ଓଡ଼ିଶାର ବିଭିନ୍ନ ▶ପୃଷ୍ଠା-୧୨




**୮୫୩୦ ସରକାରୀ ଡାକ୍ତରଖାନାରେ ମିଳୁଛି ଗୁଣାତ୍ମକ ସ୍ୱାସ୍ଥ୍ୟସେବା**

**ଚଳିତ ବର୍ଷ ଚିକିତ୍ସିତ ରୋଗୀସଂଖ୍ୟା ୧୩ ଲକ୍ଷ ଟପିବା ସମ୍ଭାବନା**

**ଘରୋଇ ଡାକ୍ତରଖାନାରେ ସେବା ଖର୍ଚ୍ଚ ୧୦୭ ପ୍ରତିଶତ ବୃଦ୍ଧି**

### କଟକରେ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ '୫-ଟି' ଅଧ୍ୟକ୍ଷ
## ଏସ୍‌ସିବି ସମ୍ପ୍ରସାରଣ କାର୍ଯ୍ୟ ତ୍ୱରାନ୍ୱିତ ନିର୍ଦ୍ଦେଶ

■ **କଟକ,୨୧।୧୨(ସମିସ):** '୫-ଟି' ଏବଂ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଗୁରୁବାର ସନ୍ଧ୍ୟାରେ କଟକ ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏସ୍‌ସିବି ମେଡିକାଲ ସମ୍ପ୍ରସାରଣ ପ୍ରକଳ୍ପ ସ୍ଥଳକୁ ଯାଇ ଓବିସିସିର ବରିଷ୍ଠ ଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଉଭୟ କ୍ଲିନିକାଲ ଏବଂ ଆବାସିକ କୋଠା ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକ ସ୍ଥଳେ ନିର୍ମାଣ କାର୍ଯ୍ୟରେ ଲୋକବଳ ବୃଦ୍ଧି କରିବାକୁ ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ ପରାମର୍ଶ ଦେଇଥିଲେ। ପରେ ତାଳଦଣ୍ଡା କେନାଲ ସମ୍ପ୍ରସାରଣ କାର୍ଯ୍ୟ, କଟକ ଚଣ୍ଡୀ ମନ୍ଦିର ରୂପାନ୍ତରଣ କାର୍ଯ୍ୟ ଏବଂ ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ▶ପୃଷ୍ଠା-୧୨

**ଚଣ୍ଡୀ ମନ୍ଦିର ପରିସର ହେବ ଆଧ୍ୟାତ୍ମିକ ଅନୁଭବର ପରିବେଶ**

**ପୁନରୁଦ୍ଧାର ହେବ ରେଭେନ୍ସା ବାଳିକା ବିଦ୍ୟାଳୟ ଐତିହ୍ୟ କୋଠା**



## ଲୋକକଥା



ସର୍ବାଙ୍ଗ ସୁନ୍ଦର ଓଡ଼ିଶା ଗଠନ
ପ୍ରକ୍ରିୟା କରୁଛି ଗତି,
ସବୁକୁ ସୁଲଭ ସୁବିଧା ସୁଯୋଗ
କରିବା ସର୍କାର ନୀତି।
ରାଜ୍ୟ ହେବ ମାଓମୁକ୍ତି,
ଗରିବୀ-ବେକାରୀ ଦୂର ହୋଇଯିବ
ବଦଳିବ ପରିସ୍ଥିତି !!

## ରାଜ୍ୟ ବିଜେପି ଗଳାରେ କଣ୍ଟା ଶ୍ରୀମନ୍ଦିର ବିକାଶ: ବିଜେଡି

■ **ଭୁବନେଶ୍ୱର, ୨୧।୧୨ (ସମିସ):** ଓଡିଶା ବିଜେପି ନେତାମାନେ କୌଣସି ଭଲ କାମକୁ ସହି ପାରନ୍ତି ନାହିଁ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସେମାନଙ୍କୁ ସ୍ୱାଭାବିକ ଭାବରେ ଅସହ୍ୟ ଲାଗୁଛି। ମହାପ୍ରଭୁଙ୍କ ଶ୍ରୀମନ୍ଦିର ପରିକ୍ରମା ପକଳ୍ପକୁ ରାଜ୍ୟରୁ ଜାତୀୟ ସ୍ତରରେ ସଭିଏଁ ପ୍ରଶଂସା କରୁଛନ୍ତି। ବିଶ୍ୱର କୋଣ ଅନୁକୋଣରେ ଶ୍ରୀଜଗନ୍ନାଥଙ୍କ ଭକ୍ତ ଓ ଶ୍ରଦ୍ଧାଳୁ ଖୁସି ହେଉଛନ୍ତି। କିନ୍ତୁ ଓଡ଼ିଶା ବିଜେପି ନେତାଙ୍କୁ ଏହି ପ୍ରକଳ୍ପ କାର୍ଯ୍ୟ, ଭକ୍ତଙ୍କ ଖୁସି ହଜମ ହେଉନାହିଁ। ଓଡ଼ିଶାର ପ୍ରଶଂସା ଶୁଣି ସେମାନଙ୍କ ନିଦ ହଜି ଯାଇଛି। ସେଥିପାଇଁ ରାଜ୍ୟ ବିଜେପି ନେତା ଡାହା ମିଛ କହି କୁତ୍ସାରଟନା କରିବାରେ ଲାଗି ପଡ଼ିଛନ୍ତି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଭିଡିଓକୁ ନେଇ ଗୁରୁବାର ରାଜ୍ୟ ବିଜେପି କରିଥିବା ସାମ୍ବାଦିକ ସମ୍ମିଳନୀ ଓଡ଼ିଶାକୁ ଅପମାନିତ କରିବାର ଜ୍ୱଳନ୍ତ ଉଦାହରଣ ବୋଲି କହିଛି ବିଜେଡି।

ଶଙ୍ଖ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ସ୍ୱୟମ୍ ପ୍ରକାଶ ମହାପାତ୍ର କହିଛନ୍ତି ଯେ ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପର ସଫଳତାକୁ ଓଡ଼ିଶା ବିଜେପି ନେତାମାନେ ସହିପାରୁ ନାହାନ୍ତି। ଶ୍ରୀମନ୍ଦିର ପ୍ରକଳ୍ପ ହେଉ ଅବା ରାଜ୍ୟ ପାଇଁ ସଫଳତା ଆଣୁଥିବା କୌଣସି ବି ପ୍ରସଙ୍ଗରେ ଗୌରବାନ୍ୱିତ ହେବା ବଦଳରେ ରାଜ୍ୟ ବିଜେପି ନେତା ଇର୍ଷାନ୍ୱିତ ହୋଇ ଉଠୁଛନ୍ତି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରୁଥିବା ବିକାଶମୂଳକ କାର୍ଯ୍ୟ ଦେଖି ସେମାନେ ଅସହିଷ୍ଣୁ ହୋଇ ପଡ଼ିଛନ୍ତି। ▶ପୃଷ୍ଠା-୧୨



- **ପରିକ୍ରମା ପ୍ରକଳ୍ପର ସଫଳତା ବିଜେପି ନେତାଙ୍କ ନିଦ ହଜାଇ ଦେଇଛି**
- **ସଫଳତାରେ ରାଜ୍ୟ ସରକାରଙ୍କୁ ପ୍ରଶଂସା କରିବାରେ ବିଜେପି କୁଣ୍ଠିତ**
- **ଭିଡିଓକୁ ନେଇ ମିଛର ପାହାଡ଼ ତିଆରି କରୁଛନ୍ତି ବିଜେପି ନେତା**
- **କଥିତ ଭିଡ଼ିଓ ଶ୍ରୀମନ୍ଦିର ନୁହେଁ, ରାଧାବଲ୍ଲଭ ମଠରେ ପ୍ରସ୍ତୁତ ହୋଇଛି**

## ଶିମିଳିପାଳରେ ଶୂନ ଡିଗ୍ରୀ

■ **ବାରିପଦା/କରଞ୍ଜିଆ, ୨୧।୧୨ (ସମିସ):** ଶୀତର ପ୍ରକୋପ ବୃଦ୍ଧି ପାଉଥିବା ବେଳେ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ସର୍ବନିମ୍ନ ତାପମାତ୍ରା ୦ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଛି। ଏ ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ରିପୋର୍ଟ ଅନୁଯାୟୀ, ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଥିବା ଉପର ବାରାହା କାମୁଡ଼ାରେ ସର୍ବନିମ୍ନ ୦ ଡିଗ୍ରୀ ତାପମାତ୍ରା ଛୁଇଁଛି। ସେହିପରି ନଅଣାରେ ୬ଡିଗ୍ରୀ, ଗୁଡୁଗୁଡ଼ିଆରେ ୭ଡିଗ୍ରୀ, ବରେହିପାଣିରେ ୯ଡିଗ୍ରୀ, କିଆଝରିରେ ୧୧ଡିଗ୍ରୀ ଏବଂ ରାମତୀର୍ଥରେ ୧୧ଡିଗ୍ରୀ ରହିଥିବା ରେକର୍ଡ କରାଯାଇଛି। କିଛିଦିନ ହେଲା ପ୍ରବଳ ଥଣ୍ଡାର ଅନୁଭୂତ ହେଉଥିବା ବେଳେ ସନ୍ଧ୍ୟା ହେଲେ ଗାଁରୁ ସହର ସବୁଠି ରାସ୍ତାଘାଟ ଶୂନଶାନ ହୋଇଯାଉଛି। ଶୀତରୁ ରକ୍ଷା ପାଇବା ଲାଗି ଲୋକେ ନିଆଁ ଜାଳି ଘଣ୍ଟା ଘଣ୍ଟା ଧରି ବସି ରହୁଛନ୍ତି। ଶିମିଳିପାଳ ଅଭୟାରଣ୍ୟର ପର୍ବତମାଳାର ଅନେକ ସ୍ଥାନରେ ପ୍ରବଳ ଜାଡ଼ କାରଣରୁ ସକାଳୁ ତୁହିନ ଆସ୍ତରଣ ଦେଖିବାକୁ ମିଳିଛି। ଅଭୟାରଣ୍ୟର ନିଷିଦ୍ଧାଞ୍ଚଳରେ ତାପମାତ୍ରା ହ୍ରାସ ଯୋଗୁଁ ରାତିରେ ଘାସ, ଗଛଲତା ଉପରେ ପଡ଼ିଥିବା କାକର ବିନ୍ଦୁ ଜମାଟ ବାନ୍ଧି ତୁହିନର ▶ପୃଷ୍ଠା-୧୨



ବିଭିନ୍ନ ସ୍ଥାନରେ ତୁଷାରପାତ



କୁସ୍ତି ଛାଡ଼ିଲେ ସାକ୍ଷୀ ମଲ୍ଲିକ

କ୍ରୀଡ଼ା ପୃଷ୍ଠାରେ...


- RNI REGD NO: 42041/83
- www.sakalaepaper.com
- /thesakalanews
- /TheSakala
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 41 ISSUE-177 BHUBANESWAR FRIDAY 22 DECEMBER 2023 PAGE-16 ₹ 6.00

ବର୍ଷ-୪୧ ସଂଖ୍ୟା-୧୭୭ ଭୁବନେଶ୍ୱର ଶୁକ୍ରବାର ୨୨ ଡିସେମ୍ବର ୨୦୨୩ ପୃଷ୍ଠା-୧୬ ଟ.୬.୦୦



DSPL-475

ODISHA NEW OPPORTUNITIES | 5T | ଆମ ଓଡ଼ିଶା ନବୀନ ଓଡ଼ିଶା



ODISHA
THE ALUMINIUM CAPITAL OF INDIA.

*"With the implementation of the Long-term Linkage Policy for Minerals – 2023, Odisha has positioned itself as the investors' preferred destination for sustainable industrial growth".*

(Naveen Patnaik)
Chief Minister, Odisha

The Hon'ble Chief Minister's vision of rapid industrialization in Odisha is being realised through faster grounding of industrial projects.

## GROUND BREAKING

2 MTPA Alumina Refinery & Apparel Manufacturing unit of **Aditya Birla Group** at **Kanshariguda, Rayagada.**

**On 22nd December 2023**

by

**Shri Naveen Patnaik**
Hon'ble Chief Minister

### PROJECT DETAILS

**Aditya Alumina Refinery at Kanshariguda, Rayagada**
Investment **8000 cr** | Employment **4000**

**Apparel Manufacturing Unit at Phuljuba, Rayagada**
Investment **114 cr** | Employment **3000**

COME. JOIN THE JUGGERNAUT.

For more information on Long-term Linkage Policy for Minerals please contact:
**Kalyan Charan Mohanty**
Executive Director IPICOL
94372 29029 | kalyancmohanty@investodisha.org

E-mail us at: info@investodisha.org | Toll Free Number: 1800 345 7111
For further information please visit http://www.investodisha.gov.in/

Follow us on @investInOdisha /InvestOdisha

ScarecrowM&CSaatchi/2023/Dec

OIPR-14005/13/0034/2324

## ଭଦ୍ରକ ମହୋତ୍ସବ ଓ ପୁସ୍ତକମେଳାର ଷଷ୍ଠ ସନ୍ଧ୍ୟା

# 'ଭଦ୍ରକର କଥାସାହିତ୍ୟ ଓଡ଼ିଆ ସାରସ୍ୱତ ଜଗତକୁ କରିଛି ସମୃଦ୍ଧ'



**ଭଦ୍ରକ,୨୧।୧୨(ସମିସ)**

କାନ୍ତକବି ଲକ୍ଷ୍ମୀକାନ୍ତଙ୍କ 'ବୁଢ଼ା ଶଙ୍ଖାରୀ' ଏବେବି ଓଡ଼ିଆ ଜନମାନସରେ ସତେଜ ରହିଛି। କାନ୍ତକବିଙ୍କ ପରି ଭଦ୍ରକର ବହୁ ସାରସ୍ୱତ ସାଧକଙ୍କ କଥାସାହିତ୍ୟ ଓଡ଼ିଆବାଣୀ ଭଣ୍ଡାରକୁ ବୈଭବମୟ କରିବା ସହିତ ଓଡ଼ିଆ ସାରସ୍ୱତ ଜଗତକୁ ସମୃଦ୍ଧ କରିଛି ବୋଲି ଭଦ୍ରକ ସହର ମଠସାହି ସ୍ଥିତ ଗୋପାଳଜୀୟୁ ମଠପଡ଼ିଆଠାରେ ଭଦ୍ରକ ମହୋତ୍ସବ ଓ ପୁସ୍ତକମେଳା ଟ୍ରଷ୍ଟ ଦ୍ୱାରା ଆୟୋଜିତ ତଥା ଅବନ୍ତିକା ଆବାସିକ ମହାବିଦ୍ୟାଳୟ, ଚରମ୍ପା ଦ୍ୱାରା ପ୍ରାୟୋଜିତ ଦଶମ ଭଦ୍ରକ ମହୋତ୍ସବ ଓ ପୁସ୍ତକମେଳାର ଷଷ୍ଠ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଜାତୀୟକବି ବାଞ୍ଛାନିଧି ମହାନ୍ତିଙ୍କ ନାମରେ ଏହି ସାରସ୍ୱତ ସନ୍ଧ୍ୟାରେ ଅନୁଷ୍ଠିତ ଆସରରେ ମହୋତ୍ସବ ଓ ପୁସ୍ତକମେଳାର ଆବାହକ ନିହାର ରଞ୍ଜନ କର ପୌରୋହିତ୍ୟ କରିଥିଲେ। ସଭାପତି ଇଂ.ଅଭୟ ସୂତାର ସଂଯୋଜନା କରିଥିଲେ। ଭଦ୍ରକ ଜିଲ୍ଲା ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ ମୁଖ୍ୟଅତିଥି, ଆସିଷ୍ଟାଣ୍ଟ କଲେକ୍ଟର ସୁଧାଂଶୁ ମୋହନ ସ୍ୱାଇଁ ବିଶିଷ୍ଟ ଅତିଥି, କଥାକାର ପବିତ୍ର ପାଣିଗ୍ରାହୀ ମୁଖ୍ୟବକ୍ତା, ଡ. ରମାକାନ୍ତ ନାୟକ, ଓରିଏଣ୍ଟ ପବ୍ଲିସର୍ସର ପରିଚାଳନା ନିର୍ଦ୍ଦେଶକ ମନୋରଞ୍ଜନ ଦାଶ, ମଞ୍ଜୁଳ ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଭାଗବତ ପ୍ରସାଦ ମହାଳିକ, ତେଜସ୍ୱିନୀ ମହିଳା ସଂଗଠନର ସମ୍ପାଦିକା ସୁଶ୍ରୀ ଅଞ୍ଜନା ମିଶ୍ର, ପ୍ରଧାନ ଶିକ୍ଷୟିତ୍ରୀ ଜାନକୀ ପାଢ଼ୀ, କଣ୍ଠଶିଳ୍ପୀ ଓ ସଂଗୀତ ନିର୍ଦ୍ଦେଶକ ରାମନାରାୟଣ ମହାନ୍ତି ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ତଥା କବୟିତ୍ରୀ ସରୋଜିନୀ ସାହୁ ସ୍ୱାଗତ ଭାଷଣ, ବୈକୁଣ୍ଠ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ରବିନାରାୟଣ ଖୁଲାର ଧନ୍ୟବାଦ ଅର୍ପଣ କରିଥିଲେ। ବିଶିଷ୍ଟ କଳାକାର କାଳନ୍ଦୀ ମଲ୍ଲିକ ବେଦପାଠ ଓ ସ୍ୱାଗତ ସଂଗୀତ ପରିବେଷଣ କରିଥିବା ବେଳେ ମହେଶ୍ୱର ପଲାଇ ମଞ୍ଚ ପରିଚାଳନା କରିଥିଲେ।

## ଜଳିଗଲା ୨ ବଖରା

**ଦୋବଲ,୨୧।୧୨(ସମିସ):** ମୁସ୍ତାଫାପୁର ପଞ୍ଚାୟତ ଦୋବଲସାହିରେ ଗୁରୁବାର ଅଗ୍ନିକାଣ୍ଡ ଘଟି ଗ୍ରାମର ସେକ ଆୟର କାଦରୀଙ୍କ ୨ ବଖରା ଘର ଜଳିଯାଇଛି। ଏଥିରେ ଗୋଟିଏ ବାଇକ୍ ଏବଂ ଗୃହ ଆସବାବପତ୍ର ପୋଡ଼ି ଯାଇଛି। ଖବରପାଇ ଧାମନଗର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ।

## ଚାକିରି ଦେବା ନାମରେ ଠକେଇ ଅଭିଯୋଗ

**ଭଣ୍ଡାରିପୋଖରୀ,୨୧।୧୨(ସମିସ):** ଭଣ୍ଡାରିପୋଖରୀ ଥାନା ମଣିନାଥପୁର ଗ୍ରାମର ସରୋଜ କୁମାର ବେଉରିଆଙ୍କୁ ଚାକିରି କରାଇଦେବା ନାମରେ ଅର୍ଥ ଠକି ନେଇଥିବା ଅଭିଯୋଗ ଗୁରୁବାର ଥାନାରେ ହୋଇଛି। ବଲାଙ୍ଗିର ମୁଲତାନି ଫାର୍ମାସୁଟିକାଲ ପ୍ରାଇଭେଟ ଲିମିଟେଡ କମ୍ପାନିରେ ଚାକିରି କରାଇଦେବା ଆଶା ଦେଖାଇ ଭଦ୍ରକ ଅଞ୍ଚଳର ଶମ୍ଭୁନାଥ ତରାଇ, ଯାଜପୁର ଜିଲ୍ଲା ସୁକିନ୍ଦା ଥାନା ହାତୀବାରି ଗ୍ରାମର ରାଜେଶ କୁମାର ଦଳାଇ ଓ ଭଦ୍ରକ ଅଞ୍ଚଳର ଶୁଭ୍ରାଂଶୁ କୁମାର ନାୟକ ଗତ ସେପ୍ଟେମ୍ବର ୨୭ ତାରିଖରୁ ବିଭିନ୍ନ ସମୟରେ ୧୪,୯୫୦ ଟଙ୍କା ହାତେଇ ନେବା ପରେ ଆଉ ଧରାଛୁଆଁ ଦେଇନଥିଲେ କି ଅର୍ଥ ଫେରାଇନଥିଲେ। ଫଳରେ ଠକାମିର ଶିକାର ହୋଇଥିବା ଯୁବକ ଆଜି ଥାନାର ଦ୍ୱାରସ୍ଥ ହୋଇଥିବା ଜଣାଯାଇଛି। ରିପୋର୍ଟ ପ୍ରସ୍ତୁତ ପର୍ଯ୍ୟନ୍ତ ଥାନାରେ ଏଥିନେଇ କୌଣସି ମାମଲା ରୁଜୁ ହୋଇନଥିବା ଜଣାଯାଇଛି।

## ବାସ୍କେଟବଲ ପ୍ରତିଯୋଗିତା ପାଇଁ କଟକ ଗସ୍ତ



**ଭଦ୍ରକ,୨୧।୧୨(ସମିସ):** କଟକ ବାରବାଟୀ ଷ୍ଟାଡିୟମ କମ୍ପ୍ଲେକ୍ସ ଠାରେ ଆରମ୍ଭ ହେବାକୁ ଥିବା ରାଜ୍ୟସ୍ତରୀୟ ବାସ୍କେଟବଲ ପ୍ରତିଯୋଗିତା ପାଇଁ ଭଦ୍ରକ ଜିଲ୍ଲା ତାର ଖେଳାଳିମାନଙ୍କ ନାମ ଘୋଷଣା କରିଛି। ବାଳକ ସିଦ୍ଧାର୍ଥ ମହାନ୍ତି, ଧର୍ମଶେ ନାରାରାଣ ସାହୁ , ଡିପି ଅସ୍ମିତ, ରାହୁଲ ପଣ୍ଡା, ଅଭିଷେକ ପଣ୍ଡା, ଆୟୁଷ୍ମାନ ନାୟକ, ସତ୍ୟଜିତ୍ କର, ଇଫତେଖର ରାଫି ଖାନ୍, ଲକ୍ଷ୍ମୀନାରାୟଣ ପଣ୍ଡା, ବରୁଣ କୁମାର ସାହୁ ଏହି ଖେଳାଳୀଙ୍କ ସହିତ କୋଚ୍ ଏବଂ ମେନେଜର ଭାବରେ ମନୋଜ କୁମାର ସାହୁ ଏବଂ ପୁରୁଷୋତ୍ତମ ମିଶ୍ର ଯାତ୍ରା କରିଛନ୍ତି। ଏହି ଖେଳାଳିକୁ ଭଦ୍ରକ ଜିଲ୍ଲା ଆଥଲେଟିକ ଆସୋସିଏସନର ସଂପାଦକ ଧିରେନ ପଲାଇ ଶୁଭେଚ୍ଛା ଜଣାଇବା ସହିତ ଶୁଭକାମନା ଜଣାଇଛନ୍ତି।

## ଟେନିକୋଏଟ୍ ପ୍ରତିଯୋଗିତା ପାଇଁ ଦଳ ଘୋଷିତ



**ଭଦ୍ରକ,୨୧।୧୨(ସମିସ):**କଳାହାଣ୍ଡି ବିଜୁ ପଟ୍ଟନାୟକ ଷ୍ଟାଡିୟମଠାରେ ଆରମ୍ଭ ହେବାକୁ ଥିବା ରାଜ୍ୟସ୍ତରୀୟ ଟେନିକୋଏଟ୍ ପ୍ରତିଯୋଗିତା ପାଇଁ ଭଦ୍ରକ ଜିଲ୍ଲା ତାର ଖେଳାଳିମାନଙ୍କ ନାମ ଘୋଷଣା କରିଛି। ବାଳକ-ପିୟୁଷ ପ୍ରିତମ ଡିକ୍ସିଟ୍, ଡିଏସ୍ ଅସ୍ମିନ ତନ୍ତି, ଅଭୟ ସ୍ୱାଇଁ, ତନ୍ମୟ ସାହୁ, ବିଶ୍ୱଜିତ୍ ରାଉତ, ସୂର୍ଯ୍ୟ ନାରାୟଣ ସେନାପତି, ବାଳିକା-ଖୁସି କୁମାରୀ ଶାହାଣୀ, ମାମାଲି ସାହୁ, ସ୍ୱର୍ଣ୍ଣମୁଦ୍ରା ବିଶ୍ୱାଳ, ଲକ୍ଷ୍ମୀପ୍ରୀୟା ମୁଦୁଲି, ସୋନାଲି ବେହେରା, ଚାନ୍ଦିନୀ ଦାସ। ଏହି ଖେଳାଳିଙ୍କ ସହିତ କୋଚ୍, ସହକାରୀ କୋଚ୍ ଏବଂ ମେନେଜର ଭାବରେ ନାରାୟଣ ବେହେରା, ରାଜକିଶୋର ଦାସ, ସୁଇଟ୍ ସ୍ମିତା ଜେନା, ସ୍ମୃତିରେଖା ସେଠୀ ଯାତ୍ରା କରିଛନ୍ତି ଏହି ଖେଳାଳୀକୁ ଭଦ୍ରକ ଜିଲ୍ଲା ଟେନିକଟ ଆସୋସିଏସନରସଂପାଦକମନୋଜକୁମାରସାହୁ, ସଭାପତି ଗୋଲକ ନାୟକ, ଟ୍ରେଜର ଚନ୍ଦନ ଦେ ଏବଂ ମେମ୍ବର ସୁବାସ ଡିକ୍ସିଟ, ଭବେଶ ଦାଶ, ରାଜତିଲକ ସ୍ୱାଇଁ ସହିତ ଅନ୍ୟ ମେମ୍ବରମାନେ ଶୁଭେଚ୍ଛା ଜଣାଇବା ସହିତ ଖେଳାଳିମାନଙ୍କୁ ଶୁଭକାମନା ଜଣାଇଛନ୍ତି।

## ସଡ଼କ ସୁରକ୍ଷା ଅଭିଯାନ

**ଭଣ୍ଡାରିପୋଖରୀ,୨୧।୧୨(ସମିସ):** ଭଣ୍ଡାରିପୋଖରୀ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ ଛାତ୍ରଛାତ୍ରୀ ଗୁରୁବାର ଅଧ୍ୟକ୍ଷ ଭରତ ଚନ୍ଦ୍ର କରଣଙ୍କ ନେତୃତ୍ୱରେ ସଡକ ସୁରକ୍ଷା ସଚେତନତା ଅଭିଯାନରେ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ପୁଲିସ ଏସ୍ଆଇ ସ୍ନେହପ୍ରଭା ସାହୁ ଅଭିଯାନକୁ ଉଦ୍‌ଘାଟନ କରି ବିନା ହେଲମେଟରେ ବାଇକ୍ ଚାଳନା, ନିଶା ସେବନ କରି ବାରିକ ଚଳାଇବା ସହ ଟ୍ରାଫିକ ନିୟମକୁ ଅବଜ୍ଞା କରିବା ଦ୍ୱାରା ବହୁ ଜୀବନ ବିପଦାପନ୍ନ ହେଉଥିବାରୁ ଯୁବବର୍ଗ ଏଥିପ୍ରତି ସଚେତନ ରହିବାକୁ ପରାମର୍ଶ ଦେଇଥିଲେ। ପୁଲିସ କର୍ମଚାରୀ ସଙ୍ଗୀତା ପଡିହାରୀ, ମନ୍ତ୍ରୀ ମାଝୀ, ସନ୍ତୋଷ ସେଠୀ ପ୍ରମୁଖ ସଡ଼କ ସୁରକ୍ଷା ସମ୍ପର୍କରେ ବହୁ ଉପାଦେୟ ବକ୍ତବ୍ୟ ରଖିଥିଲେ। ଛାତ୍ରଛାତ୍ରୀ ଥାନାଛକରେ ବିନା ହେଲମେଟରେ ଗାଡିଚଳାଉଥିବା ବ୍ୟକ୍ତିମାନଙ୍କୁ ଫୁଲତୋଡା ଦେବା ସହ ହେଲମେଟ ପିନ୍ଧା ବ୍ୟକ୍ତିଙ୍କୁ ଚନ୍ଦନ ସହ ଗୋଲାପ ଫୁଲ ଦେଇଥିଲେ। ସମନ୍ୱିତ ଯୁବ ବିକାଶ ଯୋଜନା ଅଧିନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ପରିଚୟ ଅଧାପକ ଆନନ୍ଦ ଚନ୍ଦ୍ର ନାୟକ, ହରିହର ସାହୁ ଉଦ୍ଦେଶ୍ୟଜ୍ଞାପନ ଓ ଅନନ୍ତ କିଶୋର ମହାପାତ୍ର ଧନ୍ୟବାଦ ଦେଇଥିଲେ। ଅଧାପିକା ଗୀତାଞ୍ଜଳୀ ଦାସ, ମମିତରାଣୀ ନାୟକ, ଶ୍ରାବଣୀ ଦାଶ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଲରେ ଜଳିଗଲା ଧାନକଟା ମେସିନ

**ତିହିଡ଼ି,୨୧।୧୨(ସମିସ):** ବିଲରେ ଧାନ ଅମଳ କରୁଥିବା ସମୟରେ ଏକ ଧାନପିଟା ମେସିନ ଜଳିଯିବା ଘଟଣା ସଂପ୍ରତି ଆଲୋଚନାର ବିଷୟ ହୋଇଛି। ଅଭିଯୋଗ ଅନୁଯାୟୀ କମାରିଆ ଅଞ୍ଚଳର ଇନ୍ଦ୍ରମଣି ରାଉଳଙ୍କର ଏକ କୁବୋଟା ଧାନ କଟା ମେସିନ ନିକଟସ୍ଥ ସଦରବଳିଆ ମୌଜାରେ କାଳିନ୍ଦୀ ଦାସଙ୍କ ଧାନ ଅମଳ କରୁଥିବା ବେଳେ ହଟାତ ନିଆଁ ଲାଗିଯାଇଥିଲା। ଫଳରେ ମେସିନଟି ସଂପୂର୍ଣ୍ଣ ନଷ୍ଟ ହୋଇଯିବା ସହ ଧାନ ମଧ୍ୟ ପୋଡ଼ିଯାଇଛି। ଦେଖିବା ପାଇଁ ଦୁର୍ଘଟଣା ସ୍ଥଳରେ ପ୍ରବଳ ଭିଡ଼ ହୋଇଥିଲା।

## ଜିଲ୍ଲାସ୍ତରୀୟ କର୍ମଶାଳା ଓ ସଚେତନତା ଶିବିର

**ଭଦ୍ରକ,୨୧।୧୨(ସମିସ):** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ଦିନିକିଆ ଜିଲ୍ଲାସ୍ତରୀୟ କର୍ମଶାଳା ଓ ସଚେତନତା ଶିବିର ଜିଲ୍ଲା ଶିଳ୍ପ କେନ୍ଦ୍ର ଭଦ୍ରକ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ପ୍ରଧାନମନ୍ତ୍ରୀ ଅଣୁ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ସଂଗଠିକରଣ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। କର୍ମଶାଳାରେ ଭଦ୍ରକ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଧ୍ୟକ୍ଷତା କରିଥିଲେ। ଉକ୍ତ କର୍ମଶାଳାରେ ପ୍ରକଳ୍ପ ନିର୍ଦ୍ଦେଶକ ଜିଲ୍ଲା ସହରାଞ୍ଚଳର ଉନ୍ନୟନ ସଂସ୍ଥା, ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ, ସାଧାରଣ ପରି.ଳକ ଜିଲ୍ଲା ଶିଳ୍ପ କେନ୍ଦ୍ର ଓ ଶିଳ୍ପ ନିର୍ଦ୍ଦେଶାଳୟରୁ ଆସିଥିବା ଏସ୍ପିଏମ୍‌ୟୁର ଦିନେଶ୍ କୁମାର ଗୁପ୍ତା ଓ ପ୍ରକାଶ ଚନ୍ଦ୍ର ଶୁକ୍ଲା ଜିଲ୍ଲାର କୃଷି, ପଶୁପାଳନ, ମତ୍ସ୍ୟ ବିଭାଗର ଅଧିକାରୀଗଣ, ବ୍ୟାଙ୍କ ଅଧିକାରୀଗଣ, ସାମ୍ବାଦିକ ବନ୍ଧୁ ତଥା ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପର ହିତାଧିକାରୀ, ଡିଆରପିମାନେ ଯୋଗଦାନ କରିଥିଲେ। ପ୍ରଥମେ ଜିଲ୍ଲା ଶିଳ୍ପକେନ୍ଦ୍ରର ସାଧାରଣ ପରି.ଳକ କର୍ମଶାଳାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ତତ୍‌ପରେ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଅଧ୍ୟକ୍ଷ ସେମାନଙ୍କର ଅଭିଭାଷଣ ରଖିଥିଲେ। ଏସ୍ପିଏମ୍‌ୟୁରୁ ଆସିଥିବା ଶ୍ରୀ ଗୁପ୍ତା ଓ ଶ୍ରୀ ଶୁକ୍ଲା ପିପିଟି ମାଧ୍ୟମରେ ଏହି ଯୋଜନାକୁ ବିସ୍ତୃତଭାବେ ଆଲୋଚନା କରିଥିଲେ। ଉକ୍ତ କର୍ମଶାଳାରେ ବିଭିନ୍ନ ବ୍ଲକ ଓ ସହରାଞ୍ଚଳରୁ ୧୨୩ ଜଣ ହିତାଧିକାରୀ ଯୋଗଦାନ କରିଥିଲେ। ଉକ୍ତ କର୍ମଶାଳା ଜିଲ୍ଲା ଶିଳ୍ପ କେନ୍ଦ୍ରର ଶିଳ୍ପ ବିଭାଗ ଅଧିକାରୀ ଶଶିଶେଖର ବେହେରା ସଭା ପରି.ଳନା କରିଥିଲେ। ଓ ଶେଷରେ ଶିଳ୍ପ ବିଭାଗ ଅଧିକାରୀ ବିଶ୍ୱଜିତ୍ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଖଣ୍ଡଳମଣିଙ୍କ ମନ୍ଦିରରେ ଗୀତାଯଜ୍ଞ

**ଆରଡି,୨୧।୧୨(ସମିସ):** ଆରଡିପୀଠ ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ସପ୍ତଦିନ ବ୍ୟାପି ଗୀତାଯଜ୍ଞ ଅନୁଷ୍ଠିତ ହେଉଛି। ଗତ ବୁଧବାର ଠାରୁ ରୀତିନୀତି ଅନୁଯାୟୀ ଆରମ୍ଭ ହୋଇଛି ଯଜ୍ଞ ଭୋର ୪ଟାରେ ମନ୍ଦିର ଦ୍ୱାରଫିଟା ନୀତି ସମ୍ପନ୍ନ ହେବା ସହ ମଙ୍ଗଳ ଆଳତୀ, ମହାସ୍ନାନ, ଘର୍ଷଣଲାଗି ସରିବା ପରେ ମଣିବାବାଙ୍କୁ ଦିଗମ୍ବର ବେଶରେ ସଜ୍ଜିତ କରାଯାଇ ପହିଲି ବାଲ୍ୟଭୋଗ ଲାଗି କରାଯାଇଥିଲା । ପରେ ଯଜ୍ଞମଣ୍ଡପକୁ ସୋଧନ କରାଯାଇ ରୁଦ୍ରାଭିଷେକ, ଘଟସ୍ଥାପନ, ଦ୍ୱାରପାଳପୂଜା, ସୂର୍ଯ୍ୟପୂଜା, ଗୋପୂଜା ସମ୍ପନ୍ନ ହୋଇ ବିଶ୍ୱକଲ୍ୟାଣ ଉଦ୍ଦେଶ୍ୟରେ ଯଜ୍ଞ ଆରମ୍ଭ ହୋଇଥିଲା। ଏହି ଯଜ୍ଞ ଆସନ୍ତା ମାର୍ଗଶୀର ପୂର୍ଣ୍ଣିମା ପୂର୍ଣ୍ଣିମା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

## ଆଗରପଡ଼ା ଯୁବ ମହୋତ୍ସବ ପ୍ରସ୍ତୁତି ବୈଠକ

**ଆଗରପଡ଼ା,୨୧।୧୨(ସମିସ):**ଦ୍ୱିତୀୟ ବାର୍ଷିକୀ ଆଗରପଡ଼ା ଯୁବ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ହେମପଦ୍ମ ଗାଲାକ୍ସି ଠାରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୨୫ ତାରିଖରୁ ଆରମ୍ଭ ହୋଇ ଜାନୁୟାରୀ ମାସ ୨ ତାରିଖ ପର୍ଯ୍ୟନ୍ତ ଉକ୍ତ ମହୋତ୍ସବ ଚାଲିବାର ସୂଚନା ମିଳିଛି। ବିଭିନ୍ନ ସଂଧ୍ୟାରେ ପ୍ରଶାସନିକ ଅଧିକାରୀ,ରାଜନେତା, ଫିଲ୍ମଷ୍ଟାର, ସାହିତ୍ୟିକ ଓ ସାମ୍ବାଦିକ ଯୋଗଦେବାକୁ ସମ୍ମତି ପ୍ରଦାନ କରିଛନ୍ତି। ଚିତ୍ତ ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଦିପୁ ସିଂହ, ପୁପୁନା ଖୁଣ୍ଟିଆ, ଜିତେନ୍ଦ୍ର ଶତପଥି, ବାବୁ ରାମ, ସିପୁ ପାଣିଗ୍ରାହୀ, ହିମାଦ୍ରୀ ମହାନ୍ତି, ପିଙ୍କୁ ପୃଷ୍ଟି, ବାବୁଲି ପତି, ସନ୍ତୋଷ ନାୟକ, ସିଲୁ ସିଂହ ପ୍ରମୁଖ ସଦସ୍ୟଙ୍କ ସମେତ ଉପଦେଷ୍ଟା ମଣ୍ଡଳୀର ଦିଲିପ ପୁହାଣ, ଚିତ୍ତରଞ୍ଜନ ଉଦ୍‌ଗାତା, ଟୁଟୁଆ ରାୟ, ପ୍ରଣୟ ସିଂହ, ରବି ଆଇଚ, ଜୈନୁଲ ଆବେଦିନ, ପ୍ରଫୁଲ୍ଲ ବିଷ୍ୱାଳ ଓ ତପନ ପୃଷ୍ଟି ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ସାମାଜିକ ସଚେତନତା ଶୋଭାଯାତ୍ରା

**ମଞ୍ଜୁରୀରୋଡ,୨୧।୧୨(ସମିସ):**ଭଣ୍ଡାରିପୋଖରୀ ବ୍ଲକ ସ୍ତରୀୟ ସାମାଜିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଏହାସହିତ ଖାଦ୍ୟ ପୃଷ୍ଟି, ସ୍ୱଚ୍ଛତା, ସ୍ୱାସ୍ଥ୍ୟ ଏବଂ ଲିଙ୍ଗ ଭିତ୍ତିକ ହିଂସାର ପରିସମାପ୍ତି ପାଇଁ ଏକ ଶୋଭାଯାତ୍ରା ଆୟୋଜନ ହୋଇଛି। ମିଶନ ଶକ୍ତି ବ୍ଲକ ସଂଯୋଜକ ସୁବ୍ରତ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ଜିପିଓ ମୀନକେତନ ବାରିକ, ସମ୍ମାନିତ ଅତିଥି ଭାବେ ବ୍ଲକର ବରିଷ୍ଠ ଅମଲା ଅଧିକାରୀ ଫିର୍ଦୋଷ ଆଲାମ, ଆଇସିଡିଏସ ସୁପର ଭାଇଜର ଦୀପାଳି ମିଶ୍ର, ପ୍ରଭାତୀ ରଥ, ସାମାଜିକ ସୁରକ୍ଷା ଅଧିକାରିଣୀ ଶାନ୍ତ୍ୱନା ଦାସ ପ୍ରମୁଖ ଯୋଗ ଦେଇଥିବା ବେଳେ ବନିତା ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ୨୩ ଗୋଟି ପଞ୍ଚାୟତର ସିଆରପିଙ୍କ ସମେତ ୧୦୦ରୁ ଅଧିକ ଏସ୍ଏଚ୍‌ଜି ସଦସ୍ୟା ଯୋଗ ଦେଇଥିଲେ।

## ବେବିରାଣୀ ଓ ପାଙ୍ଗିଲା ଚମ୍ପିୟନ

**ଆଗରପଡ଼ା,୨୧।୧୨(ସମିସ):** ଆଗରପଡ଼ା ସରକାରୀ ବାଳିକା ହାଇସ୍କୁଲରେ ଚଳିତବର୍ଷର ବାର୍ଷିକ କ୍ରୀଡ଼ା ଉତ୍ସବରେ ବରିଷ୍ଠ ବିଭାଗରେ ଦଶମ ଶ୍ରେଣୀ ଛାତ୍ରୀ ବେବିରାଣୀ ଯେନା ଓ କନିଷ୍ଠ ବିଭାଗରେ ଅଷ୍ଟମଶ୍ରେଣୀ ଛାତ୍ରୀ ପାଙ୍ଗିଲା ପୂର୍ତ୍ତି ଚମ୍ପିୟାନ ହୋଇଛନ୍ତି। ପ୍ରଧାନଶିକ୍ଷକ ବିପିନ ବିହାରୀ ପାଢୀ,ଅଜିତ ରାଉଳ, ଭୀମସେନ ପାଳ, ପ୍ରମୋଦିନୀ ସାହୁ, ବନଜିନୀ ନାୟକ, ରଞ୍ଜିତା ସିଅଳ, ସାବିତ୍ରୀ ଦାଶ, ଭାଗ୍ୟଶ୍ରୀ ପଣ୍ଡା, ବିଦ୍ୟୁତଲତା ଦାସ, ଷ୍ଟାଲିନ ପାଣିଗ୍ରାହ ଏବଂ ବଳରାମ ସେଠୀ ପ୍ରମୁଖ ଶିକ୍ଷକ,ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ରହି ଦୁଇ ଚାମ୍ପିଅନ ଛାତ୍ରୀଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ।

## ଶିକ୍ଷୟିତ୍ରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ

**ଭଣ୍ଡାରିପୋଖରୀ,୨୧।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ବାରିକପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଶିକ୍ଷୟିତ୍ରୀ ତପସ୍ୱିନୀ ସେନାପତିଙ୍କୁ ଅବସର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ବନଲତା ସାହୁ, ପୁରୁଷୋତ୍ତମ ଧଳ, ରଘୁନାଥ ସାହୁ, ଗୟାଧର ସାମଲ, ରବିନ୍ଦ୍ର ନନ୍ଦ, ନିତ୍ୟାନନ୍ଦ ଦାସ, ରମାକାନ୍ତ ଜେନା, ଡ.ନିରଞ୍ଜନ ଓଝା,ଜୟସ୍ମିତା ଗୋଛାୟତ,ପ୍ରତାପ ଚନ୍ଦ୍ର ଘଡ଼େଇ ପ୍ରମୁଖ ଯୋଗଦେଇ ସେବା ନିବୃତ ଶିକ୍ଷୟିତ୍ରୀଙ୍କ ଜୀବନ ବ୍ୟାପି ଶିକ୍ଷା ସାଧନା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ଜିତେନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଜ୍ଞାପରମିତା ପତି ଧନ୍ୟବାଦ ଅର୍ପଣ କରିଥିଲେ।

## ତିହିଡ଼ି ବ୍ଲକ୍‌ସ୍ତରୀୟ ଶିଶୁ ଉତ୍ସବ

**ତିହିଡି,୨୧।୧୨(ସମିସ):** ତିହିଡି ସରକାରୀ ହାଇସ୍କୁଲରେ ଓଡିଶା ମାଧ୍ୟମିକ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ୪୦ତମ ବ୍ଲକସ୍ତରୀୟ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ହାଇସ୍କୁଲ ପ୍ରଧାନଶିକ୍ଷକ ରମାକାନ୍ତ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାକୁ ଶିକ୍ଷକ ଦେବକିଶୋର ଦାସ ସଞ୍ଚାଳନ କରିଥିଲେ। ମୁଖ୍ୟଅତିଥି ଭାବେ ଓଷ୍ଟାର ପୂର୍ବତନ ରାଜ୍ୟ ସମ୍ପାଦିକା ସୁରଜିତା ନାୟକ, ମୁଖ୍ୟବକ୍ତା ଓଷ୍ଟାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅକ୍ଷୟ ହୋତା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସମ୍ପାଦକ ପ୍ରଦୀପ୍ତ ଦାସ, ବ୍ଲକ ସମ୍ପାଦକ ବିଶ୍ୱନାଥ ପଣ୍ଡା, ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ପତି, ପ୍ରଦୀପ ବାରିକ ଓ କୃତିବାସ ଜେନା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ, ସଙ୍ଗୀତ, ନୃତ୍ୟ, କବିତା ଲିଖନ ଓ ଆବୃତି ଗଳ୍ପ ଲିଖନ, ଚିତ୍ରାଙ୍କନ, ଏକକ ଅଭିନୟ ଇତ୍ୟାଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ରମାକାନ୍ତ ବେହେରା ଓଷ୍ଟାର ପତାକା ଉତ୍ତୋଳନ କରି ଉତ୍ସବର ଶୁଭାରମ୍ଭ କରିଥିଲେ। ଅପରାହ୍ନରେ ଓଷ୍ଟାର ବ୍ଲକ ସଭାପତି ସମରେନ୍ଦ୍ରନାଥ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଯାପନୀ ସଭାରେ ମୁଖ୍ୟଅତିଥି ଭାବେ ବିଡିଓ ଜ୍ୟୋତିର୍ମୟ କର, ମୁଖ୍ୟବକ୍ତା ଭାବେ ବିଇଓ ଡ. ପ୍ରଫୁଲ୍ଲ ସାହୁ, ସମ୍ମାନିତ ଅତିଥି ଭାବେ ଓଷ୍ଟାର ଚାନ୍ଦବାଲି ସମ୍ପାଦକ ଅନୀଲ କୁମାର ମିଶ୍ର, ବାସୁଦେବପୁର ବିଧାୟକଙ୍କ ପ୍ରତିନିଧି ବାପୁଜୀ ନାୟକ, ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ବେହେରା ଯୋଗଦେଇ ବକ୍ତବ୍ୟ ଦେଇଥିଲେ। କୃତି ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ସହ ପୁରସ୍କୃତ କରାଯିବା ସହ ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନ ଶିକ୍ଷକ ଭକ୍ତବନ୍ଧୁ ପତି, ଶିକ୍ଷକ ପ୍ରଶାନ୍ତ କୁମାର ମିଶ୍ର, ବିପ୍ଳବ ପହି, ଲଲାଟେନ୍ଦୁ ମହାପାତ୍ର, ସୁବାସ ଚନ୍ଦ୍ର ଦାସ, ନିତ୍ୟାନନ୍ଦ ମଲ୍ଲିକ, ଶୁଭେନ୍ଦୁ ମାଝୀ ପ୍ରମୁଖ ଓଷ୍ଟାର କର୍ମକର୍ତ୍ତାଙ୍କ ସମେତ ହାଇସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀମାନେ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ଗାଈ ଗୋରୁଙ୍କୁ ଅଜଣା ରୋଗ

### ଗାଁରେ ପହଞ୍ଚିଲେ ପ୍ରାଣୀସମ୍ପଦ ଚିକିତ୍ସକ

**ଭଦ୍ରକ,୨୦।୧୨(ସମିସ):** ଶୀତର ପ୍ରକୋପ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଗାଁ ଗଣ୍ଡାରେ ଗାଈଗୋରୁଙ୍କୁ ଅଜଣା ରୋଗ ବ୍ୟାପିବାରେ ଲାଗିଛି। ବିଶେଷ କରି ଅଜଣା ରୋଗରେ ଛୋଟ ବାଛୁରି ଓ ଗାଈମାନେ ବେଶି ଆକ୍ରାନ୍ତ ହେଉଥିବା ଦେଖାଯାଉଛି। ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକର ରାଢୋ, ରହଣିଆ, ମାଳଦା ସମେତ ଅନ୍ୟାନ୍ୟ ସ୍ଥାନରେ ଏହି ଅଜଣା ରୋଗ ବ୍ୟାପୁଥିବା ଅଭିଯୋଗ ହୋଇଥିଲା। ଏହା ପରେ ଜିଲ୍ଲା ପ୍ରାଣୀ ସଂପଦ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସୁଶୀଲ ଧଳ, ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡ. ସୁନୀଲ ଭୂୟାଁ, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଦେବପ୍ରକାଶ ସାହୁ, ପ୍ରାଣୀଧନ ନିରୀକ୍ଷକ କୃତ୍ତିବାସ ମଲ୍ଲିକ ପ୍ରମୁଖ ରାଢ଼ୋ, ରହଣିଆ ଅଞ୍ଚଳରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି। ବିଗତ କିଛି ଦିନ ମଧ୍ୟରେ ଏ ଠାରେ ଗାଈ ଗୋରୁମାନେ ଅଜଣା



ରୋଗରେ ଆକ୍ରାନ୍ତ ହୋଇଥିବା ଅଧିକାରୀମାନେ ଜାଣିବାକୁ ପାଇଥିଲେ। ତେଣୁ ବିଭାଗ ପକ୍ଷରୁ ସଂଗେ ସଂଗେ ରକ୍ତ ନମୁନା ସଂଗ୍ରହ, ରୋଗ ନିରାକରଣ ପାଇଁ ଟୀକା ପ୍ରଦାନ କରାଯିବା ସହିତ ସ୍ୱାସ୍ଥ୍ୟବସ୍ଥା ଖରାପ ଥିବା ଗାଈ ଗୋରୁଙ୍କୁ ଔଷଧ ବଣ୍ଟନ କରାଯାଇଛି। ଏହାସହିତ ଉକ୍ତ ଅଞ୍ଚଳରେ ସାତ ଦିନ ପାଇଁ ଚିକିତ୍ସା ଶିବିର ଆୟୋଜନ କରିବାକୁ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଯାନ ଗ୍ରାମରେ ପହଞ୍ଚି ଗାଈ ଗୋରୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବ ବୋଲି ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

## ରାଣୀପୁର ତାରିଣୀ ମନ୍ଦିର କାର୍ଯ୍ୟ ସମୀକ୍ଷା

**ତିହିଡି,୨୧।୧୨(ସମିସ):** 'ଆମ ଓଡ଼ିଶା ନବୀନ ଓଡ଼ିଶା' ମାଧ୍ୟମରେ ତିହିଡ଼ି ବ୍ଲକ ଅଧୀନ ଦୋଳସାହି ପଞ୍ଚାୟତ ରାଣୀପୁର ତାରିଣୀ ମନ୍ଦିରର ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ ହୋଇଛି। ଜିଲ୍ଲା ସଂଯୋଜକ ଡାକ୍ତର ସଞ୍ଜୟ ଦାସ ଏହି ଉନ୍ନତିକରଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସୂଚନା



ଅନୁଯାୟୀ ତାରିଣୀ ମନ୍ଦିର ପରିସରରେ ଏକ ମଣ୍ଡପ ନିର୍ମାଣ ହେବା ସହ ଚଟାଣ ମଧ୍ୟ ପକ୍କା କରାଯାଉଛି। ଏଥିପାଇଁ ଆମ ଓଡ଼ିଶା ନବୀନ ଓଡ଼ିଶାରୁ ଆର୍ଥିକ ଅନୁଦାନ ମିଳିଛି। ଡାକ୍ତର ଦାସ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିବା ପରେ ଉପସ୍ଥିତ ମନ୍ଦିର କର୍ମକର୍ତ୍ତା ଓ ସ୍ଥାନୀୟ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ମନ୍ଦିରର ନବୀକରଣ କାର୍ଯ୍ୟ ଶେଷ ହେବା ପାଇଁ ଅଧିକ ଅର୍ଥର ଆବଶ୍ୟକତା ରହିଛି ଓ ଏଥିପାଇଁ ସେ ସରକାରଙ୍କ ସହ ଆଲୋଚନା କରି ବିହିତ ବ୍ୟବସ୍ଥା କରିବେ ବୋଲି ଡାକ୍ତର ଦାସ ପ୍ରତିଶ୍ରୁତି ଦେଇଥିଲେ। ମନ୍ଦିର ଦାୟିତ୍ୱରେ ଥିବା ଅର୍ଜୁନ ଚରଣ ଭଟ୍ଟରାୟ, ପାଳିଆବିନ୍ଧା ସେବା ସମବାୟ ସମିତିର ସଭାପତି ମିନତୀ ଦାସ, ସ୍ଥାନୀୟ ସରପଞ୍ଚ ଗୌରୀଶଙ୍କର ଯେନା, ପଞ୍ଚାୟତ ବିଜେଡି ସଭାପତି ଚଗୁଲୁ ଦୀକ୍ଷିତ, ପ୍ରବୋଧ ବଳ ପ୍ରମୁଖ ଉପସ୍ଥିତ ରହିଥିଲେ। ପୂଜକ ରବିନାରାୟଣ ଦୀକ୍ଷିତ ପୂଜାର୍ଚ୍ଚନା କରିଥିଲେ।

## ବଜରାପୁର ପଞ୍ଚାୟତ ମନରେଗା ଦୁର୍ନୀତି ଘଟଣା

# ଲୋକାୟୁକ୍ତରେ ବ୍ୟକ୍ତିଗତ ହାଜର ପାଇଁ ୫ କର୍ମଚାରୀ ଓ ସରପଞ୍ଚଙ୍କୁ ସମନ

**ଭଦ୍ରକ,୨୧।୧୨(ସମିସ)**

ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ବଜରାପୁର ଗ୍ରାମ ପଞ୍ଚାୟତରେ ମନରେଗା ଯୋଜନାରେ ହୋଇଥିବା ବ୍ୟାପକ ଅନିୟମିତତା ଓ ସରକାରୀ ଅର୍ଥ ଆତ୍ମସାତ ମାମଲାରେ ବ୍ଲକ ର ୫ଜଣ ସରକାରୀ କର୍ମଚାରୀ ଓ ଜଣେ ସରପଞ୍ଚଙ୍କୁ ଆସନ୍ତା ୨୬ ତାରିଖରେ ବ୍ୟକ୍ତିଗତ ଭାବେ ହାଜର ହେବା ପାଇଁ ଲୋକାୟୁକ୍ତଙ୍କ ନିଜସ୍ୱ ତଦନ୍ତକାରୀ ସଂସ୍ଥା ପକ୍ଷରୁ ସମନ ଜାରି କରାଯାଇଥିବା ଜଣାପଡ଼ିଛି। ଲୋକାୟୁକ୍ତଙ୍କ କାର୍ଯ୍ୟାଳୟର ଅନୁସନ୍ଧାନ ପକ୍ଷର ଉପନିର୍ଦ୍ଦେଶକଙ୍କ ତରଫରୁ ଚିଠି ନମ୍ବର-୧୦୫୫୩/୨୩ରେ ଚାନ୍ଦବାଲି ବିଡିଓଙ୍କୁ ଇ-ମେଲ ଜରିଆରେ ଅବଗତ କରାଇବା ସହ କର୍ମଚାରୀ ଓ ଜନପ୍ରତିନିଧିଙ୍କୁ ଉକ୍ତ ସମନ ଗୁଡ଼ିକ ପହଞ୍ଚାଇବା ପାଇଁ ଅନୁରୋଧ କରାଯାଇଛି। ଏଥିରେ ଚାନ୍ଦବାଲି ବ୍ଲକର କନିଷ୍ଠ ଯନ୍ତ୍ରୀ ଯଦୁ ଟୁଡୁ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସ୍ମୃତିରଞ୍ଜନ ତରାଇ, ବଜରାପୁର ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଧିରେନ୍ଦ୍ର କୁମାର ନାୟକ, ଗ୍ରାମ ରୋଜଗାର ସେବକ ସୁଲତା ପଣ୍ଡା, ମନରେଗା ସହାୟକ ସନ୍ତୋଷ କୁମାର ନାୟକଙ୍କ ସମେତ ବଜରାପୁର ସରପଞ୍ଚ ଅନିମା ଦାସଙ୍କୁ ଆସନ୍ତା ୨୬ ତାରିଖରେ ବ୍ୟକ୍ତିଗତ ଭାବେ ଲୋକାୟୁକ୍ତଙ୍କ କାର୍ଯ୍ୟାଳୟରେ ହାଜର ହୋଇ ନିଜର ମତ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ପ୍ରକାଶ ଥାଉକି ଉକ୍ତ ପଞ୍ଚାୟତରେ ମନରେଗା ଯୋଜନାରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଯଥା- ରାସ୍ତା, ଗ୍ରାମୀଣ ପାର୍କ, ଜମିର ଉନ୍ନତିକରଣ, ଗ୍ରାମ୍ୟ ପୋଖରୀ ଖନନ, ଅମୃତ ସରୋବର ଯୋଜନାରେ ପୋଖରୀ ଖନନ, ବିଭିନ୍ନ ନାଳର ପୁନରୁଦ୍ଧାର ଭଳି ୧୬ଟି ପ୍ରକଳ୍ପରେ ମନରେଗା ଆଇନକୁ ଉଲ୍ଲଙ୍ଘନ କରି କାର୍ଯ୍ୟ କରିବା, ଆଦୌ କାର୍ଯ୍ୟ ନକରି କାଗଜପତ୍ରରେ କାର୍ଯ୍ୟ ହୋଇଥିବା ଦର୍ଶାଇ ସରକାରୀ ଅର୍ଥ ହଡ଼ପ କରିବା, ଶ୍ରମିକ ବଦଳରେ ମେସିନ ସାହାଯ୍ୟରେ ନିମ୍ନମାନର କାର୍ଯ୍ୟ କରିବା, ଗୋଚର ଏବଂ ଶ୍ମଶାନ ଜମି ଉପରେ ବେଆଇନ ଭାବେ ପ୍ରକଳ୍ପ ନିର୍ମାଣ କରିବା ସହ ମୃତ ଓ ନାବାଳିକା ଜବକାଡର୍‌ଧାରୀଙ୍କୁ ବିଭିନ୍ନ ପ୍ରକଳ୍ପରେ କାର୍ଯ୍ୟ କରିଥିବା ଦର୍ଶାଇ ଅର୍ଥ ହଡ଼ପ କରିବା ଭଳି ଗୁରୁତର ଅଭିଯୋଗ ହୋଇଥିଲା। ଏ ନେଇ ଗତ ଜୁନ୍ ୨୧ ତାରିଖରେ ଜଣାଶୁଣା ସାମାଜିକ କର୍ମୀ ହିମାଂଶୁ ଶେଖର ନାୟକ ଲୋକାୟୁକ୍ତଙ୍କ କାର୍ଯ୍ୟାଳୟରେ ଏକ ମାମଲା ଦାୟର କରିଥିଲେ। ଲୋକାୟୁକ୍ତଙ୍କ କାର୍ଯ୍ୟାଳୟ ଶ୍ରୀ ନାୟକଙ୍କ ଅଭିଯୋଗକୁ ଗ୍ରହଣ କରିବା ସହ କେସ ନମ୍ବର-୩୦୫/୨୦୨୩ରେ ମାମଲା ରୁଜୁ କରିବା ସହ ଭଦ୍ରକ ଜିଲ୍ଲାପାଳଙ୍କ ସମେତ ୯ ଜଣଙ୍କୁ ପକ୍ଷଭୁକ୍ତ କରିଥିଲେ। ଗତ ଜୁଲାଇ ମାସ ୧୧ ତାରିଖରେ ଏହି ମାମଲାର ଶୁଣାଣି ସମୟରେ ଅଭିଯୋଗକାରୀ ନିଜେ ଉପସ୍ଥିତ ରହି ୧୬ଟି ପ୍ରକଳ୍ପରେ ୧ କୋଟି ୧୪ ଲକ୍ଷରୁ ଉର୍ଦ୍ଧ ଟଙ୍କାର ଦୁର୍ନୀତି ହୋଇଥିବା ଦର୍ଶାଇ ଆବଶ୍ୟକୀୟ କାଗଜପତ୍ର, ଫଟୋ ଆଦି ଲୋକାୟୁକ୍ତଙ୍କୁ ପ୍ରଦାନ କରିଥିଲେ। ଶ୍ରୀ ନାୟକଙ୍କ ଅଭିଯୋଗର ଗୁରୁତ୍ୱକୁ ଅନୁଭବ କରି ଲୋକାୟୁକ୍ତଙ୍କ ୨ ଜଣିଆ ଖଣ୍ଡପୀଠ ଉକ୍ତ ପଞ୍ଚାୟତରେ ହୋଇଥିବା ଦୁର୍ନୀତିର ତଦନ୍ତ କରିବା ପାଇଁ ନିଜସ୍ୱ ତଦନ୍ତକାରୀ ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ।

# ‘ନୂଆ ଓଡ଼ିଶା’ରେ କ୍ରୀଡ଼ା, ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମ





**ଭଦ୍ରକ,୨୧।୧୨(ସମିସ)**

ଭଦ୍ରକ ଉତ୍ତରବାହିନୀ ସ୍ଥିତ ସାଳନ୍ଦୀ ଡିଗ୍ରୀ ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ ଓ ନୂତନ ଓଡିଶା କାର୍ଯ୍ୟକ୍ରମରେ ଏକ ମାସ ବ୍ୟାପି ହୋଇଥିବା କ୍ରୀଡ଼ା, ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମର ଉଦଯାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷା ରାଜଶ୍ରୀ ନାୟକ ଏଥିରେ ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗଦେଇଥିଲେ। ଡିଗ୍ରୀ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରାଧ୍ୟାପକ ସନ୍ତୋଷ କୁମାର ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ କାଉନସିଲର ଉର୍ମିଳା ମାଝୀ, ସେଖ ଜୁଲଫିକର ଅଲ୍ଲି, ସହିଦ ଖାଁ ଓ ପ୍ରାକ୍ତନ କାଉନସିଲର ପ୍ରଭାତ ମାଝୀ ପ୍ରମୁଖ ଯୋଗଦେଇଥିଲେ। ଡିଗ୍ରୀ ମହାବିଦ୍ୟାଳୟ ର ନୋଡାଲ ଅଫିସର ଅଧ୍ୟାପକ ଅଚ୍ୟୁତାନନ୍ଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ଡିଗ୍ରୀ ମହାବିଦ୍ୟାଳୟ ର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଶିକ୍ଷା କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଥିଲେ। ଶେଷରେ ସାଂସ୍କୃତି କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**ତିହିଡ଼ି:** “ଯୁବ ଓଡ଼ିଶା ନବୀନ ଓଡ଼ିଶା’ ମାଧ୍ୟମରେ ପାଳିଆବିନ୍ଧା ସ୍ଥିତ ବିରଞ୍ଚି ନାରାୟଣ ମାଧବ ଅର୍ଜୁନ ମହାବିଦ୍ୟାଳୟ ପରିସରରେ ଯୁକ୍ତ ଦୁଇ ଓ ଯୁକ୍ତ ତିନି ବିଭାଗର ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକା ତଥା ଶିକ୍ଷା କର୍ମଚାରୀଙ୍କୁ ନେଇ ଏ ଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି।



ସାମାଜିକ ସଚେତନତା କ୍ଲବ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ତଥା ଦେବ ସଂସ୍କୃତି ବିଶ୍ୱବିଦ୍ୟାଳୟ ହରିଦ୍ୱାରର ଯୋଗ ପ୍ରଶିକ୍ଷିକା ଯାଜ୍ଞସେନୀ ମହାନ୍ତି ଯୋଗଦେଇ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ଅଧ୍ୟକ୍ଷ ଅମୂଲ୍ୟ କୁମାର ପରିଡ଼ାଙ୍କ ପୌରୋହିତ୍ୟରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୁକ୍ତ ତିନି ସାମାଜିକ ସଂଘର ସଂଯୋଜକ ଅଧ୍ୟାପକ ସରୋଜ କୁମାର ମହାପାତ୍ର , ଯୁକ୍ତ ତିନି ନୋଡାଲ ଅଧିକାରୀ ଅଧ୍ୟାପକ ମୃତ୍ୟୁଞ୍ଜୟ ନାରାୟଣ ଦାସ, ଯୁକ୍ତ ଦୁଇ ନୋଡାଲ ଅଧିକାରୀ ତପନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ୨୫୦ ରୁ ଅଧିକ ଉଭୟ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ଯୁକ୍ତ ଦୁଇ ସାମାଜିକ ସଚେତନତା କ୍ଲବ ର ସଂଯୋଜକ ରାମଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

**ଭଦ୍ରକ:** ପୁରୁଣା ବଜାରସ୍ଥିତ ଦାମୋଦର ସଂସ୍କୃତ ଡିଗ୍ରୀ ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ ଓ ନବୀନ ଓଡ଼ିଶା



କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ ଯୋଗଦେଇ ଯୁବଶକ୍ତିର ବିକାଶ ନିମିତ୍ତ ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତି ବଦ୍ଧତା ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡ. ନିତ୍ୟାନନ୍ଦ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ପବିତ୍ର ପାଣିଗ୍ରାହୀ ସଂସ୍କୃତଭାଷାର ଗରିମାମୟ ଐତିହ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ ସଭାରେ ସମ୍ମାନିତ ଅତିଥି ତ୍ୟାଗଭୂମି ମହୋତ୍ସବର ସଭାପତି ଅଜୟ ନାୟକ, ବିଶିଷ୍ଟଅତିଥି ଭାବେ ସାହିତ୍ୟିକ ଇଂ ଅଭୟ ସୂତାର, କାଉନ୍‌ସିଲର ସେକ୍ ଜୁଲଫିକର ଅଲ୍ଲୀ, କାଉନସିଲର ସହିଦ ଖାଁ, ନାରନେତ୍ରୀ ରାଜଲକ୍ଷ୍ମୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏଥିରେ ସଂସ୍କୃତ ବିଦ୍ୱାନ ପଣ୍ଡିତ ଭାଗୀରଥି ନନ୍ଦଶର୍ମା, ପଣ୍ଡିତ ଭାବଗ୍ରାହୀ ମିଶ୍ର, ପଣ୍ଡିତ ପଦ୍ମନାଭ ପଣ୍ଡା, ପଣ୍ଡିତ ଦୟାନିଧି ଦାଶ, ପଣ୍ଡିତ ଅଭିମନ୍ୟୁ ଶୁକ୍ଳଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ ପୂର୍ବକ ସଂବର୍ଦ୍ଧିତ କରାଯାଇଥିଲା। ଉକ୍ତ ଯୁବ ବିକାଶ କାର୍ଯ୍ୟକ୍ରମର ସଂଯୋଜକ ଅଧ୍ୟାପକ ଶୁକଦେବ ପଣ୍ଡା ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଦାମୋଦର ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପୂର୍ବତନ ଅଧ୍ୟକ୍ଷ ଡ. କୃପାସିନ୍ଧୁ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଦିକାନ୍ତ ପଣ୍ଡା ବେଦପାଠ ଓ ଛାତ୍ରଛାତ୍ରୀମାନେ ବନ୍ଦେ ଉତ୍କଳଜନନୀ ଗାନ କରିଥିଲେ।

**ମଞ୍ଜୁରୀରୋଡ:** ଭଣ୍ଡାରିପୋଖରୀ ବ୍ଲକ ନାଆମୀ ମହାବିଦ୍ୟାଳୟରେ ଯୁବ ଓଡିଶା ନବୀନ ଓଡିଶା କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ବିନୋଦବିହାରୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଉତ୍ସବକୁ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ ଯୋଗଦେଇ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବିଡିଓ ଦେବଦତ୍ତ ଦାଶ, ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତିର ସଭାପତି ବିଷ୍ଣୁଚରଣ ଜେନା, ନିମନ୍ତ୍ରିତ ଅତିଥି ନାଆମୀ ସମବାୟ ସମିତି ସଭାପତି ଦୀପ୍ତିସୂର୍ଯ୍ୟ ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟ ବଦ୍ରିନାରାୟଣ ରାଉତ, ସରପଞ୍ଚ ସସ୍ମିତା ସେଠୀ, ସମିତିସଭ୍ୟ ସନ୍ତୋଷ ନାୟକ, ଗୌରାଙ୍ଗ ଜେନା,ରଶ୍ମିତା ପାଢ଼ୀ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ଯୁକ୍ତ ଦୁଇ ନୋଡାଲ ଅଧିକାରୀ ମହିତୋଷ ସେଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଚିନ୍ତାମଣି ମହାକୁଡ଼ ସ୍ୱାଗତ ଭାଷଣ, ଯୁକ୍ତ ତିନି ନୋଡାଲ ଅଧିକାରୀ ଡ.ରଘୁନାଥ ସାହୁ ଆଭିମୁଖ୍ୟ ପ୍ରଦାନ ଓ ଅଧ୍ୟାପକ ଅଶୋକ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

**ଦୋବଲ:** ଧାମନଗର ମହାବିଦ୍ୟାଳୟ ପରିସରରେ ସମନ୍ୱିତ ଯୁବ ବିକାଶ (ନୂଆ-ଓ) କାର୍ଯ୍ୟକ୍ରମ ଆନୁକୂଲ୍ୟରେ ସଡ଼କ ସୁରକ୍ଷା ଜୀବନ ରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବନମାଳୀ ଦାଶ ଯୋଗଦେଇ ସଡ଼କ ସୁରକ୍ଷା ସଂପର୍କରେ ସଚେତନତା କରିଥିଲେ। ଏହି ଅବସରରେ ନୋଡାଲ ଅଫିସର ମହମ୍ମଦ ଇସ୍ରାଇଲ୍, ସାମାଜିକ କାର୍ଯ୍ୟକ୍ରମର ସଂଯୋଜକ ଡ. ମନୋଜ କର, ସୁଶ୍ରୀ ସଂଗୀତା ନାୟକ ଓ ଚିନ୍ମୟ ଜେନାଙ୍କ ନେତୃତ୍ୱରେ ଉଭୟ ଯୁକ୍ତ ୨ ଓ ଯୁକ୍ତ ୩ର ପ୍ରାୟ ୩୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରାରେ ବାହାରି ଦୋବଲରେ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମର ସଫଳ ଆୟୋଜନରେ ପ୍ରଦୀପ ରାୟ, ସରୋଜ ପଣ୍ଡା, ସଞ୍ଜୟ ପଣ୍ଡା, ଡ. ପ୍ରଶାନ୍ତ ପରିଡା, ଆଶୀଷ ସ୍ୱାଇଁ, ଆଶୀର୍ବାଦ ମହାନ୍ତି, ଅଞ୍ଜନ ନାୟକ, ସ୍ମରଣିକା ପ୍ରଧାନ, ସାଜିଆ ତମକୀନ, ଡ. ବିଶ୍ୱଜିତା ବାରିକ, ଦିଲ୍ଲୀପ ମଲ୍ଲିକ୍, ଧୀରେନ୍ଦ୍ର ରାଉତ, ନାରାୟଣ ଚନ୍ଦ୍ର ଧଳ ପ୍ରମୁଖ ଅଧ୍ୟାପକ-ଆଧ୍ୟାପିକା, କର୍ମ.ରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ। ସେହିପରି ମହାବିଦ୍ୟାଳୟରେ ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅଧ୍ୟକ୍ଷ ଡ. ବନମାଳୀ ଦାଶଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ନୋଡାଲ ଅଫିସର ମହମ୍ମଦ ଇସ୍ରାଇଲ୍, କ୍ରୀଡ଼ା କାର୍ଯ୍ୟକ୍ରମର ସଂଯୋଜିକା ବାସ୍ତବିକା ଦାସ, ଡ. ପ୍ରଶାନ୍ତ ପରିଡ଼ା, ଡ. ଦେବାଶିଷ ମଲ୍ଲିକ ଓ ସରୋଜରଞ୍ଜନ ନନ୍ଦ ପ୍ରମୁଖ ଯୋଗଦେଇଥିଲେ।

**ଭଦ୍ରକ:** ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଭଦ୍ରକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ‘ନୂଆ-ଓ’ ଯୋଜନା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ବିଧାୟକ ସଞ୍ଜୀବ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲାମାନେ କେମିତି ଆତ୍ମନିର୍ଭରଶୀଳ, ରୋଜଗାରକ୍ଷମ ଏବଂ ଜଣେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ହୋଇପାରିବେ, ସେ ସଂପର୍କରେ ଆଲୋକପାତ କରିଥିଲେ। ଉଦ୍‌ଯାପନୀ ସମାରୋହର ମୁଖ୍ୟବକ୍ତା ଡ. ଶୈଳେନ୍ଦ୍ର ମହାପାତ୍ର ଯୋଗଦେଇଥିଲେ। ୧୦ନଂ ୱାର୍ଡର କାଉନ୍‌ସିଲରଙ୍କ ପ୍ରତିନିଧି ପଙ୍କଜ ବଳ ଯୋଗଦେଇଥିବା ବେଳେ ନୂତନ ଭାବେ ଦାୟିତ୍ୱ ନେଇଥିବା ଅଧ୍ୟକ୍ଷ ଡ. ଦୁର୍ଗାଶଙ୍କର ଦାସ ପରିଚାଳନା କରିଥିଲେ। ନୋଡାଲ ଅଫିସର ଡ. ଲକ୍ଷ୍ମୀକାନ୍ତ ନାୟକ, ଡ. ଅଜିତ୍ ଦାସ, ସଂଯୋଜକ ଡ. ସନ୍ତୋଷ ସେଠୀ, ଡ. ପଦ୍ମନାଭ ପତ୍ରୀ, ଡ. ତପନ ମହାଳିକ ଏବଂ ଡ. ଚନ୍ଦନ ଦାସ ପ୍ରମୁଖ ସହଯୋଗ କରିଥିଲେ। ସଭା ଶେଷରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ଧାମନଗର:** ଧାମନଗର ବିଜୁ ପଟ୍ଟନାୟକ ଷ୍ଟାଡିୟମ ପରିସରରେ ବ୍ଲକସ୍ତରୀୟ କ୍ରୀଡ଼ା ଉତ୍ସବ ଗୁରୁବାର ଉଦଯାପିତ ହୋଇଯାଇଛି। ଯୁବ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ଆନୁକୂଲ୍ୟରେ ଅନୁଷ୍ଠିତ ଏହି କ୍ରୀଡ଼ା ଉତ୍ସବର ଉଦଯାପନୀ କାର୍ଯ୍ୟକ୍ରମରେ ଆମ ଓଡ଼ିଶା ନବୀନ ଓଡ଼ିଶାର ଭଦ୍ରକ ଜିଲ୍ଲା ସଂଯୋଜକ ଡା.ସଞ୍ଜୟ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଧାମନଗର ବିଡିଓ ବନବିହାରୀ ଦିନ୍ଦା ଅଧ୍ୟକ୍ଷତାରେ କରିଥିଲେ। ବରେଣ୍ୟ ଅତିଥି ଭାବେ ଭଦ୍ରକ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ନାୟକ ଯୋଗଦେଇଥିଲେ। ଉତ୍ସବରେ ଖପରପଦା ସମିତିସଭ୍ୟ ଭାରତବିଜୟ ଦଳାଇ, ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି



ସୁବାସ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କ୍ରିକେଟ, ଫୁଟବଲ, ଭଲିବଲ୍, ଖୋକୋ ବିଭାଗରେ ପୁରୁଷ ଦଳ ଓ କବାଡି ବିଭାଗରେ ଉଭୟ ପୁରୁଷ ଏବଂ ମହିଳା ଦଳଙ୍କୁ ନେଇ କ୍ରୀଡା ପ୍ରତିଯୋଗିତା ହୋଇଥିଲା। ସାମାଜିକ ସୁରକ୍ଷା ଅଧିକାରୀ ସୌମ୍ୟଜିତ ବେହେରା,କନିଷ୍ଠ କିରାଣୀ ଅରୁଣ ବସନ୍ତିଆ ପ୍ରମୁଖ କାର୍ଯ୍ୟକ୍ରମ ପରି.ଳନାରେ ସହଯୋଗ କରିଥିଲେ। ଏଥିରେ ପ୍ରତି ବିଦ୍ୟାଳୟର ଖେଳ ଶିକ୍ଷକ ଓ ବ୍ଲକର ସମସ୍ତ କର୍ମ.ରୀ ଉପସ୍ଥିତ ଥିଲେ।

## ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ

**ଦୋଳସାହି,୨୧।୧୨(ସମିସ):** ତିହିଡି ବ୍ଲକ ଅନ୍ତର୍ଗତ କୁବେରା ପଞ୍ଚାୟତ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଜୟପୁରରେ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ଅବସରପ୍ରାପ୍ତ ଉପ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ତଥା ଗୀତା ବିଷାରଦ ମୃତ୍ୟୁଞ୍ଜୟ ନାରାୟଣ ପଣ୍ଡା ମୁଖ୍ୟବକ୍ତା ଭାବରେ ଯୋଗଦେଇଥିଲେ। ସେହିପରି କୁବେରା ପଞ୍ଚାୟତ ସରପଞ୍ଚ କୀର୍ତ୍ତିଚନ୍ଦ୍ର ସେଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ କ୍ରୀଡା ପତାକା ଉତ୍ତୋଳନ କରିଥିଲେ। ପ୍ରଧାନ ଆ.ର୍ଯ୍ୟ ଗଣେଶ ପ୍ରସାଦ ରାଉତ ଅତିଥି ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଗ୍ରାମ ସେବକ ବିକ୍ରମାଦିତ୍ୟ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଗୁରୁମା ପୂର୍ଣ୍ଣିମା ଖଟୁଆ, ରଶ୍ମିତା ନାୟକ, ପ୍ରତିଭାରାଣୀ ସାହୁ, ସେବତୀ ତ୍ରିପାଠୀ ଓ ଗୁରୁଜୀ ଦୀପ୍ତିକାନ୍ତ ଯେନା ସହଯୋଗ କରିଥିଲେ। ପରିଚାଳନା କମିଟିର ସଂପାଦକ ତଥା ଅବସରପ୍ରାପ୍ତ ଶିକ୍ଷକ ଭରତଚରଣ ବାରିକ ଉପସ୍ଥିତ ରହି ଧନ୍ୟବାଦ ଅର୍ପଣ କରିଥିଲେ।

## ବରିଷ୍ଠ ନାଗରିକ ସଂଘର ପ୍ରସ୍ତୁତି ବୈଠକ

**ତିହିଡ଼ି,୨୧।୧୨(ସମିସ):** ତିହିଡ଼ି ବ୍ଲକ ବରିଷ୍ଠ ନାଗରିକ ସଂଘର ପ୍ରସ୍ତୁତି ବୈଠକ ସୋମନାଥ ପାଢୀଙ୍କ ସଭାପତିତ୍ୱରେ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଂଘର ବ୍ଲକ ସଂପାଦକ ବିଭୂତିଭୂଷଣ ସେନାପତି ସଂପାଦକୀୟ ବିବରଣୀ ପାଠ କରିଥିଲେ। ସଂଘର ବାର୍ଷିକ ମୁଖପତ୍ର ବର୍ଷୀୟାନ ପ୍ରକାଶ କରିବାକୁ ସ୍ଥିର କରାଯାଇଛି। ଏଥିରେ ପିରହାଟ ଜୋନ୍, ବାରୋ ଜୋନ୍, କୋହ୍ଲ ଦିବ୍ୟଭୂମି ଜୋନ୍, ପାଳିଆ ଜୋନ୍ ତଥା ତିହିଡ଼ି ଜୋନ୍‌ରୁ ୫୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ସୁରେନ୍ଦ୍ର କୁମାର ମାୟକ, ହରିଶ୍ଚନ୍ଦ୍ର ବାରିକ, ଜଗନ୍ନାଥ ନାୟକ, ସନ୍ନ୍ୟାସୀ ଚରଣ ବ୍ରହ୍ମ, ପି. ହୃଷିକେଶ, ହରେକୃଷ୍ଣ ମହାକୁଡ଼, ଶୀତଳ କୁମାର ବେହେରା, କୃତ୍ତିବାସ ଜେନା, ସୁରେନ୍ଦ୍ରନାଥ ମାଝୀ, ଶଚୀକାନ୍ତ ନୟକ, ବିଷ୍ଣୁକୁମାର ସାହୁ, ରଘୁନାଥ ଜେନା, ଅକ୍ଷୟକୁମାର ବ୍ରହ୍ମ, ଧନେଶ୍ୱର ବିଶ୍ୱାଳ, ମହେଶ ପ୍ରସାଦ ଦାସ,ପ୍ରଫୁଲ୍ଲ କୁମାର ପାଢୀ, ନାରାୟଣ ଚନ୍ଦ୍ର ମାନ୍ଧାତା, ମନମୋହନ ଦାଶ, ଭୂବନାନନ୍ଦ ମିଶ୍ର, ବ୍ରଜକିଶୋର ମଲ୍ଲିକ, ମକରଧ୍ୱଜ ଜେନା, ଧ୍ରୁବଚରଣ ମହାରଣା ଏବଂ ଜଳଧର ପତି ପ୍ରଭୃତି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ନିତ୍ୟାନନ୍ଦ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଜବରଦଖଲ ଅଭିଯୋଗ ପରେ ନିର୍ମାଣ କାର୍ଯ୍ୟ ବନ୍ଦ



**ଧାମନଗର,୨୧।୧୨(ସମିସ):** ଧାମନଗର ଏନ୍‌ଏସି ଅନ୍ତର୍ଗତ ୫ନମ୍ବର ୱାର୍ଡ ଅଧୀନ ଶ୍ୟାମପୁର ଗ୍ରାମ ବାନୁଆଡି ଆଦିବାସୀ ବସ୍ତିରେ ଜଣେ ବ୍ୟକ୍ତି ଜୋର ଜବରଦସ୍ତ ସରକାରୀ ଜମିରେ କଂକ୍ରିଟ ଖୁଣ୍ଟ ପକାଇ ଏକ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରୁଥିବା ବେଳେ ସ୍ଥାନୀୟ ଗ୍ରାମବାସୀ ତହସିଲଦାର କାର୍ଯ୍ୟାଳୟଙ୍କୁ ସୂଚନା ଦେଇଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ପାଇବା ମାତ୍ରେ ତହସିଲଦାର ଦୀପକ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ସଙ୍ଗେ ସଙ୍ଗେ ତହସିଲ ସୁପରଭାଇଜର ଏବଂ ଆର୍‌ଆଇ ଘଟଣା ସ୍ଥାନରେ ପହଞ୍ଚି ଗୃହ କାର୍ଯ୍ୟ ବନ୍ଦ କରିବା ସହିତ ଆଇନ ଅନୁଯାୟୀ ଉଚ୍ଛେଦ ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି। ସେହିପରି ଧାମନଗର ବ୍ଲକ ବଜାର ଠାରୁ ଆରମ୍ଭ କରି ମେଡିକାଲ ବଜାର ପର୍ଯ୍ୟନ୍ତ ଜବରଦଖଲ କାରୀଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। ବିଶେଷ କରି ସାନ ବଜାର ଛକ ତଥା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସମ୍ମୁଖ ଏବଂ ଅବଦୁଲ କଲାମଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଉଠାଦୋକାନୀ ମାନଙ୍କ ବ୍ୟବସାୟଙ୍କୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

DSPL-478

ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ

ODISHA REAL ESTATE REGULATORY AUTHORITY
ORERA

Odisha Real Estate Regulatory Authority

Block-A1, 3rd Floor, Toshali Bhawan, Satya Nagar, Bhubaneswar-751007

Facilitation Center
(ସହଯୋଗ କେନ୍ଦ୍ର)
ରେରା ସମ୍ବନ୍ଧିତ ବିଭିନ୍ନ ସୂଚନା ପ୍ରଦାନ ତଥା ଉପଭୋକ୍ତା ଓ ସାଧାରଣ ଲୋକଙ୍କ ସହାୟତା ନିମନ୍ତେ ଓରେରା ଅଫିସ ପରିସରରେ ସହଯୋଗ କେନ୍ଦ୍ର ଖୋଲାଯାଇଛି, ଯାହାର ସୁଯୋଗ ଯେ କେହି ମଧ୍ୟ ନେଇପାରିବେ।

CDR ସେଲ୍
Conciliation & Dispute Resoluton ସେଲ୍ (ସି.ଡି.ଆର.) ଅଭିଯୋଗକାରୀ ମାନଙ୍କର ଅଭିଯୋଗର ଆପୋସ ଆଲୋଚନା ମାଧ୍ୟମରେ ତ୍ୱରିତ ସମାଧାନ ପାଇଁ ଗଠନ କରାଯାଇଛି।

QPR
Quarterly Progress Report (QPR)
ପ୍ରତ୍ୟେକ ଗୃହ ନିର୍ମାଣକାରୀ ସଂସ୍ଥା ପ୍ରତି ୩ ମାସ ବ୍ୟବଧାନରେ ସେମାନଙ୍କର ପ୍ରକଳ୍ପର କ୍ରମୋନ୍ନତି ଏବଂ ଆର୍ଥିକ ପ୍ରଗତିର ବିବରଣୀ ଓରେରା ୱେବସାଇଟ୍ www.rera.odisha.gov.inରେ ଦେବାକୁ ବାଧ୍ୟ। ଏହା ଫଳରେ ଗୃହକ୍ରେତାମାନେ ସେମାନଙ୍କର ପ୍ରକଳ୍ପର ଅଗ୍ରଗତି ସମ୍ବନ୍ଧିତ ଧାରଣା ପାଇପାରିବେ।

ORERA Regn. No.
ଏବଂ website
ପ୍ରତ୍ୟେକ ଗୃହ ନିର୍ମାଣକାରୀ ସଂସ୍ଥା ନିଜ ବିଜ୍ଞାପନରେ ଓରେରା ରେଜିଷ୍ଟ୍ରେସନ୍ ନମ୍ବର ଏବଂ ୱେବସାଇଟ୍ (www.rera.odisha.gov.in) ଦେବାକୁ ବାଧ୍ୟ। ଏହାର ଅନୁପାଳନରେ ଖିଲାପ କଲେ ଜରିମାନା ଧାର୍ଯ୍ୟ ହେବ।

OIPR-13223/13/0010/2324

ନିଜ ସ୍ୱପ୍ନର ଘର କିମ୍ବା ଜାଗା ସମ୍ପର୍କରେ ଅଧିକ ଜାଣିବା ପାଇଁ www.rera.odisha.gov.inରେ ଲଗଇନ୍ କରନ୍ତୁ ବା ଓରେରା ଅଫିସ୍ ସହିତ ଯୋଗାଯୋଗ କରନ୍ତୁ।

“ଆପଣଙ୍କର ଅଧିକାର, ଆମ ଦାୟିତ୍ୱ”

ଯଦି ସମସ୍ତେ ନିଜ ନିଜ ବିଶ୍ୱାସକୁ ଦୃଢ଼ କରିବା ପାଇଁ ସଂଗ୍ରାମ କରନ୍ତେ ତେବେ ଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହୁଅନ୍ତା ନାହିଁ।
-ଲିଓ ଟଲଷ୍ଟୟ



ସକାଳ
THE SAKALA

## ନୂଆ କରୋନା ସଂକ୍ରମଣ ଭୟ

# ସତର୍କ ରହିବା ଆମର ଦାୟିତ୍ୱ

କୋଭିଡ୍ (କରୋନା)ର ଯିବା ଆସିବା ୨୦୨୦ରୁ ଅବ୍ୟାହତ ରହିଛି। ଏହାର ଭୂତାଣୁ ତୁହାକୁ ତୁହା ନୂଆ ରୂପରେ ଆସୁଛନ୍ତି ଓ ଯାଉଛନ୍ତି। ଏଯାବତ କୋଭିଡ୍‌ର ପାଞ୍ଚଟି ପ୍ରଜାତି ସଂକ୍ରମିତ ହେଲାଣି। ତେବେ ଡେଲ୍‌ଟା ପ୍ରଜାତିର ଭୂତାଣୁ ଭାରତ ସମେତ ସମଗ୍ର ବିଶ୍ୱରେ ଯେଉଁ ମୃତ୍ୟୁର ତାଣ୍ଡବ ରଚିଥିଲା ଆଉ କୌଣସି ପ୍ରଜାତି ସେଭଳି କ୍ଷୟକ୍ଷତି ଘଟାଇ ନାହିଁ। ଏ ପର୍ଯ୍ୟନ୍ତ ଆମେ କୋଭିଡ୍‌ର ଚାରିଟି ପ୍ରଜାତି ଯଥା ଆଲ୍‌ଫା, ବିଟା, ଡେଲ୍ଟା ଓ ଓମିକ୍ରନ୍ ଦେଖିଥିଲୁ। ଏବେ ଭାରତରେ କରୋନାର ଆଉ ଏକ ନୂଆ ଜେଏନ୍.୧ ଉପପ୍ରଜାତିର ଭୂତାଣୁ ସଂକ୍ରମଣ ଘଟିଛି। ଏହାର ପ୍ରଭାବରେ କେରଳ, କର୍ଣ୍ଣାଟକ ଓ ଉତ୍ତରପ୍ରଦେଶରେ ଲୋକେ ଆକ୍ରାନ୍ତ ହେବା ସହ କେତେକଙ୍କର ମୃତ୍ୟୁ ଖବର ମଧ୍ୟ ମିଳିଛି। ଚୀନ୍ ଓ ସିଙ୍ଗାପୁର ଆଦି କେତେକ ଦେଶରେ ଏହି ଭୂତାଣୁ ଗୁରୁତର ପରିସ୍ଥିତି ସୃଷ୍ଟି କରିଛି। ଆମେରିକା ସମେତ କେତେକ ପାଶ୍ଚାତ୍ୟ ଦେଶରେ ମଧ୍ୟ ଏହା ବ୍ୟାପିଲାଣି। ତେଣୁ ଭାରତ ଭଳି ଜନବହୁଳ ଦେଶରେ ସରକାର ଏହି ପଞ୍ଚମ ଲହରକୁ ନେଇ ଚିନ୍ତିତ ହେବା ସ୍ୱାଭାବିକ।

କୋଭିଡ୍‌ର ଏସବୁ ପ୍ରଜାତି ଓ ଉପପ୍ରଜାତି ସାର୍ସ କୋଭ୍-୨ ବ୍ୟାଧି ଗୋଷ୍ଠୀର। ଭବିଷ୍ୟତରେ ଆହୁରି ଏହାର କିଛି ନୂଆ ପ୍ରଜାତିର ସଂକ୍ରମଣ ଘଟିପାରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦେଇଛନ୍ତି। ଭାରତରେ ଦେଖା ଦେଇଥିବା ଜେଏନ୍-୧ ଓମିକ୍ରନ୍‌ର ଉପପ୍ରଜାତି ଭୂତାଣୁ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ଏହି ଭୂତାଣୁକୁ ନେଇ ସତର୍କତା ଜାରି କରିଛି। ନୂଆବର୍ଷ ବେଳକୁ ଏହାର ସଂକ୍ରମଣ ବିଶ୍ୱବ୍ୟାପୀ ବଢ଼ିବା ଘେନି ମଧ୍ୟ ସତର୍କ କରାଇ ଦିଆଯାଇଛି। ସତକଥା ହେଲା ଟିକା ଓ ଔଷଧ ବାହାରିବା ସତ୍ତ୍ୱେ ବିଶ୍ୱ କୋଭିଡ୍ ଉପରେ ନିର୍ଣ୍ଣାୟକ ବିଜୟ ଏ ଯାଏଁ ହାସଲ କରିପାରି ନାହିଁ। କରିବାର ସମ୍ଭାବନା ମଧ୍ୟ କମ୍। କାରଣ ଏହି ଭୂତାଣୁ ବାରମ୍ବାର ତାହାର ରୂପ ଓ ଗୁଣ ବଦଳାଇ ନୂଆ ନୂଆ ପ୍ରଜାତି ସୃଷ୍ଟି କରୁଛି। ତେଣୁ ଏହି ବ୍ୟାଧି ବିଭିନ୍ନ ପ୍ରକାର ଭୂତାଣୁ ମାଧ୍ୟମରେ ଆମ ପରିବେଶରେ ଏମିତି ରହିବ ଏବଂ ମଝିରେ ମଝିରେ ଏହାର ସଂକ୍ରମଣ ବଢ଼ିବ ଓ କମିବ। ଋତୁ ପରିବର୍ତ୍ତନ ସମୟରେ ଏହି ଭୂତାଣୁ ମଣିଷର ଶ୍ୱାସକ୍ରିୟା ବ୍ୟବସ୍ଥା ପ୍ରତି ବିପଦ ସୃଷ୍ଟି କରିବ।

ତେଣୁ ଯେଉଁ ଲୋକମାନଙ୍କର ସ୍ୱାସ୍ଥ୍ୟଗତ ଜଟିଳତା ରହିଛି, ଯେଉଁମାନେ ବୟସ୍କ / ବୃଦ୍ଧ ବା ଦୁର୍ବଳ ସେମାନଙ୍କୁ ଏହା ଆକ୍ରାନ୍ତ କରିବାର ଆଶଙ୍କା ଅଧିକ। ଟିକା ନେବା ବ୍ୟତୀତ କୋଭିଡ୍‌ର ସଫଳ ମୁକାବିଲା କ୍ଷେତ୍ରରେ ସାମାଜିକ ଦୂରତ୍ୱ ରକ୍ଷା, ମାସ୍କ ବ୍ୟବହାର, ଜନଗହଳି ଓ ଭିଡ଼ଠାରୁ ଦୂରେଇ ରହିବା, ବାରମ୍ବାର ହାତ ଧୋଇବା ଏବଂ ଥଣ୍ଡା ଓ ଜ୍ୱର ଭଳି ରୋଗର ତୁରନ୍ତ ଚିକିତ୍ସା କରିବା ବିଶେଷ ସଫଳ ପ୍ରମାଣିତ ହୋଇଛି। ଆମେ ଆହୁରି ମଧ୍ୟ ଦେଖିଛୁ ଯେ ଓମିକ୍ରନ୍‌ର ସମସ୍ତ ଉପପ୍ରଜାତି ଭୂତାଣୁର ଭୟାବହତା କମ୍ ରହିଛି ଏବଂ ଏଥିରେ ଆକ୍ରାନ୍ତ ଲୋକଙ୍କ ମୃତ୍ୟୁସଂଖ୍ୟା ଆନୁପାତିକ ଭାବେ ଡେଲ୍‌ଟା ତୁଳନାରେ ଯଥେଷ୍ଟ କମ୍। ସେହି ନ୍ୟାୟରେ ଜେଏନ୍-୧ ଉପପ୍ରଜାତିର ଭୂତାଣୁ ସଂକ୍ରମଣ ଯୋଗୁଁ ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ ହୋଇପାରେ ସତ; କିନ୍ତୁ ମୃତ୍ୟୁ ସଂଖ୍ୟା ସେତେ ଅଧିକ ହେବାର ଆଶଙ୍କା କ୍ଷୀଣ। ଏହା ଅଧିକ ଘାତକ ନୁହେଁ ଏବଂ ଏହି ପ୍ରଜାତିର ଭୂତାଣୁ ଏହି ଋତୁରେ ପ୍ରାୟ ସମସ୍ତଙ୍କଠାରେ ଦେଖିବାକୁ ମିଳିପାରେ ବୋଲି ଭୂତାଣୁ ବିଶେଷଜ୍ଞମାନେ କହୁଥିବା ବେଳେ ତା' ସହିତ କୋଭିଡ୍ ଅନୁରୂପ ବ୍ୟବହାର ଓ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛନ୍ତି। ତେଣୁ ଆମେ ସେ ସତର୍କତାକୁ ଉପେକ୍ଷା କରିବା ଅନୁଚିତ। ସେ ଦୃଷ୍ଟିରୁ ମାସ୍କ ପରିଧାନ ଓ ସାମାଜିକ ଦୂରତ୍ୱ ରକ୍ଷା ତ ପ୍ରଥମ ଆବଶ୍ୟକତା।

ଏବେ ଯେଉଁ କୋଭିଡ୍ ଲହର ଆସୁଛି, ତାହା ଯେ ଆଗଭଳି ଲକ୍‌ଡାଉନ୍, ସଟ୍‌ଡାଉନ୍ ଭଳି ପରିସ୍ଥିତି ସୃଷ୍ଟି କରିବ ସେ ଆଶଙ୍କା ଓ ପରିସ୍ଥିତି ଆଉ ବିଶେଷ ନାହିଁ। ଦେଶ ଓ ବିଶ୍ୱର ଅର୍ଥନୀତି ଏହାକୁ ସମ୍ଭାଳି ପାରିବ ନାହିଁ। ତେଣୁ କୋଭିଡ୍ ସହିତ ଆମକୁ ତାଳ ମିଳାଇ ବଞ୍ଚିବାକୁ ପଡ଼ିବ। ଭାରତ ସରକାର ପରିସ୍ଥିତିକୁ ଦୃଷ୍ଟିରେ ରଖି ସବୁ ରାଜ୍ୟକୁ ମାର୍ଗଦର୍ଶିକା ଓ ସତର୍କତା ପରାମର୍ଶ ଜାରି କରିଛନ୍ତି। ଏହାଛଡ଼ା କୋଭିଡ୍ ଚିକିତ୍ସା ବ୍ୟବସ୍ଥାକୁ ପୁନର୍ବାର ସବୁ ହସ୍‌ପିଟାଲରେ ସକ୍ରିୟ କରି ଟେଷ୍ଟିଂ ସୁବିଧା ପୁନଃ ଚାଲୁ କରିବାକୁ କୁହାଯାଇଛି। କର୍ଣ୍ଣାଟକ ଓ କେରଳ ସରକାର ନିଜ ନିଜ ରାଜ୍ୟରେ ମାସ୍କ ପରିଧାନ ବ୍ୟବସ୍ଥା ସର୍ବସାଧାରଣଙ୍କ ପାଇଁ ମଧ୍ୟ ଲାଗୁ କଲେଣି।

ଭାରତରେ ନୂଆ କୋଭିଡ୍ ଭୂତାଣୁର ପ୍ରବେଶ ଅର୍ଥ ଓଡ଼ିଶାରେ ଯେ କୌଣସି ମୁହୂର୍ତ୍ତରେ ଏହାର ସଂକ୍ରମଣ ଆରମ୍ଭ ହୋଇପାରେ। ତେଣୁ ରାଜ୍ୟ ସରକାରଙ୍କୁ ସତର୍କ ରହିବାକୁ ପଡ଼ିବ। ଆମ ରାଜ୍ୟର କୋଭିଡ୍ ପରିଚାଳନା ନୀତି ଓ ବ୍ୟବସ୍ଥା ଭଲ ଥିଲା। ତେଣୁ ରାଜ୍ୟରେ କୋଭିଡ୍ ମୃତ୍ୟୁ ସଂଖ୍ୟା ଅଧିକ ନ ଥିଲା। ଆହୁରି ମଧ୍ୟ ଆମ ରାଜ୍ୟର ଜନତା କୋଭିଡ୍ ନିୟମ ପରିପାଳନ କରିବାରେ ଉତ୍ତମ ଶୃଙ୍ଖଳା ଓ ଦାୟିତ୍ୱ ପ୍ରଦର୍ଶନ କରିଥିଲେ। ଆମେ ଏବେ ଟିକେ ସତର୍କ ରହିଗଲେ ଆଉ ଏକ ସମ୍ଭାବ୍ୟ ବଡ଼ ବିପଦକୁ ସହଜରେ ମୁକାବିଲା କରିପାରିବା। କୋଭିଡ୍ ପୁଣି ଭାରତକୁ ଫେରିଥିଲେ ମଧ୍ୟ ଏଥିରେ ଛାନିଆ ବା ଆତଙ୍କିତ ହେବାର କିଛି ନାହିଁ। ଆମ ପାଖରେ ନୂଆ ଟିକା ପ୍ରସ୍ତୁତିର ଦକ୍ଷତା ମଧ୍ୟ ରହିଛି ଓ ଆମ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ମଧ୍ୟ ପୂର୍ବ ଅନୁଭୂତି ଭିତ୍ତିରେ ଅଧିକ ସୁଦୃଢ଼ ହୋଇଛି। ତେଣୁ ଜନସହଯୋଗ ଦ୍ୱାରା ସରକାର ଆଉ ଏକ ସମ୍ଭାବ୍ୟ ମହାମାରୀର ସଫଳ ମୁକାବିଲା କରିପାରିବେ ବୋଲି ଆମା ଆଶା ଓ ବିଶ୍ୱାସ। ବିଶେଷକରି ଆମ ରାଜ୍ୟରେ ମୁଖ୍ୟମନ୍ତ୍ରୀଙ୍କ 'ଶୂନ୍ୟ ଜୀବନହାନି' ଓ 'ପ୍ରତ୍ୟେକଟି ଜୀବନ ମୂଲ୍ୟବାନ' ମନ୍ତ୍ର ଯେକୌଣସି ସମ୍ଭାବ୍ୟ ବିପଦର ମୁକାବିଲା କରିବା ପାଇଁ ପ୍ରଶାସନକୁ ଶକ୍ତି ଓ ଉତ୍ସାହ ଯୋଗାଇ ଆସିଛି ଓ ଅତ୍ୟନ୍ତ ପ୍ରଭାବଶାଳୀ ସାବ୍ୟସ୍ତ ହୋଇଛି। ଆମ ରାଜ୍ୟ ସରକାର ଆମ ପଛରେ ଅଛନ୍ତି। ସେ ଦୃଷ୍ଟିରୁ ଆମେ ନିଶ୍ଚିନ୍ତ ରହିବା। ଆମକୁ ରାଜ୍ୟ ସରକାରଙ୍କ ଅଭୟ ମିଳିବାର ଅର୍ଥ ନୁହେଁ ଯେ ଆମେ ଅମାନିଆ ହେବା ଓ ବେପରୁଆ ଭାବ ପ୍ରଦର୍ଶନ କରିବା। ଆମେ ଭୁଲି ଯିବା ଉଚିତ ନୁହେଁ ଯେ ଯେକୌଣସି ଜନସ୍ୱାସ୍ଥ୍ୟ ସମ୍ପର୍କିତ ଯୁଦ୍ଧରେ ଆମେ ଏକାଧାରରରେ ସୈନିକ ଓ ସାରଥି ମଧ୍ୟ। ଯୁଦ୍ଧରେ ଜୟଲାଭ କରିବାକୁ ହେଲେ ସେନାପତିଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରତିଟି ପାଦ ପକାଇବାକୁ ହେବ। ଆମ ମିଳିତ ସହଯୋଗ ଓ ସମର୍ଥନରେ ଓଡ଼ିଶା ସରକାର କୋଭିଡ୍ ମୁକାବିଲାରେ ବିଶ୍ୱସ୍ତରୀୟ ଉଦାହରଣ ସୃଷ୍ଟି କରିପାରିଥିଲେ। ଏହି ମାନସିକତା ଓ ଦୃଢ଼ ମନୋବଳ ସହିତ ଆମେ ପ୍ରସ୍ତୁତ ରହିବାକୁ ପୁଣି ଥରେ ସଂକଳ୍ପ କରିବା।

# ଯୁଦ୍ଧଧର୍ମ ଓ ଧର୍ମଯୁଦ୍ଧ

**ଶ୍ରୀକାନ୍ତ ସାହୁ**
ଭୁବନେଶ୍ୱର, ମୋ: ୯୯୩୮୩୯୬୭୮୩

ଅନ୍ୟାୟ, ଅତ୍ୟାଚାର, ଅନୀତି ବିରୋଧରେ ଏବଂ ସର୍ବୋପରି ଅନ୍ୟର ଅଧିକାରର ସୁରକ୍ଷା ପାଇଁ ହେଉଥିବା ସଂଗ୍ରାମ ଯଦି 'ଯୁଦ୍ଧ'ର ସଂଜ୍ଞା ବହନ କରେ ତେବେ ରାମାୟଣ ଓ ମହାଭାରତ ଭଳି ପ୍ରାଚୀନ ଯୁଦ୍ଧ ଶାସ୍ତ୍ର ଓ ତତ୍ତ୍ୱଗୁଡ଼ିକରେ ଏହାର ମର୍ମ ଯେ ପରିପୁଷ୍ଟ ହୋଇଛି ତାହା ନିଃସନ୍ଦେହ। ଅନ୍ୟାୟ, ଅନୀତି ବିରୋଧରେ ଏବଂ ଧର୍ମ ରକ୍ଷା ପାଇଁ ୧୮ ଦିନର ମହାଭାରତ ଯୁଦ୍ଧର ପ୍ରଭାବ ମାନବ ସଭ୍ୟତାର ମହାବିନାଶକାରୀ ଘଟଣା ଭାବେ ଲିପିବଦ୍ଧ। ଧର୍ମଯୁଦ୍ଧ ନାମରେ ଆଖ୍ୟାୟିତ ଏହି ମହାସମର ସ୍ୱାର୍ଥ ଓ ଅଧିକାରର ପୃଷ୍ଠଭୂମିରେ ସଂଘଟିତ ହୋଇଥିଲେ ହେଁ ଯୁଦ୍ଧଧର୍ମକୁ ଏଥିରେ ବଳି ଦିଆଯାଇ ନଥିଲା। କିନ୍ତୁ ଆଜିର ଆଧୁନିକ ମାନବ ସଭ୍ୟତା ଯୁଦ୍ଧର ଏହି ମୌଳିକ ଧର୍ମ, ଆଧାର ଏବଂ ପରିଭାଷାକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଛି। ଅନ୍ୟର ଅଧିକାରର ସୁରକ୍ଷା ଆଳରେ ସାମ୍ପ୍ରତିକ ଯୁଦ୍ଧସବୁ ସ୍ୱସ୍ୱାର୍ଥ ସୁରକ୍ଷା ଏବଂ ଅହଂକାର ପ୍ରତିଷ୍ଠାର ଲଢ଼େଇରେ ପରିଣତ ହୋଇଛି। ବିଶେଷକରି ପ୍ରଥମ ବିଶ୍ୱଯୁଦ୍ଧଠାରୁ ଆରମ୍ଭ କରି ଆଜିର ୟୁକ୍ରେନ-ରୁଷ ଏବଂ ହମାସ୍-ଇସ୍ରାଏଲ ଯୁଦ୍ଧକୁ ଏହାର ଉଦାହରଣ ରୂପେ ନିଆଯାଇପାରେ। 'ଧର୍ମ'ର ପରିଭାଷା ବଦଳି 'ଧର୍ମଯୁଦ୍ଧ' ଏବେ 'ଧର୍ମଭିତ୍ତିକ ଯୁଦ୍ଧ' ବା 'ସମ୍ପ୍ରଦାୟଭିତ୍ତିକ ଯୁଦ୍ଧ'ରେ ପରିଣତ ହୋଇଛି। ପାଶ୍ଚାତ ଜଗତଠାରୁ ଆରମ୍ଭ କରି ଏସିଆ, ମଧ୍ୟପ୍ରାଚ୍ୟ, ଆଫ୍ରିକା ଯାଏଁ ସ୍ୱଧର୍ମର ଆଧିପତ୍ୟ ଓ କ୍ଷମତା ପ୍ରତିଷ୍ଠା ହିଁ ଯୁଦ୍ଧର ମୂଳ ଉଦ୍ଦେଶ୍ୟ ହୋଇଛି। ଏହି ପରିପ୍ରେକ୍ଷୀରେ ଯୁଦ୍ଧ-ଧର୍ମ ଆଶା କରିବା ବୃଥା।

ଧର୍ମର ପରିବର୍ତ୍ତିତ ସଂଜ୍ଞା ଆଧାରରେ ଆଜିର ତଥାକଥିତ ସଭ୍ୟ ସମାଜ 'ଯୁଦ୍ଧ-ଧର୍ମ'କୁ ବାଦ୍ ଦେଇ ଯେଉଳି 'ଧର୍ମ-ଯୁଦ୍ଧ'ରେ ଲିପ୍ତ ରହିଛି ତାହା ମହାବିନାଶକାରୀ ତୃତୀୟ ଯୁଦ୍ଧକୁ ଜନ୍ମ ଦେବା ଏବଂ ମାନବସମାଜକୁ ଧ୍ୱଂସାଭିମୁଖୀ କରିବା ପାଇଁ ଯେ ପ୍ରେରିତ- ଏ କଥା ଫରାସୀ ଦାର୍ଶନିକ ତଥା ଭବିଷ୍ୟତବକ୍ତା ନଷ୍ଟ୍ରାଦାମସ୍ ଓ ବୁଲଗେରିଆନ ଭବିଷ୍ୟତବକ୍ତା ଭାଗେଲିଆ ପାଣ୍ଡେବା ସର୍ଚ୍ଚେବା(ବାବା ବେଙ୍ଗା)ଙ୍କ ଲିଖନୀରୁ ସ୍ପଷ୍ଟ। ଚତୁର୍ଦ୍ଦଶ ଶତାବ୍ଦୀରେ ଫ୍ରାନ୍ସରେ ଜନ୍ମଗ୍ରହଣ(୧୪ ଡିସେମ୍ବର, ୧୫୦୩) କରିଥିବା ନଷ୍ଟ୍ରାଦାମସ୍ ସାରାବିଶ୍ୱକୁ ନେଇ ଯେଉଁସବୁ ଭବିଷ୍ୟବାଣୀ କରିଥିଲେ ତାହା ୧୫୫୫ ମସିହାରେ 'ପ୍ରଫେସିଜ୍ ଅଫ୍ ନଷ୍ଟ୍ରାଦାମସ୍' ଭାବେ ପ୍ରଥମେ ପ୍ରକାଶିତ ହୋଇଥିଲା। କବିତା ଛନ୍ଦ ମାଧ୍ୟମରେ ସେ ପ୍ରାୟ ୯୪୬ଟି ଭବିଷ୍ୟବାଣୀ କରିଥିଲେ। ପରେ ପରେ ତାଙ୍କର ଅନେକ ଭବିଷ୍ୟବାଣୀ ବିଶ୍ୱର ବିଭିନ୍ନ ଅଞ୍ଚଳରେ ସତ ସାବ୍ୟସ୍ତ ହୋଇଥିବା ବେଳେ ତାଙ୍କର ଆକଳନକୁ ନେଇ ବହୁ ବିଦ୍ୱାନ ଗବେଷଣା କରି ବହୁ ପୁସ୍ତକ ରଚନା କରିଥିଲେ। ବିଗତ ଦିନରେ ବିଶ୍ୱର ବିଭିନ୍ନ ଭାଗରେ ଘଟିସାରିଥିବା ଘଟଣା ବ୍ୟତୀତ ନଷ୍ଟ୍ରାଦାମସ୍ ତାଙ୍କ ଲିଖନୀରେ ଆମେରିକାର ୯/୧୧ ଘଟଣା ସମ୍ପର୍କରେ ମଧ୍ୟ ସଙ୍କେତ ଦେଇଥିଲେ। ଏହି ଘଟଣା ଘଟିବାର ପ୍ରାୟ ୫୦୦ ବର୍ଷ ପୂର୍ବରୁ ନଷ୍ଟ୍ରାଦାମସ୍ ଯାହା ଉଲ୍ଲେଖ କରିଥିଲେ ତାହା ଆଜିର ଦିନରେ ଆମକୁ ଆଶ୍ଚର୍ଯ୍ୟଚକିତ କରିବା ସ୍ୱାଭାବିକ। ତାଙ୍କ ଭବିଷ୍ୟବାଣୀ ଅନୁଯାୟୀ, ଏକ ବଡ଼ ସହରରେ ଦୁଇ ଲୁହା ପକ୍ଷୀ ଦୁଇ ବଡ଼ ଖମ୍ବରେ ପିଟି ହେବେ। ଏହି ଘଟଣା ବୈଶ୍ୱିକ ରାଜନୀତିକୁ ଦୋହଲାଇ ଦେବ। ଏହାପରେ ଯେଉଁ ସ୍ଥିତି ଉପୁଜିବ ତାହା ରକ୍ତନଦୀ ବୁହାଇବ। ଯଦିଓ ୫୦୦ ବର୍ଷ ତଳେ ବିମାନର ଉଦ୍‌ଭାବନ ହୋଇ ନଥିଲା; କିନ୍ତୁ ବିମାନକୁ ହିଁ ନଷ୍ଟ୍ରାଦାମସ୍ 'ଲୁହା ପକ୍ଷୀ' ଭାବେ ସଙ୍କେତ ଦେଇଥିବା ଅନୁମାନ କରିହୁଏ। ୯/୧୧ ଘଟଣା ପରେ ଆମେରିକା ଆଫଗାନିସ୍ତାନରେ ବର୍ଷ ବର୍ଷ ଧରି ଯେଉଳି ନରସଂହାର ଚଳାଇଥିଲା ତାହା ହିଁ ରକ୍ତନଦୀର ସଙ୍କେତ ଥିଲା ବୋଲି ଗବେଷକମାନେ ଆକଳନ କରିଛନ୍ତି। କେବଳ ୯/୧୧ ଘଟଣା ନୁହେଁ, ନଷ୍ଟ୍ରାଦାମସ୍ ହିଟ୍‌ଲରଙ୍କ ଅଭ୍ୟୁଦୟଠାରୁ ଆରମ୍ଭ କରି ପ୍ରଥମ ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧ ଏବଂ ଜାପାନରେ ପରମାଣୁ ବୋମାର ଆତଙ୍କ ସମ୍ପର୍କରେ ମଧ୍ୟ ଉଲ୍ଲେଖ କରିଛନ୍ତି। କିନ୍ତୁ ସାମ୍ପ୍ରତିକ ସ୍ଥିତିରେ ତୃତୀୟ ବିଶ୍ୱଯୁଦ୍ଧକୁ



ନେଇ ସେ କରିଥିବା ଭବିଷ୍ୟବାଣୀ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ନଷ୍ଟ୍ରାଦାମସ୍‌ଙ୍କ କବିତାଛନ୍ଦକୁ ନେଇ ବିଶ୍ୱର ଯେଉଁ କତିପୟ ବିଦ୍ୱାନ ଗବେଷଣା କରି ତାଙ୍କର ଆକଳନକୁ ପୁସ୍ତକ ମାଧ୍ୟମରେ ପରିପ୍ରକାଶ କରିଛନ୍ତି ସେମାନଙ୍କ ମଧ୍ୟରେ କେନ୍ ବିଷ୍ଟ ହେଉଛନ୍ତି ଅନ୍ୟତମ। କେନ୍ ତାଙ୍କ ପୁସ୍ତକ 'ନଷ୍ଟ୍ରାଦାମସ୍ ପ୍ରେଡିକ୍ସନସ୍ ଆଣ୍ଡ ୱାର୍ଲଡ ୱାର୍ ୩-୨୦୨୫' ସମ୍ପର୍କରେ ଯାହା ଲେଖିଛନ୍ତି, ତାହା ଯେକୌଣସି ମଣିଷର ମନରେ ଶିହରଣ ଖେଳାଇ ଦେବା ଅସମ୍ଭବ ନୁହେଁ। ନଷ୍ଟ୍ରାଦାମସ୍‌ଙ୍କ ୧୮୧ଟି ଛନ୍ଦକୁ ନେଇ କେନ୍ ତୃତୀୟ ବିଶ୍ୱଯୁଦ୍ଧର ଘଟଣାକ୍ରମ ଓ ଏହାର କାରଣକୁ ସୂଚିତ କରିଥିଲା ବେଳେ ହମାସ୍-ଇସ୍ରାଏଲ ମହାସମର ହିଁ ଏହାର ପୃଷ୍ଠଭୂମି ବୋଲି ଏକପ୍ରକାର ଧାରଣା ସ୍ପଷ୍ଟ ହେଉଛି। ପୃଥିବୀର ଯେଉଁ ଅକ୍ଷାଂଶ, ଦ୍ରାଘିମାରେ ଏହି ଯୁଦ୍ଧ ଆରମ୍ଭ ହେବ ଏବଂ ଏହାର ପରିଣାମ କ'ଣ ହେବ, ତାହା ଏଥିରେ ବର୍ଣ୍ଣିତ ଅଛି। ହଜାର ହଜାର ଲୋକଙ୍କ ମୃତ୍ୟୁ ସହିତ ଏହି ଯୁଦ୍ଧ ମୁଖ୍ୟତଃ ଦୁଇ ସମ୍ପ୍ରଦାୟ ମଧ୍ୟରେ ତୃତୀୟ ବିଶ୍ୱଯୁଦ୍ଧକୁ ଜନ୍ମ ଦେବ ବୋଲି କୁହାଯାଇଛି। ନଷ୍ଟ୍ରାଦାମସ୍‌ଙ୍କ ମାଳିକା ୯-୧୧, ୫-୪୭ ଓ ୬-୨୧ ଅନୁଯାୟୀ ଏକବିଂଶ ଶତାବ୍ଦୀରେ ମୁସ୍‌ଲିମ୍ ଓ ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟ ମଧ୍ୟରେ ଯୁଦ୍ଧ ଆରମ୍ଭ ହେବ। ବିଗତ ଶତାବ୍ଦୀରୁ ଏହି ଦୁଇ ସମ୍ପ୍ରଦାୟ ମଧ୍ୟରେ ଥିବା ବିଦ୍ୱେଷ ଏକବିଂଶ ଶତାବ୍ଦୀରେ ଅଧିକ ବିବାଦୀୟ ହୋଇ ଉଗ୍ର ରୂପେ ନେବ। ଏହି ବିବାଦ କ୍ରମଶଃ ବିଶ୍ୱକୁ ଦୁଇଗୋଷ୍ଠୀରେ ବିଭାଜିତ କରିବ।

ସେହିପରି ଉଭୟ ନଷ୍ଟ୍ରାଦାମସ୍ ଏବଂ ବାବା ବେଙ୍ଗାଙ୍କ ଭବିଷ୍ୟବାଣୀରେ କୁହାଯାଇଛି ଯେ ୨୦୨୩ ପରେ ୨୦୨୪ରୁ ୨୦୨୫ ମଧ୍ୟରେ ବିଶ୍ୱବାସୀ ତୃତୀୟ ବିଶ୍ୱଯୁଦ୍ଧ ଦେଖିବେ। ଏହି ସମୟରେ ପୃଥିବୀର ବିଭିନ୍ନ ଭାଗରେ ୭୦ରୁ ଅଧିକ ପରମାଣୁ ବିସ୍ଫୋରଣ ହେବ। ବିଶ୍ୱର ୧୨୦୦୦ରୁ ଅଧିକ ସହର ଧ୍ୱଂସ ହୋଇଯିବ। ସମଗ୍ର ବିଶ୍ୱ ଏଭଳି ଧୂଆଁରେ ଭର୍ତ୍ତି ହୋଇଯିବ ଯେ ପ୍ରାୟ ଏକବର୍ଷ ଧରି ସୂର୍ଯ୍ୟକିରଣ ଧରାପୃଷ୍ଠରେ ପଡ଼ିବା ଅସମ୍ଭବ ହୋଇଯିବ। ବର୍ତ୍ତମାନ ରୁଷ-ୟୁକ୍ରେନ୍ ଓ ହମାସ୍-ଇସ୍ରାଏଲ୍ ଯୁଦ୍ଧ ପରିପ୍ରେକ୍ଷୀରେ ଯାହା କିଛି ଦେଖାଯାଉଛି ତାହା ଏହି ଦୁଇ ଭବିଷ୍ୟତବକ୍ତାଙ୍କ ଆକଳନକୁ ଏକପ୍ରକାର ସ୍ପଷ୍ଟ କରୁଛି। ରୁଷର କ୍ଷେପଣାସ୍ତ୍ର ଆକ୍ରମଣରେ ୟୁକ୍ରେନ୍‌ର ଅନେକ ଅଟ୍ଟାଳିକା ଓ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ, ସଂସ୍ଥା ମାଟିରେ ମିଶିଯାଇଥିବା ବେଳେ ଉଭୟ ଦେଶର ମୃତାହତ ସଂଖ୍ୟା ୫ ଲକ୍ଷରୁ ଊର୍ଦ୍ଧ୍ୱ। ସେହିପରି ଇସ୍ରାଏଲ୍‌ର ଘନ ଘନ ବୋମା ମାଡ଼ରେ ଗାଜାର ଅନେକ ସହର ଧ୍ୱଂସସ୍ତୂପରେ ପରିଣତ ହୋଇଥିବା ବେଳେ ପାଖାପାଖି ୫୦, ୦୦୦ ଲୋକ ମୃତାହତ ହୋଇଛନ୍ତି। ଏହାବ୍ୟତୀତ ଲକ୍ଷ ଲକ୍ଷ ଲୋକ ବିସ୍ଥାପିତ ହୋଇ ବେସାହାରା ହୋଇପଡ଼ିଛନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଯେତିକି ଗୋଳାବାରୁଦ ବ୍ୟବହାର କରାଯାଇଥିଲା ଇସ୍ରାଏଲ୍-ହମାସ୍ ଯୁଦ୍ଧରେ ତାହାଠାରୁ ଅଧିକ ପରିମାଣର ମାରାତ୍ମକ ଗୋଳାବାରୁଦ ବ୍ୟବହାର କରାଯାଇସାରିଛି।

କେବଳ ରୁଷ-ୟୁକ୍ରେନ୍ କିମ୍ବା ହମାସ୍-ଇସ୍ରାଏଲ୍ ଯୁଦ୍ଧର କଥା ନୁହେଁ, ମଧ୍ୟପ୍ରାଚ୍ୟରେ ଇରାନଠାରୁ ଆରମ୍ଭ କରି ସିରିଆ, ଲେବାନନ୍, ୟେମେନ, ଇରାକ, ଆର୍ମେନିଆ, ତୁର୍କି ଓ ପାକିସ୍ତାନ, ଆଫଗାନିସ୍ତାନ ଭଳି ରାଷ୍ଟ୍ରମାନଙ୍କରେ ଇସଲାମକୁ ନେଇ ଯେଉଳି ସ୍ଥିତି ଉପୁଜିଛି ତାହା ଆଗାମୀ ଦିନରେ ଅତି ଉଗ୍ର ଓ ବିଧ୍ୱଂସକାରୀ ରୂପ ନେବ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଫିନ୍‌ଲ୍ୟାଣ୍ଡ, ନେଦରଲ୍ୟାଣ୍ଡଠାରୁ ଆରମ୍ଭ କରି ଫ୍ରାନ୍ସ, ବ୍ରିଟେନ୍, ସ୍ପେନ୍ ଭଳି ବହୁ ପ୍ରମୁଖ ୟୁରୋପୀୟ ରାଷ୍ଟ୍ରମାନଙ୍କରେ ଇସଲାମକୁ ନେଇ ଯେଉଁ ବିରୋଧୀ ଆଭିମୁଖ୍ୟ ଗ୍ରହଣ କରାଯାଉଛି ତାହା ତୃତୀୟ ବିଶ୍ୱଯୁଦ୍ଧ ପାଇଁ ଭିତ୍ତି ପ୍ରସ୍ତୁତ କରୁଛି ବୋଲି ଅନୁମାନ କରାଯାଉଛି। ଏହାବ୍ୟତୀତ ଆଫ୍ରିକା ମହାଦେଶରେ ଇସଲାମକୁ ନେଇ ବଢୁଥିବା ବାଦବିବାଦ ଏହିକ୍ରମରେ ଯୋଡ଼ି ହୋଇଯାଇଛି। ସେହିଭଳି ଏସିଆ ମହାଦେଶରେ ଚୀନ, ରୁଷିଆ, ଜାପାନ, ଦକ୍ଷିଣ କୋରିଆ ଏବଂ ଉତ୍ତର କୋରିଆକୁ ନେଇ ଯେଉଁ ସ୍ଥିତି ଉପୁଜିଛି ତାହା ମଧ୍ୟ ଚିନ୍ତାଜନକ।

ଉଦ୍‌ବେଗଜନକ ହେଉଛି ନଷ୍ଟ୍ରାଦାମସ୍ ଏବଂ ବାବା ବେଙ୍ଗାଙ୍କ ଭବିଷ୍ୟବାଣୀରେ ଯାହା ଉଲ୍ଲେଖ ରହିଛି ସେଥିରେ ତୃତୀୟ ବିଶ୍ୱଯୁଦ୍ଧ ପାଇଁ ପରମାଣୁ ଅସ୍ତ୍ର ଏବଂ ଏଥିରେ ଆତଙ୍କବାଦୀଙ୍କ ଭୂମିକା ସବୁଠୁ ଆତଙ୍କପୂର୍ଣ୍ଣ ରହିବ ବୋଲି କୁହାଯାଇଛି। କ୍ଷମତା ଏବଂ ଅହଂକାରର ପ୍ରତିଷ୍ଠା ପାଇଁ ରୁଷିଆ ଏବଂ ଚୀନ ଭଳି ବାମପନ୍ଥୀ ଚିନ୍ତାଧାରାର ରାଷ୍ଟ୍ର ପାଶ୍ଚାତ୍ୟ ଜଗତ ବିରୋଧରେ ନିର୍ଣ୍ଣାୟକ ଲଢ଼େଇ ଆରମ୍ଭ କରିବେ। ସେମାନଙ୍କ ସହିତ କଟ୍ଟରପନ୍ଥୀ ରାଷ୍ଟ୍ର ଇରାନ, ଉତ୍ତରକୋରିଆ ହାତ ମିଳାଇବ ଓ ଅନ୍ୟ ଇସଲାମୀୟ ରାଷ୍ଟ୍ରଗୁଡ଼ିକ ଧୀରେ ଧୀରେ ପକ୍ଷଭୁକ୍ତ ହେବେ। ଏହି ପ୍ରକ୍ରିୟାରେ କଟ୍ଟରପନ୍ଥୀ ଓ ମୌଳବାଦୀ ଇସଲାମିକ୍ ଆତଙ୍କବାଦୀମାନେ ବିଶ୍ୱର ବିଭିନ୍ନ ଭାଗରେ ଗଚ୍ଛିତ ରହିଥିବା ପରମାଣୁ ଅସ୍ତ୍ରଶସ୍ତ୍ରଗୁଡ଼ିକୁ ହଡ଼ପ କରି ଶତ୍ରୁରାଷ୍ଟ୍ର ବିରୋଧରେ ପ୍ରୟୋଗ କରିବେ ବୋଲି ଉପରୋକ୍ତ ଦୁଇ ମହାତ୍ମାଙ୍କ ବାଣୀରେ ସଂକେତ ଦିଆଯାଇଛି। ସେମାନଙ୍କ ଭବିଷ୍ୟବାଣୀରେ ଆହୁରି କୁହାଯାଇଛି ଯେ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ରାଷ୍ଟ୍ର ଆମେରିକା ରୁଷିଆ ଓ ଚୀନ୍ ଆଗରେ ନତମସ୍ତକ ହେବ ଏବଂ ୟୁରୋପର ଅନେକ ରାଷ୍ଟ୍ର ଅସ୍ତିତ୍ୱ ହରାଇବେ। ସ୍ପେନ୍ ଭଳି ରାଷ୍ଟ୍ର ଦୁଇ ଖଣ୍ଡ ହୋଇ କାଟୋଲିନା ଭଳି ନୂଆ ରାଷ୍ଟ୍ର ଜନ୍ମ ନେବ। ପୂର୍ବରୁ ଏହି ଦୁଇ ଭବିଷ୍ୟବକ୍ତାଙ୍କ ବାଣୀ ସତ ପ୍ରମାଣିତ ହୋଇଆସୁଥିବାରୁ ତୃତୀୟ ବିଶ୍ୱଯୁଦ୍ଧ ଚେତାବନୀକୁ ମଧ୍ୟ ହାଲ୍‌କା ଭାବେ ନେଇ ହେବ ନାହିଁ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପାଶ୍ଚାତ୍ୟ ଜଗତଠାରୁ ଆରମ୍ଭ କରି ଏସିଆ, ମଧ୍ୟପ୍ରାଚ୍ୟ ଏବଂ ଆଫ୍ରିକା ପର୍ଯ୍ୟନ୍ତ ଧର୍ମ ଏବଂ କ୍ଷମତା ପ୍ରତିଷ୍ଠା ଲାଗି ଭୂ-ରାଜନୀତି ଯେଉଁ ସ୍ତରରେ ପହଞ୍ଚିଛି ତା'ଦ୍ୱାରା ମାନବ ସଭ୍ୟତା ଯେ ବିନାଶ ଆଡ଼କୁ ମୁହାଁଇବାରେ ଲାଗିଛି ତାହା ଆଉ ଅସ୍ୱୀକାର କରି ହେବ ନାହିଁ। ଗୋଟିଏ ପଟରେ ସଚେତନଶୀଳ ମଣିଷ ବିଶ୍ୱସମାଜରେ କ୍ଷୁଧା, ଦାରିଦ୍ର୍ୟ, ରୋଗ, ଶୋକର ଦୂରୀକରଣ ସହିତ ପରିବେଶ ସୁରକ୍ଷା ଓ ଶାନ୍ତି ପ୍ରତିଷ୍ଠା ପାଇଁ ଅହରହ ଉଦ୍ୟମ କରୁଛି। ଅପରପକ୍ଷରେ ଅହଂକାର, ପ୍ରତିପତ୍ତି, ବିସ୍ତାରବାଦୀ ଆଭିମୁଖ୍ୟ ଓ ଧାର୍ମିକ ଅସହିଷ୍ଣୁତା ମାନବ ସଭ୍ୟତାକୁ ଯେଉଁଠି ନେଇ ଛିଡ଼ା କରାଇଛି, ତା'ଦ୍ୱାରା ଧ୍ୱଂସାଭିମୁଖୀ ପୃଥିବୀର ଦୃଶ୍ୟପଟ୍ଟ ହିଁ ସାମ୍ନାକୁ ଆସୁଛି। ଧ୍ୱଂସାଭିମୁଖୀ ପୃଥିବୀର ସୁରକ୍ଷା ପାଇଁ ଏବେ ସବୁ ଧର୍ମ ପରିତ୍ୟାଗ କରି ଏକମାତ୍ର ଧର୍ମରେ ସମଗ୍ର ମାନବ ଜାତି ଦୀକ୍ଷିତ ହେବା ଅପରିହାର୍ଯ୍ୟ ହୋଇପଡ଼ିଛି। ତାହା ହେଉଛି - ମାନବ ଧର୍ମ। ଏହି ଧର୍ମର ସୁରକ୍ଷା ପାଇଁ ଯେଉଁ ଯୁଦ୍ଧ ଆରମ୍ଭ ହେବ ତାହାର ଅସ୍ତ୍ର ହେବ ଶାନ୍ତି, ପ୍ରୀତି, ମୈତ୍ରୀ, ଭ୍ରାତୃତ୍ୱ, ସୌହାର୍ଦ୍ଦ୍ୟ। ଆଉ ଏହି ଯୁଦ୍ଧର ଧର୍ମ ହେବ ଅହିଂସା।

# ସର୍ବଶିକ୍ଷା: ପ୍ରଗତିର ମୂଳଦୁଆ



**ଅଧ୍ୟାପକ ଗୋପବନ୍ଧୁ**
ବାରିପଦା, ମୋ: ୭୦୦୮୯୭୬୧୮୦

ଯେକୌଣସି ରାଷ୍ଟ୍ରର ବିକାଶ ଶିକ୍ଷାର ବିକାଶ ଉପରେ ନିର୍ଭରଶୀଳ। ଯେଉଁ ଦେଶଗୁଡ଼ିକ ଆଜି ବିକଶିତ ରାଷ୍ଟ୍ରଭାବେ ବିବେଚିତ ହେଉଛନ୍ତି ସେମାନେ ଶିକ୍ଷାର ଭୂମିକାକୁ ସର୍ବାଦୌ ଗୁରୁତ୍ୱ ଦେଇ ଆସୁଛନ୍ତି। ସେମାନଙ୍କ ଭଳି ଉଚ୍ଚଶିକ୍ଷାର ପ୍ରସାର ଦିଗରେ ଆମେ ସେତେଟା ଗୁରୁତ୍ୱ ଦେଉନାହୁଁ। ସେମାନେ ଜାଣିଛନ୍ତି କେବଳ ଉଚ୍ଚ ଶିକ୍ଷିତମାନେ ହିଁ ଦେଶକୁ କ୍ଷିପ୍ରଗତିରେ ଆଗକୁ ନେଇ ପାରିବେ। ଉଚ୍ଚଶିକ୍ଷା ବୌଦ୍ଧିକତାର ବିକାଶ ଘଟାଏ। ଏହା ପ୍ରଗତିର ମାର୍ଗକୁ ଉନ୍ମୁକ୍ତ କରେ। ସମାଜରୁ ବିଭେଦତା ଦୂର କରି ଐକ୍ୟବଦ୍ଧ କରେ ଓ ଦେଶକୁ ଏକ ଉନ୍ନତ ସ୍ତରକୁ ନେଇଯିବାକୁ ଚେଷ୍ଟା କରେ। ଭାରତବର୍ଷ ବିକଶିତ ରାଷ୍ଟ୍ରରେ ପରିଣତ ହେବା ପାଇଁ ହେଲେ ତାଙ୍କ ତୁଲ୍ୟ ଆମକୁ ଉଭୟ ସର୍ବଶିକ୍ଷା ଓ ଉଚ୍ଚଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ହେବ। କେବଳ ସ୍ଲୋଗାନ ଆମକୁ ବିଶ୍ୱଗୁରୁର ମାନ୍ୟତା ଦେବନାହିଁ। ଏଥିପାଇଁ ଆମକୁ ଶୈକ୍ଷିକ ଭିତ୍ତିଭୂମି ବିକାଶ କରିବାକୁ ପଡ଼ିବ। ବୌଦ୍ଧିକ ଚେତନାର ବିକାଶ ହେଲେ ଯାଇ ସବୁକ୍ଷେତ୍ରରେ ଶ୍ରେଷ୍ଠତା ପ୍ରାପ୍ତିର ମାର୍ଗ ଅନ୍ୱେଷଣ ସହଜ ହେବ।

ଶିକ୍ଷାକୁ ନେଇ ଚୀନରେ ଏକ ସୁନ୍ଦର ଲୋକକଥା ରହିଛି। ତାହା ହେଉଛି 'ତୁମେ ଯଦି ଗୋଟିଏ ବର୍ଷରେ ଫଳ ପାଇବାକୁ ଚାହୁଁଛ, ତେବେ ଧାନ ଚାଷ କର, ତୁମେ ଯଦି ଗୋଟିଏ ଦଶକରେ ଫଳ ପାଇବାକୁ ଚାହୁଁଛ ତେବେ ଗଛ ଲଗାଅ, ତୁମେ ଯଦି ଜୀବନବ୍ୟାପୀ ଫଳ ପାଇବାକୁ ଚାହୁଁଛ ତେବେ ପିଲାଙ୍କୁ ପାଠ ପଢ଼ାଅ।' ଦକ୍ଷିଣ ଆଫ୍ରିକାର ବର୍ଣ୍ଣବୈଷମ୍ୟ ବିରୋଧୀ ଆନ୍ଦୋଳନର ଅଦ୍ୱିତୀୟ ନେତା ନେଲସନ ମଣ୍ଡେଲାଙ୍କ ମତରେ 'ଶିକ୍ଷା ହେଉଛି ଏପରି ଶକ୍ତିଶାଳୀ ଅସ୍ତ୍ର, ଯାହା ସାହାଯ୍ୟରେ ତୁମେ ସାରା ବିଶ୍ୱକୁ ବଦଳାଇ ଦେଇପାରିବ।' ଦାସତ୍ୱ ପ୍ରଥାର ଉଚ୍ଛେଦ କରିବା ଦିଗରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଯୁକ୍ତରାଷ୍ଟ୍ର ଆମେରିକାର ସୁପ୍ରସିଦ୍ଧ ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନଙ୍କ ମତରେ ଗୋଟିଏ ସୁଦୃଢ଼ ଦେଶର ସମସ୍ତ ନାଗରିକ ଏକ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତାର ଅଧିକାରୀ ହେବା ଆବଶ୍ୟକ। ଚୀନରେ ସାମ୍ୟବାଦର ପ୍ରତିଷ୍ଠାତା ମାଓ-ସେ-ତୁଙ୍ଗ କହିଥିଲେ ଦେଶର କୋଟିକୋଟି ଶିଶୁରୂପକ କଢ଼ିକୁ ଶିକ୍ଷା ମାଧ୍ୟମରେ ପ୍ରସ୍ଫୁଟିତ କରାଯାଇ ପାରିବ। ଆମ



ସମ୍ବିଧାନର ପ୍ରଣେତା ଡକ୍ଟର ଆମ୍ବେଦକରଙ୍କ ମତରେ ଶିକ୍ଷା ପୂର୍ଣ୍ଣତା ଦିଏ, ଶିକ୍ଷା ସଚେତନ କରାଏ, ଶିକ୍ଷା ସମତା ଭାବକୁ ଜାଗ୍ରତ କରାଏ, ଶିକ୍ଷା ସଂଘର୍ଷର ବାଟ ବତାଏ। ତେଣୁ ଭାରତବର୍ଷରେ ଉଭୟ ସାମାଜିକ ଓ ଆର୍ଥିକ ବିକାଶ ପାଇଁ ସର୍ବଶିକ୍ଷା ଓ ଉଚ୍ଚଶିକ୍ଷା ଅତ୍ୟନ୍ତ ଜରୁରୀ।

ତୁଳନାତ୍ମକ ବିଚାର କଲେ ଶିକ୍ଷାଦୃଷ୍ଟିରୁ ଆମର ବର୍ତ୍ତମାନ ସ୍ଥିତି କ'ଣ ତାହା ଜଣାପଡ଼େ। ୨୦୧୧ ମସିହାର ଜନଗଣନା ଅନୁଯାୟୀ ଭାରତବର୍ଷରେ ଶିକ୍ଷାର ହାର ହେଉଛି ଶତକଡ଼ା ୭୪ ଭାଗ। ଏବେ ଏ ହାର ସାମାନ୍ୟ ବୃଦ୍ଧି ପାଇଥିବାର ସୂଚନା ମିଳୁଛି। ଆମ ଦେଶରେ କେରଳ ହେଉଛି ସର୍ବାଧିକ ଶିକ୍ଷିତ ରାଜ୍ୟ, ଯାହାର ଶିକ୍ଷା ହାର ଶତ ପ୍ରତିଶତକୁ ଛୁଇଁଛି। ତା' ତଳକୁ ଅଛି ଗୋଆ। ଦୁଃଖର କଥା ଯେ ସ୍ୱାଧୀନତାର ଦୀର୍ଘବର୍ଷ ପରେ ବି ଆମ ଦେଶରେ ଜାତୀୟସ୍ତରରେ ସାକ୍ଷରତା ହାର ଶତପ୍ରତିଶତ ହୋଇପାରି ନାହିଁ। ଶିକ୍ଷାଗତ ବିଷମତା ଯୋଗୁଁ ଦେଶରେ ବିଷମ ସମାଜ ସୃଷ୍ଟି ହେଉଛି। କେଉଁଠି ନା କେଉଁଠି ଆମ ଶିକ୍ଷା ଯୋଜନାରେ ତ୍ରୁଟି ରହିଛି କିମ୍ବା ଏହାକୁ କାର୍ଯ୍ୟକାରୀ କରିବାରେ ଆନ୍ତରିକତାର ଅଭାବ ରହିଛି। ଯେଉଁମାନେ ଶିକ୍ଷିତରେ ଗଣା ହେଉଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ଠିକ୍ ଭାବରେ ଲେଖିପଢ଼ି ପାରିବେ ନାହିଁ।

ଆମେ ୧୯୪୭ ମସିହାରେ ସ୍ୱାଧୀନ ହେଲୁ। ଆମର ଦୁଇବର୍ଷ ପରେ ଅର୍ଥାତ ୧୯୪୯ ମସିହାରେ ଚୀନରେ ବିପ୍ଳବ ମାଧ୍ୟମରେ କ୍ଷମତାର ପରିବର୍ତ୍ତନ ହେଲା ଓ ସାମ୍ୟବାଦୀ ଶାସନ ପ୍ରତିଷ୍ଠା ହେଲା। ମାତ୍ର ୩୦ ବର୍ଷ ମଧ୍ୟରେ ଚୀନ ନୂତନ ପିଢ଼ିକୁ ଶତପ୍ରତିଶତ ଶିକ୍ଷିତ କରାଇ ପାରିଥିଲା। ଏବେ ଚୀନର ସାମଗ୍ରିକ ଶିକ୍ଷାହାର ପାଖାପାଖି ଶତପ୍ରତିଶତ। ସେହିପରି କ୍ୟୁବା ଏକ ଛୋଟଦେଶ, ଯେଉଁଠାରେ ବିପ୍ଳବୀ ସରକାର ୧୯୭୯ ରେ ସ୍ଥାପିତ ହୋଇଥିଲା। ସେ ଦେଶ ମଧ୍ୟ ଶିକ୍ଷା ଦୃଷ୍ଟିରୁ ଆମଠାରୁ ବହୁ ଆଗରେ। ସେଠାକାର ତତକାଳୀନ ରାଷ୍ଟ୍ରପତି ଫିଡେଲ୍ କାଷ୍ଟ୍ରୋ ଥରେ ଗର୍ବର ସହିତ କହିଥିଲେ ଯେ ମୋ ଦେଶର ସଫେଇ କର୍ମଚାରୀମାନେ ମଧ୍ୟ ସ୍ନାତକୋତ୍ତର। ବିଶ୍ୱର ଅନେକ ଦେଶରେ ଶିକ୍ଷାର ହାର ଶତପ୍ରତିଶତ। କେବେ ବି ଏମାନଙ୍କ ସହିତ ଆମେ ନିଜକୁ ତୁଳନା କରୁନା। ଆମେ ଅପେକ୍ଷାକୃତ ଦୁର୍ବଳ ରାଷ୍ଟ୍ର ପାକିସ୍ତାନ, ବାଂଲାଦେଶ, ଶ୍ରୀଲଙ୍କା ପରି ଦେଶ ସହିତ ନିଜକୁ ତୁଳନା କରିଥାଉ। ଯେଉଁ ଦେଶମାନଙ୍କୁ ଆମେ ବିକଶିତ ରାଷ୍ଟ୍ର ବୋଲି କହୁଛୁ ସେ ସମସ୍ତ ଦେଶର ଶିକ୍ଷାର ହାର ବହୁ ଉପରେ ରହିଛି। ଆମ ଦେଶରେ ଶିକ୍ଷାର ବିକାଶ ଯେଉଁ ମନ୍ଥର ଗତିରେ ହେଉଛି, ଆମକୁ ସେହି ସ୍ତରରେ ପହଞ୍ଚିବାକୁ ହେଲେ ଆହୁରି ଅନେକ ଦଶନ୍ଧି ଲାଗିବ। ଉଚ୍ଚଶିକ୍ଷା କ୍ଷେତ୍ରରେ ମଧ୍ୟ ଆମେ ବହୁ ପଛରେ। ସ୍ନାତକକୁ ସର୍ବନିମ୍ନ ଉଚ୍ଚଶିକ୍ଷା ବୋଲି ଗ୍ରହଣ କଲେ ବିକଶିତ ରାଷ୍ଟ୍ରମାନଙ୍କରେ ଏହା ପାଖାପାଖି ଶତକଡ଼ା ୫୦ ଭାଗ। କାନାଡ଼ାରେ ସ୍ନାତକମାନଙ୍କ ସଂଖ୍ୟା ସର୍ବାଧିକ ୫୬ %। ଆମର ଚିରପ୍ରତିଦ୍ୱନ୍ଦ୍ୱୀ ଚୀନ ବି ଆମଠାରୁ ବହୁ ଆଗରେ ରହିଛି। ସେହି ତୁଳନାରେ ଆମ ଦେଶରେ ଏହି ହାର ମାତ୍ର ଶତକଡ଼ା ୫ ଭାଗ।

ଆମ ଦେଶରେ ସର୍ବଶିକ୍ଷା ଓ ଉଚ୍ଚଶିକ୍ଷା କେବଳ ପ୍ରଗତିକୁ ତ୍ୱରାନ୍ୱିତ କରିବ ତାହା ନୁହେଁ, ବହୁ ପୁରାତନ ସାମାଜିକ ବୈଷ୍ୟମକୁ ଦୂରକରିବା ସହିତ ଅନ୍ଧବିଶ୍ୱାସ ଓ କୁସଂସ୍କାର ଉପରେ ମଧ୍ୟ ଲଗାମ ଲଗାଇବ। ଏଥିପାଇଁ ସୁଚିନ୍ତିତ ଦୀର୍ଘସ୍ଥାୟୀ ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ। ବିକଶିତ ରାଷ୍ଟ୍ରମାନଙ୍କରେ ଶିକ୍ଷା ବଜେଟ୍ ପ୍ରାୟତଃ ଆମ ଦୁଇଗୁଣ। ଆମ ଦେଶରେ ଶିକ୍ଷା ବଜେଟ୍ ଜିଡିପିର ଶତକଡ଼ା ତିନି ଭାଗରୁ ସାମାନ୍ୟ ଅଧିକ। ଆମ ପ୍ରତିଦ୍ୱନ୍ଦ୍ୱୀ ଚୀନର ଶିକ୍ଷା ବଜେଟ୍ ପାଖାପାଖି ଜିଡିପିର ୧୦ %। ଏପରି ପରିସ୍ଥିତିରେ ଆମେ ବିଶ୍ୱଗୁରୁ ହେବା କିପରି? ଏହି ଲକ୍ଷ୍ୟ ହାସଲ କରିବାକୁ ହେଲେ ସର୍ବଶିକ୍ଷା ଅଭିଯାନକୁ ଆହୁରି ବ୍ୟାପକ କରିବାକୁ ପଡ଼ିବ। ଆଗାମୀ ଏକ ଦଶକ ମଧ୍ୟରେ ଦେଶର ସମସ୍ତ ନାଗରିକଙ୍କୁ ଶିକ୍ଷିତ କରିବାର ଯୋଜନା ତିଆରି କରିବାକୁ ପଡ଼ିବ। ଏତତ୍‌ବ୍ୟତୀତ ଆଗାମୀ ଦୁଇ ଦଶକ ମଧ୍ୟରେ ଅନ୍ୟୂନ ୫୦ % ଲୋକଙ୍କୁ ସ୍ନାତକ ଡିଗ୍ରୀଧାରୀ କରିବାର ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ। ସର୍ବଶିକ୍ଷା ଓ ଉଚ୍ଚଶିକ୍ଷାର ଏ ଲକ୍ଷ୍ୟ ହାସଲ ପାଇଁ ସମସ୍ତଙ୍କ ସହଯୋଗିତା ଓ ସହଭାଗିତା ଅତ୍ୟନ୍ତ ଜରୁରୀ।

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ରାଇବଣିଆରେ ଆଦିବାସୀଙ୍କ ଅଧିକାର ସମାବେଶ



**ରାଇବଣିଆ, ୨୧।୧୨(ସମିସ):** ବାଲେଶ୍ୱର ଜିଲ୍ଲାର ଏକ ଉପାନ୍ତ ଅଞ୍ଚଳରେ ପରିଗଣିତ ରାଇବଣିଆ ଆଦିବାସୀ ଅଧିକାର ସମାବେଶ ଶ୍ୟାମନଗରର ପଞ୍ଚାୟତର ଘଡ଼ଘଡା ସ୍କୁଲ୍ ସମ୍ମୁଖ ପଡ଼ିଆରେ ଏକ ବିଶାଳ ସମାବେଶ ଅନୁଷ୍ଠିତ ହୋଇଥିଲା। ଏହି ଆଦିବାସୀ ଅଧିକାର ସମାବେଶରେ ଦୁଇ ହଜାରରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଆଦିବାସୀ ଯୋଗ ଦେଇଥିଲେ। ପ୍ରଥମେ ଆଦିବାସୀ ମାଦଳ, ଢୋଲର ତାଳେ ଆଦିବାସୀ ନୃତ୍ୟ ମାଧ୍ୟମରେ ଯୁବନେତା ବ୍ରଜ ମୋହନ ପ୍ରଧାନଙ୍କୁ ପାଛଟି ନେଇ ଗ୍ରାମରେ ଥିବା ଜାହିରା ଠାରେ ପୂର୍ଜା ଅର୍ଚ୍ଚନା କରିଥିଲେ। ପରେ ଏହି ସମାବେଶକୁ ଯୁବ ନେତା କାଳିଚରଣ ଦାସ୍, ରାସବିହାରୀ ରଣା, ଚନ୍ଦନ କର, ସତ୍ୟ ଶୁଭମ୍ ମିଶ୍ର ପରିଚାଳନା କରିଥିଲେ। ଏହି ସମାବେଶରେ ଜଳେଶ୍ୱର ବ୍ଲକର ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବ୍ରଜ ମୋହନ ପ୍ରଧାନ ମୁଖ୍ୟ ଭୂମିକା ତୁଲାଇଥିଲେ। ଏହି ସମାବେଶରେ ସର୍ଦ୍ଦାରବନ୍ଧ ଗ୍ରାମପଞ୍ଚାୟତର ସମିତିସଭ୍ୟ ଗଣେଶ ସୋରେନ, ଶ୍ୟାମନଗର ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଉଦୟ ନାଥ ମୁର୍ମୁ, ଆଦିବାସୀ ନେତା ଦୁଲା ମୁର୍ମୁ, ଦୁମାନ ହାଁସଦା, ଅନନ୍ତ ହେମ୍ବ୍ରମ୍, ମିର୍ଜା ହାଁସଦା, ଖେଲା ମୁର୍ମୁ, ଦୁର୍ଗା ପ୍ରସାଦ ମାର୍ଣ୍ଡି, ରାଣୀ ହାଂସଦା, କୁସଲ ହେମ୍ବ୍ରମ୍, ବିକ୍ରମ ଟୁଡୁ, ଲବ ହେମ୍ବ୍ରମ୍, ସୁନାରାମ ହାଁସଦା, ମୁଚିରାମ୍ ହାଁସଦା ସହିତ ଅନେକ ଆଦିବାସୀ ନେତା ଉପସ୍ଥିତ ଥିଲେ।

# ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

**ବାଲେଶ୍ୱର, ୨୧।୧୨(ସମିସ):** କୁରୁଡ଼ା ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ଇଣ୍ଡିଆନ ଅଏଲର ବରିଷ୍ଠ ଅଧିକାରୀ ବଳଭଦ୍ର ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଦେବେନ୍ଦ୍ର ମହାନ୍ତି ଏହି ସଭାକୁ ପରିଚାଳନା କରିଥିବା ବେଳେ ସଭାପତି ଶରତ କୁମାର ଜେନା ଓ ସମ୍ପାଦକ ମନୋଜ ପଣ୍ଡା ଉପସ୍ଥିତ ଥିଲେ। ଶିକ୍ଷା କେନ୍ଦ୍ରର ଗୁରୁଜୀ ଗୁରୁମାମାନେ ଖେଳ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଶ୍ରୀ ଆଚାର୍ଯ୍ୟ କ୍ରୀଡ଼ା ଆରମ୍ଭ ପୂର୍ବରୁ ମଶାଲ ଜଳାଇ ଛାତ୍ରଛାତ୍ରୀମାନଙ୍କ ପ୍ୟାରେଡ୍ ଅଭିବାଦନ ଗ୍ରହ କରି କ୍ରୀଡାର ଉପଯୋଗିତା ସମ୍ବନ୍ଧରେ ପିଲାଙ୍କୁ ନିୟମିତ କ୍ରୀଡା ଅଭ୍ୟାସ ଜାରି ରଖିବା ପାଇଁ ପ୍ରେରଣା ଦେଇଥିଲେ।

# ବିଭିନ୍ନ ମନ୍ଦିରରୁ ସିରିଜ ଲୁଟ୍



**ଖଇରା, ୨୧।୧୨(ସମିସ):** ଖଇରା ଥାନା ଟିପିସି ଗଡ଼ିଆ ଗ୍ରାମରେ ଥିବା ପୁରାତନ ଶୈବପୀଠ ବାବା ବକ୍ରେଶ୍ୱର ପୀଠରେ ବିଳମ୍ବିତ ରାତିରେ ତାଲା ଭାଙ୍ଗି ବାବାଙ୍କର ୨ଟି ରୂପାର ମୁଖା ଯାହାର ଓଜନ ୨ କେଜିରୁ ଉର୍ଦ୍ଧ୍ୱ ହେବ, ସୁନା ନାଗ, ରୂପା ନାଗ ସମେତ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସମେତ ହୁଣ୍ଡି ଭାଙ୍ଗି ଟଙ୍କା ଲୁଟିନେଇଛନ୍ତି ଦୁର୍ବୃତ୍ତ। ସେହିପରି ଉକ୍ତ ଗ୍ରାମରେ ଥିବା ଲକ୍ଷ୍ମୀନାରାୟଣ ମନ୍ଦିରରୁ ରୂପାର ମୁକୁଟ, ଦୁର୍ଗା ମନ୍ଦିରରୁ ମୁକୁଟ ଓ ହାର, ଶନି ମନ୍ଦିରରୁ କୋଠ ଭଣ୍ଡାର, ପାର୍ବତୀ ମନ୍ଦିରରୁ ମା'ଙ୍କ ମୁକୁଟ ଆଦି ଚୋରି ହୋଇଥିବା ନେଇ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ବରେନ୍ଦ୍ର ପାଣି ସିମୁଳିଆ ଥାନାରେ ଅଭିଯୋଗ କରିଛନ୍ତି। ଖଇରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ ଆରମ୍ଭ କରିଛି।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ଶ୍ରଦ୍ଧାପୁର, ୨୧।୧୨(ସମିସ):** ଭୋଗରାଇ ବ୍ଲକ ନାରାୟଣ ମହାନ୍ତି ପଡ଼ିଆ ପଞ୍ଚାୟତର ବାବୁରାମ ମହାନ୍ତି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା ତାଲିମ ଶିବିର ଗତ ୨୦ ତାରିଖ ବୁଧବାର ଦିନ ଉଦଯାପିତ ହୋଇଯାଇଛି। ଏଥିରେ ବିଦ୍ୟାଳୟରେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ବାଳିକାମାନଙ୍କୁ ନେଇ ୧୫ଦିନିଆ ତାଲିମ୍ ଶିବିର ଅନୁଷ୍ଠିତ ହୋଇଥିଲା। ପ୍ରଶିକ୍ଷକ ଦୁଇ ଜଣ ହେଲେ ମାଧବୀ ଦାସ ଓ ରେବତୀ ଜେନା। ଉକ୍ତ ଶିବିରକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ମଙ୍ଗଳ ସିଂ, ସହକାରୀ ଶିକ୍ଷକ ଖଗେନ୍ଦ୍ର ପରିଡ଼ା, ହରେକୃଷ୍ଣ ପରିଡ଼ା ଓ ନନ୍ଦଦୁଲାଲ ପ୍ରଧାନ ପରିଚାଳନାରେ ସହଯୋଗ କରିଥିଲେ।

## ଆବେଦନ ପରେ ବି ଭିନ୍ନକ୍ଷମ ଭତ୍ତା ନ ମିଳିବା ଘଟଣା

# ଖବର ପ୍ରକାଶ ପରେ ମିଳିଲା ଟ୍ରାଇସାଇକଲ

**ଭୋଗରାଇ, ୨୧।୧୨(ସମିସ):**



'ସକାଳ' ପ୍ରଭାବ

- ବିଭାଗୀୟ ପ୍ରମୁଖ ସଚିବଙ୍କ ନିର୍ଦ୍ଦେଶ ପରେ ମିଳିଲା ଟ୍ରାଇସାଇକଲ
- ଖୁବଶୀଘ୍ର ଯୋଗାଇ ଦିଆଯିବ ଭିନ୍ନକ୍ଷମ ଭତ୍ତା, ପ୍ରତିଶ୍ରୁତି ଦେଲେ ବିଡିଓ

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ସିଆଁରୁଇ ପଞ୍ଚାୟତ ଅନ୍ତର୍ଗତ ବେଲଦା ଗ୍ରାମର ତପନ ପ୍ରଧାନଙ୍କ ପତ୍ନୀ ଦେବୀରାଣୀ (୩୨)ଙ୍କୁ ବହୁ କଷ୍ଟରେ ମିଳିଥିଲା 'ଲୋକୋମୋଟର ଭିନ୍ନକ୍ଷମ' ପ୍ରମାଣପତ୍ର। ୩ ବର୍ଷ ପୂର୍ବେ ଏହି ପ୍ରମାଣପତ୍ର ମିଳିବା ପରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମଧୁବାବୁ ପେନସନ ଯୋଜନାରେ ଭିନ୍ନକ୍ଷମ ଭତ୍ତା ପାଇଁ ଅନଲାଇନ ଆବେଦନ କରିଥିଲେ। ହେଲେ ଏ ପର୍ଯ୍ୟନ୍ତ ତାଙ୍କୁ ଭିନ୍ନକ୍ଷମ ଭତ୍ତା କିମ୍ବା ଟ୍ରାଇ ସାଇକଲ ମିଳି ନ ଥିବା ନେଇ ଡିସେମ୍ବର ୩ ତାରିଖରେ ଦୈନିକ ଖବରକାଗଜ 'ସକାଳ'ରେ ଖବର ପ୍ରକାଶିତ ହୋଇଥିଲା। ସିମୁଳିଆ ବ୍ଲକ ଅଞ୍ଚଳର ଜନୈକ ସମାଜସେବୀ ରାଜୀବ ଲୋଚନ ଦାସ ଏହି ଖବରକୁ ବାଲେଶ୍ୱର ଜିଲ୍ଲାପାଳ ଏବଂ ବିଭାଗୀୟ ସଚିବଙ୍କୁ ଟୁଇଟ ଯୋଗ ଅବଗତ କରାଇଥିଲେ। ବିଭାଗୀୟ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ଏହି ଘଟଣାକୁ ଗୁରୁତର ସହ ନେଇ ଜିଲ୍ଲାପାଳଙ୍କ ଜରିଆରେ ତୁରନ୍ତ ରିପୋର୍ଟ ପ୍ରଦାନ କରିବା ପାଇଁ ଭୋଗରାଇ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଡିଓଙ୍କ ରିପୋର୍ଟ ପାଇବା ପରେ ଦେବୀରାଣୀଙ୍କୁ ତୁରନ୍ତ ଟ୍ରାଇ ସାଇକଲ ପ୍ରଦାନ କରିବା ସହିତ ଅତିଶୀଘ୍ର ତାଙ୍କୁ ମଧୁବାବୁ ପେନସନ ଯୋଜନାରେ ଭିନ୍ନକ୍ଷମ ଭତ୍ତା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ କ୍ରମେ ଭୋଗରାଇ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଦେବୀରାଣୀଙ୍କୁ ଟ୍ରାଇ ସାଇକଲ ପ୍ରଦାନ କରାଯାଇଛି। ଏହାସହିତ ଅତିଶୀଘ୍ର ତାଙ୍କୁ ମଧୁବାବୁ ଭିନ୍ନକ୍ଷମ ଭତ୍ତା ଯୋଗାଇ ଦିଆଯିବ ବୋଲି ଭୋଗରାଇ ବିଡିଓ ଉମାକାନ୍ତ ପରିଡ଼ା ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ, ଦେବୀରାଣୀ ପ୍ରଧାନ (୩୨) ଜଣେ ପୋଲିଓ ଆକ୍ରାନ୍ତ ମହିଳା। ଛୋଟ ବେଳୁ ତାଙ୍କ ବାମ ଗୋଡ ବଙ୍କା ହୋଇଯାଇଥିବାରୁ ସାଧାରଣ ଚଳପ୍ରଚଳରେ ସେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିଲେ। କଷ୍ଟେମଷ୍ଟେ ଛୋଟେଇ ଛୋଟେଇ ଚାଲୁଥିଲେ। ଭିନ୍ନକ୍ଷମ ପ୍ରମାଣପତ୍ର ପାଇବା ପାଇଁ ବାରମ୍ବାର ଚେଷ୍ଟା କରିଥିଲେ ମଧ ତାଙ୍କ ସ୍ୱାମୀ ତପନ ଜଣେ ଦିନ ମଜୁରିଆ ହୋଇଥିବାରୁ ଦଲାଲଙ୍କ ଦାବି ମୁତାବକ ଅର୍ଥ ଦେଇପାରି ନ ଥିଲେ। ଫଳରେ ତାଙ୍କର ଭିନ୍ନକ୍ଷମ ପ୍ରମାଣପତ୍ର ପାଇବା ଏକ ପ୍ରକାର ସ୍ୱପ୍ନ ହୋଇଥିଲା। ତେବେ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ବ୍ଲକସ୍ତରରେ ଭୀମଭୋଇ ଭିନ୍ନକ୍ଷମ ଚିହ୍ନଟ ଶିବିର ଆୟୋଜନ ହେବା ପରେ ତିନି ବର୍ଷ ପୂର୍ବେ ଦେବୀରାଣୀ 'ଲୋକମୋଟର ଭିନ୍ନକ୍ଷମ' ପ୍ରମାଣପତ୍ର ପାଇବାରେ ସଫଳ ହୋଇଥିଲେ। ଏହି ପ୍ରମାଣପତ୍ର ପାଇବା ମାତ୍ରେ ସେ ମଧୁବାବୁ ପେନସନ ଯୋଜନାରେ ଭିନ୍ନକ୍ଷମ ଭତ୍ତା ପାଇଁ ଅନଲାଇନ ଆବେଦନ କରିଥିଲେ। ଏହି ଅନଲାଇନ ଆବେଦନକୁ ତିନି ବର୍ଷ ପୂରିଥିଲେ ମଧ ତାଙ୍କୁ ଏ ପର୍ଯ୍ୟନ୍ତ ଭତ୍ତା ମିଳିନାହିଁ। ଆବେଦନ କରିବା ସଙ୍ଗେ ସଙ୍ଗେ ଲୋକମୋଟର ଭିନ୍ନକ୍ଷମଙ୍କୁ ତୁରନ୍ତ ଭିନ୍ନକ୍ଷମ ଭତ୍ତା ଓ ଟ୍ରାଇ ସାଇକଲ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ଘୋଷଣା କରିବା ସହିତ ଏନେଇ ସମସ୍ତ ପ୍ରକାର ବିଧି ବ୍ୟବସ୍ଥା କରିଥିଲେ ମଧ ଭିନ୍ନକ୍ଷମ ଦେବୀରାଣୀଙ୍କୁ ଏ ପର୍ଯ୍ୟନ୍ତ ଭତ୍ତା ମିଳିପାରି ନ ଥିବା ଅଭିଯୋଗ ହୋଇଥିଲା। ଏନେଇ ଦୈନିକ ଖବରକାଗଜ 'ସକାଳ'ରେ ଖବର ପ୍ରକାଶ ପାଇବା ମାତ୍ରେ ବିଭାଗୀୟ ସଚିବଙ୍କ ନିର୍ଦ୍ଦେଶକ୍ରମେ ଦେବୀରାଣୀଙ୍କୁ ଟ୍ରାଇ ସାଇକଲ ମିଳିଛି। ଏହାକୁ ନେଇ ଭିନ୍ନକ୍ଷମ ଦେବୀରାଣୀଙ୍କ ସମେତ ତାଙ୍କ ସ୍ୱାମୀ ତପନ ଖୁସି ପ୍ରକଟ କରିବା ସହିତ ସକାଳ ପରିବାରକୁ କୃତଜ୍ଞତା ଜଣାଇଛନ୍ତି।

# ସେବା ସମବାୟ ସମିତିର ସାଧାରଣ ସଭା

**ବସ୍ତା, ୨୧।୧୨(ସମିସ):** ବସ୍ତା ବ୍ଲକ ମଥାନୀ ସେବା ସମବାୟ ସମିତି ସଭାଗୃହରେ ବାର୍ଷିକ ସାଧାରଣ ସଭା ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ସମବାୟ ସମିତିର ସଭାପତି କିଶୋର କୁମାର ପାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ୧ ଶହରୁ ଉର୍ଦ୍ଧ୍ୱ ଚାଷୀ ଓ ମେମ୍ବର ଉପସ୍ଥିତ ଥିଲେ। ମୁଖ୍ୟ ଅତିଥିଭାବେ ବିବିସିସି ବ୍ୟାଙ୍କ ବସ୍ତା ଶାଖା ନିର୍ଦ୍ଦେଶକ ତୁଷାରକାନ୍ତ ପାତ୍ର, ମୁଖ୍ୟବକ୍ତା ବସ୍ତା ବ୍ଲକ ସମବାୟ ସମ୍ପ୍ରସାରଣ ଅଧିକାରୀ ସୁବ୍ରତ ଭୂଷଣ ତ୍ରିପାଠୀ, ସମବାୟ ସଭାନେତ୍ରୀ ପ୍ରତିଭା ସାହୁ, ଯୋଗଦେଇଥିବାବେଳେ ସମବାୟ ସମିତିର ସମ୍ପାଦକ ଅନନ୍ତ ପାତ୍ର ବାର୍ଷିକ ବିବରଣୀରେ ବର୍ଷ ସାରାର ଆୟ ବ୍ୟୟ ବିଷୟରେ ସମସ୍ତଙ୍କୁ ଅବଗତ କରିଥିଲେ। ସମବାୟ ନିର୍ଦ୍ଦେଶକ ଭାବେ ଦିଲ୍ଲୀପ ମହାପାତ୍ର, ମୃତ୍ୟୁଞ୍ଜୟ ସାହୁ, ଅନିଲ ମହାପାତ୍ର, ମନୋରଞ୍ଜନ ବିଶ୍ୱାଳ, ରାଜେଶ ଗିରି, ଦେବେନ୍ଦ୍ର ବେହେରା, ସୁଶାନ୍ତ ମଲ୍ଲିକ, ଦିଲ୍ଲୀପ ଦଣ୍ଡପାଟ, ଗୋପାଳଚନ୍ଦ୍ର ଦାସ ସମେତ ସମସ୍ତ ବୋର୍ଡ ମେମ୍ବର ଉପସ୍ଥିତ ଥିଲେ। ଆଉ ଅଳ୍ପ ଦିନ ମଧ୍ୟରେ ମଥାନୀରେ ଧାନମଣ୍ଡି ଖୋଲାଯିବ ବୋଲି ସଭାପତି ଶ୍ରୀ ପାଳ କହିଥିଲେ। ଶେଷରେ ଦିଲ୍ଲୀପ ଦଣ୍ଡପାଟ ଧନ୍ୟବାଦ ଜଣାଇ ସଭା ଶେଷ କରିଥିଲେ।




# ରେଳମନ୍ତ୍ରୀଙ୍କୁ ଭେଟିଲେ ନୀଳଗିରି ବିଧାୟକ



**ନୀଳଗିରି, ୨୧।୧୨(ସମିସ):** ନୀଳଗିରି ବିଧାୟକ ସମେତ ଓଡ଼ିଶାର ୨୧ଜଣ ବିଜେପି ବିଧାୟକ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଗତ ବୁଧବାର ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଦିଲ୍ଲୀ ସ୍ଥିତ ମାଟିଘର ଗୃହ ପ୍ରବେଶ କାର୍ଯ୍ୟକ୍ରମରେ ସମସ୍ତ ବିଜେପି ବିଧାୟକ ଯୋଗଦେଇଥିବା ବେଳେ ଅନେକ କେନ୍ଦ୍ରୀୟ ନେତା ଓ ମନ୍ତ୍ରୀ ଯୋଗଦାନ କରିଥିଲେ। ପରେ ନୀଳଗିରି ବିଧାୟକ ଇଂ ସୁକାନ୍ତ କୁମାର ନାୟକ କେନ୍ଦ୍ର ରେଳ ତଥା ଆଇଟି ମନ୍ତ୍ରୀ ଅଶ୍ୱିନୀ କୁମାର ବୈଷ୍ଣବଙ୍କୁ ଭେଟି ଖନ୍ତାପଡ଼ା ରେଳ ଷ୍ଟେସନର ବିଭିନ୍ନ ସମସ୍ୟା ସମ୍ପର୍କରେ ଚିଠି ଲେଖି ଅବଗତ କରିଛନ୍ତି। ଦୈନନ୍ଦିନ ଶହ ଶହ ସଂଖ୍ୟାରେ ଯାତ୍ରୀ ଉକ୍ତ ଷ୍ଟେସନରୁ ଭୁବନେଶ୍ୱର ସମେତ କଟକ ବଡ଼ ଡାକ୍ତରଖାନା ଏବଂ ହାଇକୋର୍ଟକୁ ଯାଇଥାନ୍ତି। ତେଣୁ ବାରିପଦା ବାଙ୍ଗିରିପୋଷିରୁ ଯାଉଥିବା ଫାଷ୍ଟ ପ୍ୟାସେଞ୍ଜରକୁ ଖନ୍ତାପଡ଼ା ଠାରେ ରହଣି କରିବା ଏତଦ୍ ଭିନ୍ନ ଉକ୍ତ ଷ୍ଟେସନଟି ଉତ୍ତର ଓଡ଼ିଶାର ଦୁଇଟି ପ୍ରମୁଖ ଦର୍ଶନୀୟ ସ୍ଥାନ ପଞ୍ଚଲିଙ୍ଗେଶ୍ୱର ଏବଂ ଇଞ୍ଚୁଡ଼ି ଅବସ୍ଥିତ ଥିବାରୁ ଉକ୍ତ ଷ୍ଟେସନରେ ଏହି ଟ୍ରେନ ରହିବା ଅନିର୍ବାଯ୍ୟ। ଏଥି ସହ ଷ୍ଟେସନରେ ଏକ ରେଲୱେ ଓଭରବ୍ରିଜ ନିର୍ମାଣ କରିବା, ଉକ୍ତ ଷ୍ଟେସନ ଦେଇ ଯାଇଥିବା ରାସ୍ତାଟି ମୋଟରଯାନ ଯିବା ଆସିବା କରିବା ପାଇଁ ଉପଯୁକ୍ତ ନୁହେଁ ଯାହାଦ୍ୱାରା ଯାତ୍ରୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ୧୬ନଂ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଉକ୍ତ ରାସ୍ତାକୁ ଦୋହରୀକରଣ କରି ନୂତନ ରାସ୍ତା ନିର୍ମାଣ କରିବାକୁ ଚିଠି ଲେଖି ଅବଗତ କରିଛନ୍ତି। ତୁରନ୍ତ ଦୃଷ୍ଟିଦେଇ ଏସବୁ ସମସ୍ୟାର ସମାଧାନ କରିବାକୁ ମନ୍ତ୍ରୀ ଶ୍ରୀ ବୈଷ୍ଣବଙ୍କୁ ବିଧାୟକ ଶ୍ରୀ ନାୟକ ଅନୁରୋଧ କରିଛନ୍ତି।

# କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ବସ୍ତା, ୨୧।୧୨(ସମିସ):** ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ମଥାନୀ ହୋଲି ପଡ଼ିଆରେ ଏମସିସି କ୍ରିକେଟ କ୍ଲବ ପକ୍ଷରୁ ସଟ ଗ୍ରାଉଣ୍ଡ ରାତ୍ରି ଟୁର୍ଣ୍ଣାମେଣ୍ଟ ବୁଧବାର ସନ୍ଧ୍ୟାରେ ଉଦଘାଟିତ ହୋଇଛି। କ୍ଲବର ସଭାପତି ଜନ୍ମେଜୟ ମହାପାତ୍ର ଆହ୍ୱାନ କ୍ରମେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଖେଳ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟଅତିଥି ଭାବେ ନାରୀନେତ୍ରୀ ସୁବାସିନୀ ଜେନା ଯୋଗଦେଇ ଫିତାକାଟି ଉଦଘାଟନ କରିଥିଲେ। ମଥାନୀ ସରପଞ୍ଚ ପ୍ରତିନିଧି ଅଜୟ ସିଟ,



ପ୍ରଶାନ୍ତ ମଲ୍ଲିକ, ଅଖିଳ ବେହେରା, ଅମର ଗିରି, ପ୍ରଭାତ ବିଶ୍ୱାଳ, ଜୟନାରାୟଣ ପ୍ରକାଶ ବେହେରା, ରାଜେଶ ଗିରି, ମଣ୍ଟୁ ଗିରି ଓ ନଟବର ସିଂ ଉପସ୍ଥିତ ଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୬ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଦୀର୍ଘ ଚାରିଦିନ ଧରି ଏହି ଖେଳ ଚାଲିବା ବୋଲି କ୍ଲବର କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ। ଉପସଭାପତି କାର୍ତ୍ତିକ ମହାପାତ୍ର, ଚନ୍ଦନ ମହାପାତ୍ର, ଅରବିନ୍ଦ ବିସିଙ୍କ ସହ ଅନ୍ୟମାନେ ଖେଳରେ ସହଯୋଗ କରିଥିଲେ

# 'ଶିଳ୍ପ ଓ ଗ୍ରାହକ ଏକ୍ସପୋ ଏବଂ ଅଟୋ ଏକ୍ସପୋ' ଉଦ୍‌ଘାଟିତ




**ବାଲେଶ୍ୱର, ୨୧।୧୨(ସମିସ):**

ଓଡ଼ିଶା ସରକାରଙ୍କ କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) ବିଭାଗ ସହଯୋଗରେ 'ଉତ୍ତର ଓଡ଼ିଶା ଚାମ୍ବର ଅଫ୍ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରିଜ୍' (ନୋସି) ପକ୍ଷରୁ ୪ ଦିନିଆ 'ଶିଳ୍ପ ଓ ଗ୍ରାହକ ଏକ୍ସପୋ ଏବଂ ଅଟୋ ଏକ୍ସପୋ' ବାଲେଶ୍ୱର ସହର ଉପକଣ୍ଠ ବାମପଦା ସ୍ଥିତ ନୋସି ବିଜନେସ ପାର୍କ ଠାରେ ଉଦଘାଟିତ ହୋଇଯାଇଛି। ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ, ଉପ ଜିଲ୍ଲାପାଳ କୁନାଲ ମୋତିରାମ ଚୌହାନ, ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ଉତ୍କଳ ଚାମ୍ବର ଅଫ କମର୍ସ ଏଣ୍ଡ ଇଣ୍ଡଷ୍ଟ୍ରିଜ ବ୍ରହ୍ମ ମିଶ୍ର, ବାଲେଶ୍ୱର ଚ୍ୟାମ୍ବର ଅଫ ଇଣ୍ଡଷ୍ଟ୍ରି ଏଣ୍ଡ କମର୍ସର ସଭାପତି ସଞ୍ଜୟ କୁମାର ଦାସ, ବାଲେଶ୍ୱର ଜିଲ୍ଲା କ୍ଷୁଦ୍ର ଶିଳ୍ପ ସଂଘର ସଭାପତି ବିବେକ ବାଜପେୟୀ, କଟକ ସ୍ଥିତ ଓଡ଼ିଶା ଆସେମ୍ବ୍ଲି ଅଫ ସ୍ମଲ ଏଣ୍ଡ ମିଡିୟମ ଏଣ୍ଟରପ୍ରାଇଜର ଚେୟାରମ୍ୟାନ ଗୌରୀ ଶଙ୍କର ଦାଶ, ଭୁବନେଶ୍ୱର ସ୍ଥିତ ସିଡବିର ଡେପୁଟି ମ୍ୟାନେଜର ପି.କେ ଚୌଧୁରୀ, ଟିପିଏନଓଡିଏଲର ସିଇଓ ଭାସ୍କର ସରକାର, ଇମାମୀ ପେପର ମିଲସର ସିଇଓ ବିବେକ ଚାୱଲା ପ୍ରମୁଖ ବରେଣ୍ୟ ଅତିଥିଭାବେ ଯୋଗଦେଇ ଏହି ଏକ୍ସପୋକୁ ଉଦଘାଟନ କରିଥିଲେ। ବାଲେଶ୍ୱରର ଉଦ୍ୟୋଗୀମାନଙ୍କ ସହଯୋଗରେ ଏଭଳି ଶିଳ୍ପଭିତ୍ତିକ ମେଳାର ଆୟୋଜନ ହୋଇପାରିଥିବା ଯୋଗୁଁ ଅତିଥିମାନେ ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବର୍ତ୍ତମାନ କ୍ଷୁଦ୍ର ଓ ବୃହତ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ଉଦ୍ୟମ ଚଳାଉଥିଲା ବେଳେ ବାଲେଶ୍ୱରରେ କ୍ଷୁଦ୍ର ଶିଳ୍ପର ବିକାଶ କ୍ଷେତ୍ରରେ ଏହି ଶିଳ୍ପ ଭିତ୍ତିକ ମେଳା ପ୍ରୋତ୍ସାହିତ କରିବ ବୋଲି ସେମାନେ କହିଥିଲେ। ଏହି ଶିଳ୍ପ ଭିତ୍ତିକ ମେଳା ଦୀର୍ଘ ବର୍ଷ ଧରି ଏହି ଜିଲ୍ଲାରେ ଅନୁଷ୍ଠିତ ହେଇ ଆସୁଥିବା ଯୋଗୁଁ ବାଲେଶ୍ୱରରେ ଆଗାମୀ ଦିନରେ ଶିଳ୍ପର ବିକାଶ ହେବା ସହିତ କ୍ଷୁଦ୍ର ଶିଳ୍ପ ଆଗେଇପାରିବ ବୋଲି ଅତିଥିମାନେ କହିଥିଲେ। ନୋସି ଅଧ୍ୟକ୍ଷ ପିକେ ଡାଭେ ଉଦଘାଟନୀ ଉତ୍ସବରେ ଅଧ୍ୟକ୍ଷତା କରି ସ୍ୱାଗତ ଅଭିଭାଷଣ ସହ 'ଶିଳ୍ପ ଓ ଗ୍ରାହକ ଏକ୍ସପୋ ଏବଂ ଅଟୋ ଏକ୍ସପୋ'ର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ନୋସିର କାର୍ଯ୍ୟକାରିଣୀ ସଦସ୍ୟ ହର୍ଷ ଗୁପ୍ତା ମଞ୍ଚ ସଞ୍ଚାଳନ କରିଥିଲେ ଓ ଇମାମୀ ପେପର ମିଲସର ଉପସଭାପତି ଆଶିଷ ଅବିନାଶ ଗୁପ୍ତା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ନୋସି ସମ୍ପାଦକ ହରିଶ ପଟେଲ, ସିପି ଭରତିଆ, ଶିବୁ ପୋଦାର, ଦେବାଶିଷ ଦାସ, ଆକାଂକ୍ଷା ବେହେରା, ଆଦିତ୍ୟ ବେହେରା, ଅମନ କୁମାର, ଜ୍ୟୋତି ପ୍ରକାଶ ଆଚାର୍ଯ୍ୟ, ସୋନୁ ଖଣ୍ଡେଲୱାଲ, ସୌରଭ ରାଠି, କମଳାକାନ୍ତ ମୁଦୁଲି, ସଞ୍ଜୟ ମହାପାତ୍ର, ଅମିତ ଗିରି, ସଙ୍ଗୀତା ମହାନ୍ତି, ମୁକେଶ ପଟେଲ, ମଦନ ମୋହନ ମହାରଣା, ପାର୍ଥ ସାରଥୀ ପ୍ରିୟପ୍ରକାଶ, ସୁଜାତାରାଣୀ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୨୪ ତାରିଖ ପର୍ଯ୍ୟନ୍ତ ଏହି ଏକ୍ସପୋ ଚାଲିବା ସହିତ ଏଥିରେ ରାଜ୍ୟ ତଥା ଉତ୍ତର ଓଡ଼ିଶାର ଉତ୍ପାଦିତ ବିଭିନ୍ନ ସାମଗ୍ରୀ, ଖାଦ୍ୟ ପ୍ରକ୍ରିୟାକରଣ ଓ ରପ୍ତାନୀ ଦ୍ରବ୍ୟର ଶିଳ୍ପାନୁଷ୍ଠାନ ଏବଂ ଦେଶର ଖ୍ୟାତନାମା ଯାନବାହାନ ନିର୍ମାତା ଅଂଶଗ୍ରହଣ କରିବେ ବୋଲି ନୋସି କର୍ମକର୍ତ୍ତା ସୂଚନା ଦେଇଛନ୍ତି। ବାଲେଶ୍ୱର ତଥା ଉତ୍ତର ଓଡ଼ିଶାର ଶିଳ୍ପ ଉଦ୍ୟୋଗର ବୃହତର ବିକାଶ ଲକ୍ଷ୍ୟ ନେଇ ଏହି ଏକ୍ସପୋ ଅନୁଷ୍ଠିତ ହେଉଥିବା ନୋସି ପକ୍ଷରୁ ସୂଚନା ଦିଆଯାଇଛି।

କ୍ଷୁଦ୍ର ଶିଳ୍ପର ବିକାଶରେ ଶିଳ୍ପ ମେଳା ପ୍ରୋତ୍ସାହିତ କରିବ

# ନିଜ ସଦସ୍ୟଙ୍କ ଦୁଃଖରେ ସମଦୁଃଖୀ ହେଲା ହେଲ୍ପ ଫର ୟୁ ଫାଉଣ୍ଡେସନ



**ରାଇବଣିଆ, ୨୧।୧୨(ସମିସ):** ସୂଚନା ଅନୁଯାୟୀ ହେଲ୍ପ ଫର ୟୁ ଫାଉଣ୍ଡେସନର ସକ୍ରିୟ ସଦସ୍ୟ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନାମ୍ପୋ ଗ୍ରାମର ବିଜୟ କୁମାର ଦେ ଯେ କି ସଦାସର୍ବଦା ହେଲ୍ପ ଫର ୟୁ ଫାଉଣ୍ଡେସନ ସହିତ ଯୋଡ଼ି ଅନେକ ଅସହାୟ ବେସାହାରାଙ୍କ ମୁହଁରେ ହସ ଫୁଟାଇବା ପାଇଁ ପ୍ରୟାସ କରନ୍ତି। ମାତ୍ର ଭଗବାନଙ୍କର ବିଚିତ୍ର ଲୀଳା ଆଠମାସ ପୂର୍ବରୁ ତାଙ୍କ ମା'ଙ୍କର ଦେହାନ୍ତ ହେଲା ତହିଁ ପରେ ପରେ ବଡ ଭାଇଙ୍କର ମଧ ଦେହାନ୍ତ ହେଲା। ଦୁଃଖ ଏତିକିରେ ସରି ନ ଥିଲା। ଶେଷରେ ଯିଏ ସାହାରା ଥିଲେ ତାଙ୍କ ବାପା ଲକ୍ଷ୍ମୀକାନ୍ତ ଦେ ସେ ବି ଆଖି ବୁଜିଦେଲେ। ଆଜି ବିଜୟକୁ ଏକା ଭାବିବାକୁ ଦେଇ ନାହାନ୍ତି ହେଲ୍ପ ଫର ୟୁ ଫାଉଣ୍ଡେସନର ଭାଇଭଉଣୀ ମାନେ। କାରଣ ସଂଗଠନ ଅନ୍ୟ ପାଇଁ ବଞ୍ଚୁଥିବା ବେଳେ ନିଜ ପରିବାରର ସଦସ୍ୟ ସଦସ୍ୟାଙ୍କର ଦୁଃଖ ସମୟରେ ପହଞ୍ଚି ସମଦୁଃଖି ହେବା ପାଇଁ ପ୍ରୟାସ କରେ। କାରଣ ସଂଗଠନର ସଦସ୍ୟ ସଦସ୍ୟା ଗୋଟିଏ ପରିବାର ହୋଇ ସମାଜରେ ଥିବା ଅସହାୟ ବେସାହାରାଙ୍କ ମୁହଁରେ ହସ ଫୁଟାଇବା ପାଇଁ ପ୍ରୟାସ କରନ୍ତି ତେଣୁ ତୁରନ୍ତ ବିଜୟଙ୍କ ବାସଭବନରେ ପହଞ୍ଚି ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଦେହାନ୍ତ ଲକ୍ଷ୍ମୀକାନ୍ତ ଦେଙ୍କ ଅନ୍ତିମ ସଂସ୍କାର କରିଥିଲେ।

## ଗୋନାସିକା କେନ୍ଦୁଝର ମହୋତ୍ସବର ଚତୁର୍ଥ ସନ୍ଧ୍ୟା

# ମୁଗ୍ଧ କଲା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ







**କେନ୍ଦୁଝର, ୨୧।୧୨ (ସମିସ)**

କେନ୍ଦୁଝର କାଳୀପଡିଆଠାରେ ଚାଲୁଥିବା "ଗୋନାସିକା କେନ୍ଦୁଝର ମହୋତ୍ସବ'ର ଚତୁର୍ଥ ସନ୍ଧ୍ୟାରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମତୁଆଲା କରିଛି। ବିଶେଷକରି ବଲିଉଡ୍ ନାଇଟ କାର୍ଯ୍ୟକ୍ରମ ଦେଖିବାକୁ ଦର୍ଶକ ଗହଳି କରିଥିଲେ। ଅପରାହ୍ନରୁ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମରେ ହଜାର ହଜାର ଦର୍ଶକ ମତୁଆଲା ହୋଇଛନ୍ତି। ଚତୁର୍ଥ ସନ୍ଧ୍ୟାରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଜିଲ୍ଲା ପରିଷଦ ସଦସ୍ୟ/ସଦସ୍ୟାମାନଙ୍କୁ

- ଅତିଥି ହେଲେ ଜିଲ୍ଲା ପରିଷଦ ସଦସ୍ୟ
- ଗୃହିଣୀଙ୍କୁ ଆକୃଷ୍ଟ କରୁଛି ପଲ୍ଲିଶ୍ରୀ ମେଳା

ସମ୍ବର୍ଦ୍ଧିତ କରାଯିବା ସହିତ ସମ୍ମାନନୀୟ ଅତିଥି ଭାବେ ନିମନ୍ତ୍ରଣ କରାଯାଇଥିଲା। ଏଥିରେ ଛଇଳବାଲା ନାୟକ, କେଦାର ଚନ୍ଦ୍ର ପ୍ରଧାନ, ପ୍ରଫୁଲ୍ଲ ଚନ୍ଦ୍ର ନାଏକ, ସୌଭାଗ୍ୟମଞ୍ଜରୀ ନାୟକ, ରୁନୁ ମହାନ୍ତ, ଶାନ୍ତିଲତା ରଣା, ଅରୁଣ କୁମାର ବାରିକ, ଶଶିକାନ୍ତ ଖିଲାର୍, ସୁକୁମାରୀ ଦେହୁରୀ, ବୁଦ୍ଧଦେବ ମହାକୁଡ, ଲକ୍ଷ୍ମୀଧର କିଶାନ, କୌଶଲ୍ୟା ସେଠୀ ଏବଂ ବିମ୍ବାଧର ବିଶ୍ୱାଳ ଅତିଥି ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଯଦୁମଣୀ ମହାଲା ଅତିଥି ଭାବେ ଯୋଗଦେଇ ଜିଲ୍ଲା ପରିଷଦ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



ସେପଟେ ଜାତୀୟ ସ୍ତରର ପଲ୍ଲୀଶ୍ରୀ ମେଳାରେ ଷ୍ଟଲ କରିଥିବା ମିଶନ ଶକ୍ତି ମହିଳା ମାନଙ୍କ ହାତତିଆରୀ ସାମଗ୍ରୀ ମଧ୍ୟରେ ଗଜପତି ଜିଲ୍ଲାର କେ.ସୀତାପୁର ଅଞ୍ଚଳରୁ ଆସିଥିବା ଭଳିକି ଭଳି ଫୁଲ ଝାଡୁ ଗୃହିଣୀମାନଙ୍କର ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। କେନ୍ଦୁଝରର ପ୍ରସିଦ୍ଧ ବଡ଼ି, କନ୍ଧମାଳ ହଳଦୀ ବିକ୍ରୟ ଷ୍ଟଲରେ ଗହଳି ପରିଲକ୍ଷିତ ହୋଇଥିଲା। ଏଥିସହ ଦୂରଦୂରାନ୍ତରୁ ଆସିଥିବା ବିଭିନ୍ନ ହାତତିଆରି ସାମଗ୍ରୀ, ମାଟିପାତ୍ର, ବାଉଁଶ ତିଆରୀ ଘରକରଣା ସାମଗ୍ରୀ, ବିଭିନ୍ନ ପ୍ରକାରର ଅଳଙ୍କାର, କନ୍ଧମାଳ ହଳଦୀ ସହିତ ଅନ୍ୟାନ୍ୟ ଦ୍ରବ୍ୟ, ବନ୍ୟଜାତ ଦ୍ରବ୍ୟ, ଭଳିକି ଭଳି ସମ୍ବଲପୁରୀ ବସ୍ତ୍ର ସହିତ ଅନେକ କିଶମର ସାମଗ୍ରୀ ପ୍ରଦର୍ଶୀତ ଏବଂ ବିକ୍ରୟ ହୋଇଛି। ଓରମାସ ମେଳାରେ ଲକ୍ଷାଧିକ ଟଙ୍କାର କାରବାର ହେଉଛି। ଜିଲ୍ଲାପାଳ ଆଶିଷ ଠାକରେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ପ୍ରଶାସନ, ପୁଲିସ ପ୍ରଶାସନ, ବିଭିନ୍ନ କମିଟି ସଦସ୍ୟ ମହୋତ୍ସବକୁ ଋଦ୍ଧିମନ୍ତ କରିବାରେ ସହଯୋଗ ପ୍ରଦାନ କରିଛନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଥମାର୍ଦ୍ଧରେ ପଞ୍ଜାବର ଭାଙ୍ଗଡ଼ା, ଆସାମର ବିହୁ, ମହାରାଷ୍ଟ୍ରର ଲବଣୀ, ପୁରୀରୁ ଆସିଥିବା ନବପ୍ରତିଭା ଏବଂ ବ୍ରହ୍ମପୁରର ଫ୍ଲାକସୋମାନିଆ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା। ଅପର ପକ୍ଷରେ ବଲିଉଡ୍ ନାଇଟ୍ କାର୍ଯ୍ୟକ୍ରମର ବିଶେଷ ଆକର୍ଷଣରେ ମହମ୍ମଦ ଡାନିସ୍ ଓ ମନମୁଖ ପ୍ରିୟାଙ୍କର ସଂଗୀତ ପରିବେଷଣରେ ହଜାର ହଜାର ଦର୍ଶକ ବିମୋହିତ ହୋଇଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ସଦର ଏସ୍‌ଡିପିଓ, ଟାଉନଥାନା ଅଧିକାରୀଙ୍କ ନେତୃତ୍ୱରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ସାମିଲ ହେବ ସିଲିଦା

**ପାଟଣା, ୨୧।୧୨(ସମିସ):** ପାଟଣା ବ୍ଲକ କେନ୍ଦେଇପଶି ପଞ୍ଚାୟତ ଅନ୍ତର୍ଗତ ସିଲିଦା ଗ୍ରାମ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ସାମିଲ ହେବା ନେଇ ନିଷ୍ପତି ହୋଇଥିବା ଜଣାପଡିଛି। ଏ ନେଇ ପାଟଣା ବିଡିଓ ଶିବଶଙ୍କର ମୁର୍ମୁ ସିଲିଦା ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ନୁନ୍ୟତମ ଆବଶ୍ୟକତା ସମ୍ପର୍କରେ ସମ୍ପର୍କରେ ପଚାରି ବୁଝିଥିଲେ। ଗ୍ରାମର ପ୍ରତ୍ୟେକ ସାହିରେ ପାନୀୟ ଜଳ ବ୍ୟବସ୍ଥା, ସୋଲାର ଲାଇଟ୍, ରାସ୍ତାଘାଟ ଆଦି କାର୍ଯ୍ୟ କରାଯିବା ନେଇ ଚିଠା ପ୍ରସ୍ତୁତ କରିଥିଲେ। ଏ ସବୁ କାର୍ଯ୍ୟ ପାଇଁ କେନ୍ଦ୍ର ସରକାରଙ୍କ ପାଣ୍ଠିରୁ ୨୦ ଲକ୍ଷ ଏବଂ ରାଜ୍ୟ ସରକାରଙ୍କ ପାଣ୍ଠିରୁ ୨୦ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯିବ ବୋଲି ଜଣାପଡିଛି। ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ସହକାରୀ ଯନ୍ତ୍ରୀ ସିଦ୍ଧ ମାଝୀ, କନିଷ୍ଠ ଯନ୍ତ୍ରୀ ସୀତାକାନ୍ତ ବେଉରା, ଡବ୍ଲୁଇଓ ଶୁଭେନ୍ଦୁ ବଳ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଭିଳାଷ ରଞ୍ଜନ ରାଜ, କେନ୍ଦେଇପଶି ସରପଞ୍ଚ ମିନାକ୍ଷୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।



## ସୁବର୍ଣ୍ଣରେଖା ଜଳସେଚନ ଦ୍ୱିତୀୟ ପର୍ଯ୍ୟାୟ ଓ ଖଇରୀ ଭଣ୍ଡନ ବ୍ୟାରେଜ୍ ଶିଳାନ୍ୟାସ

**ବାରିପଦା/କୁଳିଅଣା,୨୧।୧୨(ସମିସ):** ଗୁରୁବାର ଅପରାହ୍ନରେ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୟୂରଭଞ୍ଜ ଜିଲ୍ଲାର ନବନିର୍ମିତ ହଳଦିଆ ବନ୍ଧକୁ ଲୋକାର୍ପିତ କରିଛନ୍ତି। ଏଥିସହିତ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ଏବଂ ଖଇରୀ ଭଣ୍ଡନ ନଦୀ ବ୍ୟାରେଜ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଜଳ ସମ୍ପଦ ବିଭାଗ ଦ୍ୱାରା ଆଭାସୀ ମାଧ୍ୟମରେ ଏହି ପ୍ରକଳ୍ପଗୁଡିକର ଉଦଘାଟନ ଓ ଶିଳାନ୍ୟାସ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ମୟୂରଭଞ୍ଜ ଜିଲ୍ଲା କୁଳିଅଣା ବ୍ଲକ ଅଧୀନ ହଳଦିଆ ଗ୍ରାମରେ ନିର୍ମିତ ବନ୍ଧ ନିକଟରେ ଲୋକାର୍ପଣ ଓ ଶିଳାନ୍ୟାସ କାର୍ଯ୍ୟକ୍ରମ ପାଇଁ ଏକ ସାଧାରଣସଭା ଅନୁଷ୍ଠିତ ହୋଇଥିଲା। ସଭାରେ ପରିବହନ ଓ ଜଳ ସମ୍ପଦ ବିଭାଗ ମନ୍ତ୍ରୀ ଟୁକୁନି ସାହୁ, ବିଦ୍ୟାଳୟ ଓ ଗଣଶିକ୍ଷା ତଥା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି, ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ଚାଷୀ ସତ୍ୟଭାମା ନାଥ ଓ ଆନନ୍ଦ ଟୁଡୁ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ପରିକଳ୍ପନା ପାଇଁ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ଅଣଜଳସେଚିତ ଚାଷ ଜମି ଜଳସେଚନ ସୁବିଧା ମିଳିବ ବୋଲି କହିଥିଲେ। ୩୨୨ କୋଟି ଟଙ୍କା ବ୍ୟୟରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ନିର୍ମିତ ବନ୍ଧ ଦ୍ୱାରା ବାରିପଦା ଓ କୁଳିଅଣା ବ୍ଲକର ୪୦ଟି ଗ୍ରାମର ୭ ହଜାର ୫୯୦ ଜମିକୁ ପାଣି ମାଡିବ। ହଳଦିଆ ବନ୍ଧକୁ ୧୯୧୦ ମସିହାରେ ତତ୍କାଳୀନ ମୟୂରଭଞ୍ଜ ମହାରାଜା ଜଳସେଚନ ପାଇଁ ନିର୍ମାଣ କରିଥିଲେ। ସେତେବେଳେ ଜଳଧାରଣା କ୍ଷମତା ଥିଲା ୧୧.୧୫ ଘନ ମିଟର; ଯାହାକି ଖରିଫ ଚାଷରେ ୨ହଜାର ୨୪୩ ହେକ୍ଟର ଜମିକୁ ଜଳସେଚିତ କରୁଥିବାବେଳେ ରବି ଚାଷ ବେଳେ ମାତ୍ର ୪୦୮ ହେକ୍ଟର ଜମି ଜଳସେଚିତ ହେଉଥିଲା। ଜଳଧାରଣ କ୍ଷମତା କମ ଥିବାରୁ ବାରମ୍ବାର ସମ୍ପ୍ରସାରଣ ଓ ଜଳଧାରଣ କ୍ଷମତା ବୃଦ୍ଧି କରିବାକୁ ଦାବି ହୋଇ ଆସୁଥିଲା। ପ୍ରତୀକ୍ଷାର ଅନ୍ତ ଘଟାଇ ମୁଖ୍ୟମନ୍ତ୍ରୀ ଆଜି ଲୋକାର୍ପିତ କରିଛନ୍ତି। ଯାହାର ଜଳଧାରଣା କ୍ଷମତା ବୃଦ୍ଧି କରାଯାଇ ୪୬.୮୪ ଘନମିଟର କରାଯାଇଛି। ୫୫୨୦ ହେକ୍ଟର ଜମିକୁ ଜଳସେଚିତ କରାଯାଇପାରିବ। ଏହି ଦୁଇଟି ବ୍ଲକର ୧୬ଟି ପଞ୍ଚାୟତର ପାଖାପାଖି ୫୫,୬୦୦ ଚାଷୀ ଉପକୃତ ହେବେ। ସେହିପରି ୨୦୦କୋଟି ଟଙ୍କାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ।



ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ୬୯ହଜାର ୯୩୩ହେକ୍ଟର ଜମିକୁ ଜଳସେଚନ କରିବା କାର୍ଯ୍ୟ ଶେଷ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଅବଶିଷ୍ଟ ୩୯ହଜାର ୬୯୪ ହେକ୍ଟର ଜମିରେ ଜଳସେଚନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ପ୍ରକଳ୍ପ ଶେଷ ହେଲେ ମୋଟ ୧ଲକ୍ଷ ୯ହଜାର ୬୨୭ ହେକ୍ଟର ଜମିରେ ଜଳ ସେଚନ ହୋଇପାରିବ। ସେହିପରି ଯଶିପୁର ବ୍ଲକ ଅଁଣାବେଣୀ ଗ୍ରାମ ସ୍ଥିତ ଖଇରୀ ଭଣ୍ଡନ ନଦୀରେ ୩୩୭ କୋଟି ୫୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ବ୍ୟାରେଜର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ। ଏଥିପାଇଁ ଜିଲ୍ଲାବାସୀ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ସରସ୍ୱତୀ ଶିଶୁମନ୍ଦିରର ବନ ବିହାର କାର୍ଯ୍ୟକ୍ରମ

**ହାଟଡିହି,୨୧।୧୨(ସମିସ):** ହାଟଡିହି ବ୍ଲକ ସୋସୋ ପଞ୍ଚାୟତ ନିଉଦାଣୀ ସରସ୍ୱତୀ ଶିଶୁ ମନ୍ଦିରର ବନ ବିହାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଥମେ ଶିଶୁ ମନ୍ଦିରର ଛାତ୍ରଛାତ୍ରୀ କୁପାରୀ ଶୂନ୍ୟମଣ୍ଡପ, ମା' ଅମ୍ବିକା ଉଦାସୀନ ଆଶ୍ରମ ଏବଂ ପରେ ପଡିଆରିପଲ୍ଲୀ ଗିରି ଗୋବର୍ଦ୍ଧନ ମଠକୁ ପରିଭ୍ରମଣ କରିଥିଲେ। ଗିରି ଗୋବର୍ଦ୍ଧନର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଗୁମ୍ଫାଗୁଡିକୁ ଶିକ୍ଷକ ଶିକ୍ଷୟିତ୍ରୀମାନେ ବୁଲାଇ ଦେଖାଇଥିଲେ। ପରେ ଶିଶୁ ମନ୍ଦିରର ବିଦ୍ୱତ ପରିଷଦର ସଭାପତି ଅଶୋକ କୁମାର ରାଉତଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ ହୋଇଥିଲା। ଏଥିରେ ଶିକ୍ଷାବିତ୍ ନାରାୟଣ ବିଶ୍ୱାଳ, ହରମୋହନ ପଣ୍ଡା, ଚକ୍ରବର୍ତ୍ତୀ ପଣ୍ଡା, ନିରଞ୍ଜନ ରାଉତ, ଅକ୍ଷୟ ବଳ, ଅନାଦି ଚରଣ ବିନ୍ଧାଣୀ, ରାଧାଶ୍ୟାମ ମଲ୍ଲିକ, ଅଲେଖ କୁମାର ରାଉତ, ନାରାୟଣ ମହାରଣା, ମୋହନ କୁମାର ମହାନ୍ତି, ବିକାଶ ବଳ, ରଞ୍ଜୁଲତା ମହାନ୍ତି, ଶରତ ରାଉତ(ଟୁକୁ), ମାନିନୀ ସେଠୀ, ରାଜ କିଶୋର ସିଂ, ସରୋଜ ରାଉତ, ସୋମନାଥ ସ୍ୱାଇଁ ପ୍ରମୁଖ ବିଦ୍ୟାଳୟ ଓ ଛାତ୍ରଛାତ୍ରୀଙ୍କର ବିକାଶ କ୍ଷେତ୍ରରେ ନିଜ ନିଜର ମତ ରଖିଥିଲେ। ଶରତ କୁମାର ବିନ୍ଧାଣୀଙ୍କ ଦ୍ୱାରା ସଭା ପରିଚାଳନା କରାଯାଇଥିବା ବେଳେ ଶିଶୁ ମନ୍ଦିରର ଗୁରୁଜୀ ଗୁରୁମା ମୀନାରାଣୀ ତ୍ରିପାଠୀ, ଚିତ୍ରଲେଖା ସାମଲ, ଶାଶ୍ୱତୀ ପ୍ରଧାନ, ସ୍ନେହଲତା ଖୁଣ୍ଟିଆ, ପଲ୍ଲବି ମିଶ୍ର, ଗଯାଧର ରାଉତ, ହେମନ୍ତ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା ଓ ସହଯୋଗ କରିଥିଲେ।

## ଆନନ୍ଦପୁର ସମନ୍ୱିତ ବ୍ୟାରେଜ ପ୍ରକଳ୍ପ ଲୋକାର୍ପଣ

**ଆନନ୍ଦପୁର ୨୧।୧୨(ସମିସ)**

ଆନନ୍ଦପୁର ସମନ୍ୱିତ ବ୍ୟାରେଜ ପ୍ରକଳ୍ପକୁ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭାସୀ ମାଧ୍ୟମରେ ଲୋକାର୍ପଣ କରିଛନ୍ତି। ପ୍ରାୟ ୨୯୯୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରକଳ୍ପର ବାମପାଶ୍ୱର୍ କେନାଲର ଆଜି ସୁଇଚ ଅନ୍ କରିବା ପରେ ପାଣି ଛଡ଼ାଯାଇଥିଲା। ଆନନ୍ଦପୁର ମୁଖ୍ୟ ନିର୍ମାଣଯନ୍ତ୍ରୀ ଅବିନାଶ ରାଉଳଙ୍କ ତତ୍ତ୍ୱାବଧାନରେ କେନ୍ଦୁଝର ଜିଲାପାଳ ଆଶିଷ ଠାକରେ କାର୍ଯ୍ୟକ୍ରମକୁ ସଂଚାଳନା କରିଥିଲେ। ବିଧାୟକ ବଦ୍ରିନାରାୟଣ ପାତ୍ର, ବିଧାୟକ ଭାଗୀରଥୀ ସେଠୀ ଏହି ପ୍ରକଳ୍ପ ଚାଷୀମାନଙ୍କ ପାଇଁ ବେଶ୍ ଉପାଦେୟ ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ପରେ ଚାଷୀମାନଙ୍କ ପକ୍ଷରୁ ପଦ୍ମପୁରର ଚାଷୀ ଗଙ୍ଗାଧର ବେହେରା, ବାଉଁଶଗଡର ଚାଷୀ ସରସ୍ୱତୀ ସେଠୀ ମୁଖ୍ୟମନ୍ତ୍ରୀଙ୍କ ସହ ସିଧାସଳଖ ବାର୍ତ୍ତାଳପ କରି ଏହି ପ୍ରକଳ୍ପ ଚାଷୀଙ୍କୁ ବର୍ଷ ତମାମ ଖୋରାକ ଯୋଗାଇବ ବୋଲି କୃତଜ୍ଞତା ଜଣାଇଥିଲେ। କାର୍ଯ୍ୟକ୍ରମରେ ପ୍ରକଳ୍ପ ନିର୍ଦ୍ଦେଶକ ବିଷ୍ଣୁପଦ ଆଚାର୍ଯ୍ୟ, ଉପଜିଲ୍ଲାପାଳ ଚିତ୍ତରଞ୍ଜନ ମହାନ୍ତ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ବାବୁଲାଲ ବେହେରା, ବ୍ୟାରେଜ ଅଧୀକ୍ଷଣ ଯନ୍ତ୍ରୀ ସ୍ନେହାଶିଷ ବେହେରା, ସହକାରୀ ନିର୍ବାହୀଯନ୍ତ୍ରୀ ମଧୁସୂଦନ ଲୋହାର, ସହକାରୀ ଯନ୍ତ୍ରୀ ଅରୁଣ କୁମାର ସେଠୀ, ଶୁଭ୍ରାଂଶୁ ଦ୍ୱିବେଦୀ, ଭାଗୀରଥି ଚମ୍ପତିରାୟ, ପ୍ରଶାନ୍ତ ନାୟକ, ଦୁର୍ଗାପ୍ରସାଦ ହେମ୍ବ୍ରମ, ସତ୍ୟପ୍ରକାଶ ଜେନା ସହଯୋଗ କରିଥିଲେ। ନିମନ୍ତ୍ରିତ ଅତିଥି ଭାବେ ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ରାକେଶ କୁମାର ରାମ, ଆନନ୍ଦପୁର ପୌରାଧ୍ୟକ୍ଷା ରଜନୀରାଣୀ ଖଟୁଆ, ହାଟଡିହି ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଉପାଧ୍ୟକ୍ଷ ରତିକାନ୍ତ ରାଉତ, ଆନନ୍ଦପୁର ପୌରା ଉପାଧ୍ୟକ୍ଷ ଦୁର୍ଗାଚରଣ ଦଳେଇ, ଜିଲ୍ଲା ପରିଷଦ ସଦସ୍ୟ ସୁରେନ୍ଦ୍ର ଜେନା, ସୁଶୀଲ ହୋତା, ବିଡିଓ ମାନସ ରଞ୍ଜନ ସାମଲ ପ୍ରମୁଖ ଯୋଗ ଦେଇଥିଲେ।



## ଟ୍ରକ୍ ଧକ୍କାରେ ବାଇକ ଆରୋହୀଙ୍କ ମୃତ୍ୟୁ

**ବୈଶିଙ୍ଗା,୨୧।୧୨(ସମିସ):** ବୈଶିଙ୍ଗା ଥାନା ଅଧୀନ ୧୮ନଂ ଜାତୀୟ ରାଜପଥର ପଦ୍ମନାଭପୁର ଟୋଲ ଗେଟ ନିକଟରେ ଏକ ଟ୍ରକ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ସ୍ୱର୍ଗତ ଲାଲମୋହନ ହାଁସଦାଙ୍କ ପୁଅ ଦାଶରଥି ହାଁସଦା (୩୭)। ଦାଶରଥୀ ବୈଶିଙ୍ଗା ସ୍ଥିତ ପ୍ରାଣୀ ଚିକିତ୍ସାଳୟରେ ଡ୍ରାଇଭର ଭାବେ କାମ କରୁଥିଲେ। ଆଜି ସନ୍ଧ୍ୟାରେ ଗଡ଼ଦେଉଳିଆ ପଟରୁ ଏକ ବାଇକ ନେଇ ନିଜ ଗ୍ରାମ ନୂଆସାହିକୁ ଆସୁଥିବାବେଳେ ଟୋଲଗେଟ ଉପକଣ୍ଠ ଦୁର୍ଗାପୁର ରାସ୍ତା ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଦ୍ରୁତଗାମୀ ଟ୍ରକ ତାଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ଘଟଣାସ୍ଥଳରେ ଦାଶରଥୀ ରକ୍ତ ଜୁଡୁବୁଡୁ ହୋଇ ମୁର୍ମୁଷ ଅବସ୍ଥାରେ ପଡିଥିବାବେଳେ ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ବାଲେଶ୍ୱର ଡାକ୍ତରଖାନା ନେଇଥିଲେ; ହେଲେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ କାରଣଦର୍ଶାଅ ନୋଟିସ୍

**ବୈଶିଙ୍ଗା,୨୧।୧୨ (ସମିସ):** ବାଛୁରୀପଡା କ୍ଲଷ୍ଟର ଅଧୀନ ନୂଆଗାଁ ପ୍ରାଥମିକ ବିଦ୍ୟାଳୟକୁ ଗତ ୨ ତାରିଖରେ ବେତନଟୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିପ୍ଳବ କର ପରିଦର୍ଶନରେ ଯାଇଥିଲେ; ହେଲେ ସେ ପହଞ୍ଚିଲା ବେଳକୁ ପ୍ରଧାନ ଶିକ୍ଷୟିତ୍ରୀ ମିନତି ପଣ୍ଡା ଅନୁପସ୍ଥିତ ରହିଥିବାବେଳେ ଉପସ୍ଥାନ ଖାତାରେ ତାଙ୍କର କୌଣସି ଦସ୍ତଖତ ନ ଥିଲା। ଅନ୍ୟ ସହକାରୀ ଶିକ୍ଷକ/ଶିକ୍ଷୟିତ୍ରୀ ବ୍ୟାଙ୍କ ଯାଇଥିବା ନେଇ ସୂଚନା ଦେଇଥିଲେ। ସେହିପରି ସେଦିନ ବିଦ୍ୟାଳୟରେ ମାତ୍ର ୬୬ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଥିବାବେଳେ ୧୦୮ ପିଲାଙ୍କ ମଧ୍ୟାହ୍ନ ଭୋଜନ ଉପସ୍ଥାନ ଦର୍ଶାଯାଇଥିଲା। ପରେ ବିଇଓ ବିଦ୍ୟାଳୟ ରେଜୁଲେସନ ଖାତା, କ୍ୟାସବୁକ, ବ୍ୟାଙ୍କ ପାସବୁକ ଓ ମଧ୍ୟାହ୍ନ ଭୋଜନ ସମ୍ବନ୍ଧୀୟ ଅନ୍ୟାନ୍ୟ ଜରୁରୀ କାଗଜପତ୍ର ଦେଖାଇବାକୁ କହିଥିଲେ ବି ଉପସ୍ଥିତ କର୍ମଚାରୀ କିଛି ଦେଖାଇ ପାରିନଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ବିଇଓ ଶ୍ରୀ କର ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି।

## ଲୋକକଳାର ବିକାଶ ପାଇଁ ବହୁଳ ପ୍ରସାର ଆବଶ୍ୟକ



**ବାରିପଦା, ୨୧।୧୨(ସମିସ):** ଲୋକକଳାର ବିକାଶ ପାଇଁ ବହୁଳ ପ୍ରସାର ଆବଶ୍ୟକ ବୋଲି ମୟୂରଭଞ୍ଜ ପୁସ୍ତକମେଳା ପରିସରରେ ଆୟୋଜିତ ଆଲୋଚନାଚକ୍ରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଗଡିଆ କଲେଜର ଅଧ୍ୟକ୍ଷ ସନ୍ଦୀପ ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୟୂରଭଞ୍ଜର ଅତିରିକ୍ତ ଜିଲ୍ଲାପାଳ ଦୌଲତ ଚନ୍ଦ୍ରକର ମୁଖ୍ୟଅତିଥି, ଫକୀରମୋହନ ସାହିତ୍ୟ ସଂସଦର ସଂପାଦକ ଡା. କୁମାର ଗୋପାଳ ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥିଭାବରେ ପୂର୍ଣ୍ଣଚନ୍ଦ୍ରପୁର ହାଏର ସେକେଣ୍ଡାରୀ ସ୍କୁଲର ପ୍ରତିଷ୍ଠାତା ପ୍ରଭାସ ଦାସ ଏବଂ ସମ୍ମାନିତ ବକ୍ତାଭାବେ ଔପନ୍ୟାସିକ କୁଞ୍ଜବିହାରୀ ପାଢ଼ୀ ଯୋଗଦେଇଥିଲେ। ପ୍ରାରମ୍ଭରେ ଶିଉଲାଲ ମହାନ୍ତ ଅତିଥିମାନଙ୍କୁ ମଞ୍ଚକୁ ଆହ୍ୱାନ କରିଥିବା ବେଳେ ଦୀପକ କୁମାର ଦଣ୍ଡପାଟ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ଣରେ ଅନୁଷ୍ଠିତ ହୋଇଥିବା ଲୋକନୃତ୍ୟ ପ୍ରତିଯୋଗିତାକୁ ଭାରତୀ ବେବର୍ତ୍ତା, ତ୍ରିଲୋଚନ ସାହୁ, ଗୋକୁଳ ଚନ୍ଦ୍ର ଦାସ, ଡ. ସଞ୍ଜୀବ ପାଣିଗ୍ରାହୀ, ଡ. ଶଶିଧର ବିଶ୍ୱାଳ, ଅଜିତ ପାଣିଗ୍ରାହୀ ଏବଂ ସମରେନ୍ଦ୍ର ବଶା ପରିଚାଳନା କରିଥିଲେ।

## ମୃତକ ପରିବାରକୁ ଭେଟିଲେ ପୂର୍ବତନ ଡେପୁଟି ମେୟର

**ଖୁଣ୍ଟା,୨୧।୧୨(ସମିସ):** ଖୁଣ୍ଟା ଥାନା ଅଧୀନ ଶିଳଘାଟୀଗ୍ରାମ ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୨ କଲେଜ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ଏହି ଖବର ପାଇ ଭୁବନେଶ୍ୱରର ପୂର୍ବତନ ଡେପୁଟି ମେୟର ଭାରତୀ ସିଂ ମୃତକ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ଏହି ଦୁଇ ଛାତ୍ରଙ୍କ ଆକାଳ ବିୟୋଗ ସଂପୃକ୍ତ ପରିବାରବର୍ଗଙ୍କ ପାଇଁ ଅପୂରଣୀୟ କ୍ଷତି ବୋଲି କହିଛନ୍ତି ଶ୍ରୀମତୀ ସିଂ କହିଛନ୍ତି। ସୂଚନାଯୋଗ୍ୟ ଯେ, ଶୀଳଘାଟି ଗ୍ରାମର ଦାସ ସିଂଙ୍କ ପୁଅ ଛୋଟରାୟ ସିଂ (୨୦) ଓ ସେହି ଗ୍ରାମର ଭୀମ ମୁର୍ମୁଙ୍କ ପୁଅ ତପନ ମୁର୍ମୁ (୧୮) ଗତ ୧୮ ତାରିଖ ସଂଧାରେ ଏକ ବାଇକ ଯୋଗେ ଘରକୁ ଫେରୁଥିବାବେଳେ ଏକ ଗାଡି ଧକ୍କା ଦେଇଥିଲା। ଫଳରେ ଛୋଟରାୟଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ତପନ ତପନ ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ।

## ୭୨ ବିଦ୍ୟାଳୟକୁ ଜମିପଟ୍ଟା ପ୍ରଦାନ



**ଠାକୁରମୁଣ୍ଡା/ମହୁଲଡିହା, ୨୧।୧୨(ସମିସ):** ଠାକୁରମୁଣ୍ଡା ବ୍ଲକର ବିଭିନ୍ନ ବିଦ୍ୟାଳୟକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଜମିପଟ୍ଟା ବଣ୍ଟନ ବଣ୍ଟନ ହୋଇ ଯାଇଛି। ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଗତ ୧୯ ତାରିଖରେ ଠାକୁରମୁଣ୍ଡା ତହସିଲ ତରଫରୁ ୭୨ଟି ବିଦ୍ୟାଳୟକୁ ଜମିପଟ୍ଟା ବଣ୍ଟନ କରାଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଠାକୁରମୁଣ୍ଡା ତହସିଲଦାର ଡ. ସୁଶ୍ରୀ ସୁପ୍ରିୟା ଯୋଗଦେଇ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଜମି ପଟ୍ଟା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାଏକ ଉପସ୍ଥିତ ଥିଲେ। ବିଦ୍ୟାଳୟ ଗୁଡ଼ିକର ଭିତ୍ତିଭୂମି ବିକାଶ ଓ ଉନ୍ନତିକରଣ ପାଇଁ ସ୍ଥାୟୀ ଜମିପଟ୍ଟା ନିହାତି ଜରୁରୀ ଥିବା କାରଣରୁ ସମ୍ପୃକ୍ତ ବିଦ୍ୟାଳୟଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ସରକାର ପଟ୍ଟା ଯୋଗାଇ ଦେଇଥିବାରୁ ବିଇଓ ଶ୍ରୀ ନାଏକ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

**କାମଛାଡ଼ି ଠିକାସଂସ୍ଥା ଛୁ'**

## ରାସ୍ତା ତିଆରି କଲେ ଗ୍ରାମବାସୀ

**ବେଲବାହାଲ, ୨୧।୧୨ (ସମିସ):** ବେଲବାହାଲି ନିକଟରେ ଅତିକ୍ରମ କରିଥିବା ୨୦ନମ୍ବର ଜାତୀୟ ରାଜପଥର ବାରିଙ୍ଗା ଓ ସିଆପଡା ବାଇପାସ ନିକଟରେ ଟ୍ରାଫିକ ନିୟମ ଦୃଷ୍ଟିକୋଣରୁ "ଡିଭାଇଡର' ନିର୍ମାଣ କରାଯିବାକୁ ନିୟମ ଥିବାବେଳେ ତାହା ଏଯାଏ ନିର୍ମାଣ କରାଯାଇନଥିବାରୁ ବିଭିନ୍ନ ମହଲରେ ପତିକ୍ରିୟା ପ୍ରକାଶ ପାଇଛି। ଏହି ରାସ୍ତା ନିର୍ମାଣ କରିବାକୁ ଦାୟିତ୍ୱ ନେଇଥିବା ଠିକା ସଂସ୍ଥା କାମଛାଡ଼ି ପଳାଇଯାଇଥିବାରୁ ନିରୁପାୟ ବେଲବାହାଲି ଗ୍ରାମବାସୀ ଆଜି ଶ୍ରମଦାନ କରି ଏହି ରାସ୍ତା ନିର୍ମାଣ କରିଛନ୍ତି। ସ୍ଥାନୀୟ ସରପଞ୍ଚ ଦୀପ୍ତି ସାହୁଙ୍କ ତତ୍ତ୍ୱାବଧାନରେ ଆଜି କେତେକ ଗ୍ରାମବାସୀ ଏହି ରାସ୍ତାକୁ ନିର୍ମାଣ କରିବା ପରିଲକ୍ଷିତ ହେଉଛି। ଜାତୀୟ ରାଜପଥ କାର୍ଯ୍ୟ ସରିବା ପରେ ବେଲବାହାଲି ବଜାରକୁ ପଡ଼ିଥିବା ଦୁଇପାଶ୍ୱର୍ର ଏହି ପ୍ରବେଶ ପଥ ଅବ୍ୟବସ୍ଥା ହୋଇପଡିଛି। ବିଶେଷ କରି ସନ୍ଧ୍ୟାପରେ ଯାତାୟାତରେ ବ୍ୟାଘାତ ସୃଷ୍ଟି ହେଉଥିଲା।



# ଦେଶ ବିଦେଶ

ସକାଳ
THE SAKALA
www.sakalaepaper.com

### ଭିଣୋଇ ରୁଜୁ କରିଥିଲେ ମାର୍‌ପିଟ୍ ମାମଲା

## ପଞ୍ଜାବ ମନ୍ତ୍ରୀଙ୍କୁ ୨ ବର୍ଷ ଜେଲ୍‌ଦଣ୍ଡ



**ଚଣ୍ଡିଗଡ଼, ୨୧।୧୨ (ଏଜେନ୍ସି):** ପଞ୍ଜାବ କ୍ୟାବିନେଟ ମନ୍ତ୍ରୀ ଅମନ ଆରୋରାଙ୍କୁ ୨ ବର୍ଷ ଜେଲ୍ ଦଣ୍ଡ ହୋଇଛି। ୨୦୦୮ ରେ ରୁଜୁ ପାରିବାରିକ କଳିଝଗଡ଼ା ମାମଲାରେ ସଙ୍ଗରୁର ସୁନାମ କୋର୍ଟ ଗୁରୁବାର ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ଏହି ମାମଲାରେ ଆଉ ୮ ଜଣଙ୍କୁ ଦଣ୍ଡ ଘୋଷଣା କରାଯାଇଛି। ଦୋଷୀଙ୍କ ଉପରେ ଜରିମାନା ମଧ୍ୟ ଲଗାଯାଇଛି। ମନ୍ତ୍ରୀଙ୍କ ଭିଣୋଇ ରାଜିନ୍ଦର ଦୀପା ଏହି ମାମଲା ରୁଜୁ କରିଥିଲେ। ଅମନ ତାଙ୍କ ସହ ମାର୍‌ପିଟ କରିଥିବା ଅଭିଯୋଗ କରିଥିଲେ। ସେହି ବର୍ଷ ୨୦୦୮ ରେ ମନ୍ତ୍ରୀ ସୁନାମ ଛାଡ଼ି ଚଣ୍ଡିଗଡ଼ ଚାଲି ଆସିଥିଲେ। ଏହା ପୂର୍ବରୁ ଅମନ ତାଙ୍କ ମାଆଙ୍କୁ ଧରି ଭିଣୋଇଙ୍କ ଘର କବ୍‌ଜା କରିବାକୁ ପ୍ରୟାସ କରିଥିଲେ। ନିଜ ସମର୍ଥକଙ୍କ ସହ ଗଣ୍ଡଗୋଳ କରିଥିଲେ। ରାଜିନ୍ଦର ଏହି ଘଟଣା ସମୟରେ ବାହାରେ ଥିଲେ। ସେ ଡିଏସ୍‌ପିଙ୍କୁ ଫୋନ୍ କରି ସମସ୍ତ ସୂଚନା ଦେଇଥିଲେ। ସନ୍ଧ୍ୟାରେ ଘରେ ପହଞ୍ଚିବା ପରେ ଅମନଙ୍କ ମାଆ ସେଠାରେ ଥିବା ଦେଖିବାକୁ ପାଇଥିଲେ। ସେ ରାଜିନ୍ଦରଙ୍କ ସହ ମାର୍‌ପିଟ ଉଦ୍ୟମ କରିଥିଲେ। ଏହା ସତ୍ତ୍ୱେ ତାଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ। ଯାଞ୍ଚ ପାଇଁ ଆବେଦନ କରିବା ପରେ କୋର୍ଟ ରାଜିନ୍ଦରଙ୍କୁ ଆଶ୍ୱସ୍ତି ପ୍ରଦାନ କରିଥିଲେ। ଏବେ ଏହି ମାମଲାର ରାୟ ଆସିଛି।

## ସିଆଇଏସଏଫ୍ ହାତକୁ ଗଲା ସଂସଦ ଭବନ ସୁରକ୍ଷା

### ସାରା ଦେଶରେ ବିକ୍ଷୋଭ ପାଇଁ ବିରୋଧୀଙ୍କ ପ୍ରସ୍ତୁତି

**ନୂଆଦିଲ୍ଲୀ,୨୧।୧୨(ଏଜେନ୍ସି):** ସଂସଦ ଭବନ ପରିସରର ସୁରକ୍ଷା ଦାୟିତ୍ୱ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ(ସିଆଇଏଓଏଫ୍) ହାତରେ ନ୍ୟସ୍ତ କରାଯାଇଛି। ଗୁରୁବାର କେନ୍ଦ୍ର ଗୃହମନ୍ତ୍ରାଳୟ ପକ୍ଷରୁ ଏ ସମ୍ପର୍କରେ ଏକ ବିଜ୍ଞପ୍ତି ଜାରି କରାଯିବା ସହିତ ଏହା ସ୍ପଷ୍ଟ କରାଯାଇଛି। ପୂର୍ବରୁ ସଂସଦ ଭବନ ପରିସରର ସୁରକ୍ଷା ଦାୟିତ୍ୱ ଦିଲ୍ଲୀ ପୁଲିସ ହାତରେ ରହିଥିଲା। ତେବେ ଡିସେମ୍ବର ୧୩ରେ ହୋଇଥିବା ସୁରକ୍ଷା ତ୍ରୁଟିକୁ ନେଇ ସାରା ଦେଶରେ ଉଦବେଗ ପ୍ରକାଶ ପାଇବା ସହିତ ସଂସଦରେ ବିରୋଧୀ ଦଳର ଲଗାତର ହଙ୍ଗାମା ଦେଖାଯାଇଥିଲା ବେଳେ କେନ୍ଦ୍ର ସରକାର ଏଭଳି ନିଷ୍ପତ୍ତି ନେଇଥିବା କୁହାଯାଇଛି। ସଂସଦ ଭବନର ଆଭ୍ୟନ୍ତରୀଣ ସୁରକ୍ଷା ବ୍ୟବସ୍ଥା ଲୋକସଭା ସଚିବାଳୟ ଦ୍ୱାରା ନିୟନ୍ତ୍ରିତ ହେବା ସହିତ ପରିସର ସୁରକ୍ଷା ଦାୟିତ୍ୱ ସିଆଇଏସଏଫ୍ ହାତରେ ରହିବ। ତେବେ ସଂସଦ ପରିସର ବାହାର ସୁରକ୍ଷା ଦାୟିତ୍ୱ ପୂର୍ବଭଳି ଦିଲ୍ଲୀ ପୁଲିସ ହାତରେ ରହିବ ବୋଲି ଜଣାପଡ଼ିଛି। ବର୍ତ୍ତମାନ ସିଆଇଏସଏଫ୍ ସବୁ ମନ୍ତ୍ରାଳୟର ସୁରକ୍ଷା ଦାୟିତ୍ୱରେ ରହିଛି। ତେଣୁ ସଂସଦ ଭବନ ସୁରକ୍ଷା ଦାୟିତ୍ୱ ମଧ୍ୟ ଏହି ଏଜେନ୍ସି ହାତରେ ନ୍ୟସ୍ତ କରାଯାଇଛି। ଅନ୍ୟପକ୍ଷରେ ସଂସଦ ସୁରକ୍ଷା ପ୍ରସଙ୍ଗକୁ ନେଇ ଉଭୟ ଗୃହରେ ୧୪୬ ସାଂସଦଙ୍କ ନିଲମ୍ବନ ଘଟଣାରେ ବିରୋଧୀ ଦଳଙ୍କ ପକ୍ଷରୁ କେନ୍ଦ୍ର ସରକାରଙ୍କ ବିରୋଧରେ ଆସନ୍ତାକାଲି ଜନ୍ତରମନ୍ତର ଠାରେ ବିକ୍ଷୋଭ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଦିଲ୍ଲୀ ବ୍ୟତୀତ ଦେଶର ପ୍ରତ୍ୟେକ ଜିଲ୍ଲାରେ ମଧ୍ୟ ବିକ୍ଷୋଭ କରାଯିବ ବୋଲି ବିରୋଧୀ ନେତା ଗୁରୁବାର କହିଛନ୍ତି।




### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

## ତାମିଲନାଡୁ ମନ୍ତ୍ରୀ ଦମ୍ପତିଙ୍କୁ ୩ ବର୍ଷ ଜେଲ୍



**ଚେନ୍ନଇ, ୨୧।୧୨ (ଏଜେନ୍ସି):** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ତାମିଲନାଡୁ ଶିକ୍ଷାମନ୍ତ୍ରୀ କେ ପୋନମୁଡି ଏବଂ ତାଙ୍କ ପତ୍ନୀଙ୍କୁ ୩ ବର୍ଷ ଜେଲ୍‌ଦଣ୍ଡ ହୋଇଛି। ଉଭୟଙ୍କ ଉପରେ ମାଡ୍ରାସ ହାଇକୋର୍ଟ ୫୦ ଲକ୍ଷ ଟଙ୍କା ଲେଖାଏଁ ଜରିମାନା ମଧ୍ୟ ଲଗାଇଛନ୍ତି। ପୂର୍ବରୁ କୋର୍ଟ ୧.୭୫ କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଉଭୟଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଏହି ମାମଲାର ରାୟ ଆସିବା ପରେ ପୋନମୁଡି ବିଧାୟକ ପଦ ପାଇଁ ଅଯୋଗ୍ୟ ହୋଇଛନ୍ତି। ସେ ମନ୍ତ୍ରୀ ପଦ ମଧ୍ୟ ହରାଇଛନ୍ତି। ତାମିଲନାଡୁ ରାଜଭବନ ପକ୍ଷରୁ ବିଜ୍ଞପ୍ତି ଜାରି କରି ଏହି ସୂଚନା ଦିଆଯାଇଛି। ମୁଖ୍ୟମନ୍ତ୍ରୀ ଷ୍ଟାଲିନ ଏ ନେଇ ରାଜ୍ୟପାଳ ଆରଏନ ରବିଙ୍କୁ ସୁପାରିସ କରିଥିଲେ। ହାଇକୋର୍ଟ ବିଚାରପତି ଜି ଜୟଚନ୍ଦ୍ରନ ଦଣ୍ଡ ଶୁଣାଇ ସୁପ୍ରିମକୋର୍ଟରେ ଆବେଦନ ଦାଏର କରିବା ପାଇଁ ପୋନମୁଡିଙ୍କୁ ୩୦ ଦିନ ସମୟ ଦେଇଛନ୍ତି। ଏହି ଅବଧି ପୂରଣ ହେବା ପରେ ଟ୍ରାଏଲ କୋର୍ଟରେ ଆତ୍ମସମର୍ପଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ସେସନ କୋର୍ଟ ୨୦୧୬ରେ ଏହି ମାମଲାରେ ପୋନମୁଡୀ ଏବଂ ତାଙ୍କ ପତ୍ନୀଙ୍କୁ ମୁକ୍ତ କରିଦେଇଥିଲେ। ପରେ ମାମଲା ହାଇକୋର୍ଟକୁ ପହଞ୍ଚି ଥିଲା। ୨୦୦୨ରେ ରାଜ୍ୟ ଭିଜିଲାନ୍ସ ବିଭାଗ ଏହି ମାମଲା ରୁଜୁ କରିଥିଲା।

### ଭୟ ବଢ଼ାଉଛି କରୋନାର ନୂଆ ପ୍ରଜାତି

# ୪୦ ଦେଶରେ ବ୍ୟାପିଛି ଜେଏନ.୧



- ବିପଦ ନାହିଁ କହିଲା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ
- ଜନଗହଳି ସ୍ଥାନରେ ମାସ୍କ ପିନ୍ଧିବାକୁ ପରାମର୍ଶ
- ଦେଶରୁ ଦିନକରେ ୩୫୮ ରୋଗୀ ଚିହ୍ନଟ, ୬ ମୃତ
- କେରଳରୁ ସର୍ବାଧିକ ୩୦୦ ସଂକ୍ରମିତ

**ନୂଆଦିଲ୍ଲୀ, ୨୧।୧୨ (ଏଜେନ୍ସି)**

କରୋନା ମହାମାରୀ ପୁଣି ବିଶ୍ୱବାସୀଙ୍କ ଚିନ୍ତା ବୃଦ୍ଧି କରିଛି। ଏହାର ନୂଆ ଉପ-ପ୍ରଜାତି ଜେଏନ୍.୧ ଦ୍ରୁତଗତିରେ ବ୍ୟାପିବାରେ ଲାଗିଛି। ଏଥିଯୋଗୁଁ ସଂକ୍ରମିତଙ୍କ ସଂଖ୍ୟା କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଏବେ ଏହି ଉପ-ପ୍ରଜାତି ୪୦ ଦେଶକୁ ବ୍ୟାପିଗଲାଣି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏହି ବିଶ୍ୱ ସଂସ୍ଥା ନୂଆ ଉପ-ପ୍ରଜାତିକୁ 'ଭାରିଆଣ୍ଟ ଅଫ ଇଣ୍ଟରେଷ୍ଟ' ତାଲିକାରେ ମଧ୍ୟ ସାମିଲ କରିଛି। ଏହା ଉପରେ ବିଶ୍ଳେଷଣ କରାଯାଉଛି। ଏ ପର୍ଯ୍ୟନ୍ତ ମିଳିଥିବା ତଥ୍ୟ ଅନୁଯାୟୀ ଏବେ ଉପଲବ୍ଧ ଥିବା ଟିକା ଜେଏନ୍.୧ ଉପରେ ପ୍ରଭାବୀ ରହିଛି। ଲୋକଙ୍କ ପ୍ରତି ବିପଦ ସମ୍ଭାବନା ବହୁତ କମ୍ ରହିଛି। ତେବେ 'ହୁ' ସାବଧାନତା ପାଇଁ ମାର୍ଗଦର୍ଶିକା ଜାରି କରିଛି। ଜନଗହଳି ପୂର୍ଣ୍ଣ ଅଞ୍ଚଳ, ବନ୍ଦ କିମ୍ବା ପ୍ରଦୂଷିତ ବାୟୁ ପ୍ରଭାବିତ ଅଞ୍ଚଳରେ ମାସ୍କ ପିନ୍ଧିବାକୁ ପରାମର୍ଶ ଦେଇଛି। ଏହା ସହିତ ସାମାଜିକ ଦୂରତ୍ୱ ଅବଲମ୍ବନ କରିବାକୁ କହିଛି।

ଅନ୍ୟପକ୍ଷରେ ଭାରତ ମଧ୍ୟ କରୋନା ସଂକ୍ରମଣ ବଢ଼ି ବଢ଼ି ଚାଲିଛି। ଗତ ୨୪ ଘଣ୍ଟା ମଧ୍ୟରେ ୩୫୮ ରୋଗୀ ଚିହ୍ନଟ ହୋଇଛନ୍ତି। ୬ ଜଣ ମଧ୍ୟ ପ୍ରାଣ ହରାଇଛନ୍ତି। ଏହା ସହିତ ଦେଶରେ ସକ୍ରିୟ ରୋଗୀସଂଖ୍ୟା ୨୬୬୯ରେ ପହଞ୍ଚି ଯାଇଛି। ଭାରତ ମଧ୍ୟ ଜେଏନ୍.୧ର ପ୍ରଭାବରୁ ବାଦ୍ ପଡ଼ି ନାହିଁ। ଦେଶରେ ଏହାର ୨୧ଟି ମାମଲା ସାମ୍ନାକୁ ଆସିଲାଣି। ଗୋଆରୁ ୧୯ ଜଣ, କେରଳ ଏବଂ ମହାରାଷ୍ଟ୍ରରୁ ଜଣେ ଲେଖାଏଁ ରୋଗୀ ଚିହ୍ନଟ ହୋଇଛନ୍ତି। ଗତ ୨ ସପ୍ତାହରେ କରୋନା ଦେଶରେ ୧୬ ଜଣଙ୍କ ଜୀବନ ନେଲାଣି। ମାତ୍ର ଏମାନଙ୍କ ମଧ୍ୟରେ ଅଧିକାଂଶ ମଧୁମେହ ଏବଂ ହୃଦ୍‌ରୋଗ ସହିତ ଅନ୍ୟାନ୍ୟ ରୋଗରେ ପୀଡ଼ିତ ଥିବା ଲୋକ ସାମିଲ ଅଛନ୍ତି।

ଏବେ ପୁଣିଥରେ କେରଳ ଦେଶରେ ଚିନ୍ତା ବଢ଼ାଇଛି। କାରଣ ଦିନକରେ ଏହି ରାଜ୍ୟରୁ ୩୦୦ ସକ୍ରିୟ ମାମଲା ସାମ୍ନାକୁ ଆସିଥିବାବେଳେ ୩ ଜଣ ପ୍ରାଣ ହରାଇଛନ୍ତି। ଏଥି ସହିତ ମୋଟ ମୃତ୍ୟୁସଂଖ୍ୟା ୭୨,୦୫୯ ପାର୍ କରିଛି। ଏହାକୁ ନେଇ ଚିନ୍ତା କରିବାର କୌଣସି କାରଣ ନାହିଁ ବୋଲି କେରଳ ସ୍ୱାସ୍ଥ୍ୟମନ୍ତ୍ରୀ ବୀଣା ଜର୍ଜ କହିଛନ୍ତି। କରୋନା ସ୍ଥିତିକୁ ଦେଖି କେନ୍ଦ୍ର ମଧ୍ୟ ସତର୍କ ହୋଇଯାଇଛି। କେନ୍ଦ୍ର ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ସବୁ ଜିଲ୍ଲାରେ କରୋନା ପରୀକ୍ଷା କରିବାକୁ ରାଜ୍ୟ ସରକାରଙ୍କୁ କୁହାଯାଇଛି।

## ଇଡିର ସମନ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ: କେଜ୍ରିୱାଲ



**ନୂଆଦିଲ୍ଲୀ, ୨୧।୧୨ (ଏଜେନ୍ସି):** ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଦ୍ୱିତୀୟ ଥର ପାଇଁ ଗୁରୁବାର ଇଡି ନିକଟରେ ହାଜର ହୋଇନାହାନ୍ତି। ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲାରେ ଇଡି ତାଙ୍କୁ ସମନ ଜାରି କରି ଜେରା ପାଇଁ ହାଜର ହେବାକୁ କହିଥିଲା। କେଜ୍ରିୱାଲ ଏହାର ଜବାବ ଏଜେନ୍ସି ପାଖକୁ ପଠାଇଛନ୍ତି। ସେ ୧୦ ଦିନିଆ ଛୁଟିରେ ବିପସନା କେନ୍ଦ୍ରକୁ ଯାଇଥିବା ଉଲ୍ଲେଖ କରିଛନ୍ତି। ପୂର୍ବଥର ଭଳି ଏହି ସମନକୁ ମଧ୍ୟ ବେଆଇନ କହିଛନ୍ତି। ଏହା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ସଚ୍ଚୋଟତାର ସହ ସେ ଜୀବନ ନିର୍ବାହ କରୁଛନ୍ତି। ପାଖରେ ଲୁଚାଇବାକୁ କିଛି ନାହିଁ। ଏଥିପାଇଁ ସମନ ପ୍ରତ୍ୟାହାର କରାଯିବା ଉଚିତ ବୋଲି ଦାବି କରିଛନ୍ତି। ଏହା ପୂର୍ବରୁ ନଭେମ୍ବର ୨ରେ ସେ ଇଡିରେ ହାଜର ହୋଇ ନ ଥିଲେ। ସେ ଇଡିକୁ ଚିଠି ଲେଖି ସନ୍ଦିଗ୍ଧ ନା ସାକ୍ଷୀ ବୋଲି ପଚାରି ଥିଲେ।

### ● ଟିଏମ୍‌ସି ବିଧାୟକଙ୍କ ଘରେ ଆଇଟି

## ୧୯ ଘଣ୍ଟା ଚଢ଼ଉ, ୭୦ ଲକ୍ଷ ଟଙ୍କା ଜବତ

**କୋଲକାତା, ୨୧।୧୨ (ଏଜେନ୍ସି):** ଟିଏମ୍‌ସି ବିଧାୟକ ବାୟରନ ବିଶ୍ୱାସଙ୍କ ଘରେ ଆୟକର ବିଭାଗ (ଆଇଟି) ଚଢ଼ଉ କରିଛି। ବୁଧବାର ସକାଳୁ ଆରମ୍ଭ ହୋଇଥିବା ଏହି ଚଢ଼ଉ ପ୍ରାୟ ୧୯ ଘଣ୍ଟା ପର୍ଯ୍ୟନ୍ତ ଚାଲିଥିଲା। ଏଥିରୁ ୭୦ ଲକ୍ଷ ଟଙ୍କା ଜବତ କରାଯାଇଛି। ଏହି ଟଙ୍କା କାହାର, କେଉଁଠୁ ଆସିଥିଲା ଏବଂ କାହିଁକି ରଖା ଯାଇଥିଲା ତାହାର କୌଣସି ସୂଚନା ମିଳିନାହିଁ। ବିଶ୍ୱାସ ମୁର୍ଶିଦାବାଦ ଜିଲ୍ଲା ସମସେରଗଞ୍ଜରୁ ବିଧାୟକ ଅଛନ୍ତି। ଏ ବିଷୟରେ ବିଧାୟକ କୌଣସି ବୟାନ ଦେବାକୁ ମନା କରିଦେଇଛନ୍ତି। ସେ ପ୍ରଥମେ କଂଗ୍ରେସ ଟିକଟରୁ ସାଗରଦିଘି ଉପ-ନିର୍ବାଚନରେ ବିଜୟୀ ହୋଇଥିଲେ। ପରେ ଟିଏମ୍‌ସିରେ ସାମିଲ ହୋଇଥିଲେ।

## କୋଇଲା ଧୂଆଁରେ ଗଲା ୪ ଜୀବନ

**ରାଞ୍ଚି, ୨୧।୧୨ (ଏଜେନ୍ସି):** ଝାଡ଼ଖଣ୍ଡ ହଜାରିବାଗର ସିରସି ଗ୍ରାମରେ ଗୁରୁବାର ଏକ ଅଘଟଣ ଘଟିଛି। ଅସହ୍ୟ ଶୀତରୁ ମୁକ୍ତି ପାଇଁ ଘରେ କୋଇଲା ଜଳାଇବା କାଳ ହୋଇଛି। ଏହାର ଧୂଆଁରେ ଶ୍ୱାସରୁଦ୍ଧ ହୋଇ ୪ ଜଣଙ୍କ ମୃତ୍ୟୁ ହୋଇଛି। ତିନି ଜଣ ଗୁରୁତର ଅସୁସ୍ଥ ହୋଇଛନ୍ତି। ନିକଟସ୍ଥ ଡାକ୍ତରଖାନାରେ ଏମାନଙ୍କର ଚିକିତ୍ସା ଚାଲିଛି। ଏହାର ସୂଚନା ପୁଲିସକୁ ଦିଆଯାଇଛି। ସୂଚନା ଅନୁଯାୟୀ ଏହି ଘର ପାଖରେ କୁନାଲ ଯାଦବ ରହୁଥିଲେ। ସକାଳ ୭ଟାରେ କିଛି ଲୋକ ତାଙ୍କ ଘର କବାଟ ବାଡ଼େଇ ଥିଲେ ଏବଂ ପଡ଼ୋଶୀ ଘର ଲୋକ କବାଟ ଖୋଲୁ ନ ଥିବା କହିଥିଲେ। ପରେ ତାଙ୍କ ଉପସ୍ଥିତିରେ କବାଟ ଭଙ୍ଗା ଯାଇଥିଲା।

## କୋଇଲା ଖଣିରେ ଦୁର୍ଘଟଣା; ୧୨ ମୃତ

**ବେଜିଂ, ୨୧।୧୨ (ଏଜେନ୍ସି):** ଚୀନ୍‌ର ହେଇଲୋଙ୍ଗଜିଆଙ୍ଗ ପ୍ରଦେଶରେ ଥିବା କୁନୟୁଆନ କୋଇଲା ଖଣିରେ ଦୁର୍ଘଟଣା ଘଟିଛି। ଏକ କୋଇଲା ବୋଝେଇ ଟ୍ରକ୍ ମାଡ଼ିଯିବାରୁ ୧୨ ଜଣଙ୍କ ମୃତ୍ୟୁ ହୋଇଛି। ୧୩ ଜଣ ମଧ୍ୟ ଆହତ ହୋଇଛନ୍ତି। ଏହି ଦୁର୍ଘଟଣାର କାରଣ ଜାଣିବା ପାଇଁ ଏକ ତଦନ୍ତ କମିଟି ଗଠନ କରାଯାଇଛି। ସୂଚନାଯୋଗ୍ୟ ଯେ ଚୀନ୍ ଖଣିରେ ଦୁର୍ଘଟଣା ସାଧାରଣ ଘଟଣା ହୋଇଯାଇଛି। ଚଳିତ ବର୍ଷ ଦୁର୍ଘଟଣାରେ ଅନେକ ଜୀବନ ଗଲାଣି।

### ୨୦୨୪ରେ ୭୮ ଦେଶର ନିର୍ବାଚନ

## ୪୨୦ କୋଟି ଲୋକ ବାଛିବେ ନୂଆ ସରକାର



**ନୂଆଦିଲ୍ଲୀ, ୨୧।୧୨ (ଏଜେନ୍ସି)**

ଆସନ୍ତା ବର୍ଷ ବିଶ୍ୱ ପାଇଁ ନିର୍ବାଚନ ବର୍ଷ ହେବାକୁ ଯାଉଛି। ୨୦୨୪ରେ ପ୍ରାୟ ସବୁ ମହାଦେଶରେ ନିର୍ବାଚନ ହେବ। ଏସିଆରେ ସବୁଠାରୁ ଅଧିକ ଲୋକ ୨୦୨୪ରେ ଭୋଟ ଦେବେ। ଗତ ବର୍ଷ ଭାରତରେ ମଧ୍ୟ ଲୋକସଭା ନିର୍ବାଚନ ଅନୁଷ୍ଠିତ ହେବ। ସେହିପରି ବାଂଲାଦେଶ, ପାକିସ୍ତାନ ସହିତ ବିଶ୍ୱର ୭୮ ଦେଶରେ ୮୩ ଥର ସାଧାରଣ ନିର୍ବାଚନ ହେବ। ପ୍ରାୟ ୪୨୦ କୋଟି ଲୋକ ଭୋଟ୍ ଦେଇ ନୂଆ ସରକାର ଗଠନ କରିବେ। କିନ୍ତୁ ବ୍ରାଜିଲ ଏବଂ ତୁର୍କୀରେ ସାଧାରଣ ନିର୍ବାଚନ ହେବ ନାହିଁ। ମାତ୍ର ସ୍ଥାନୀୟ ନିର୍ବାଚନରେ ସାରା ଦେଶ ଭାଗ ନେବ। ସେହିପରି ୟୁରୋପୀୟ ସଂଘର ୨୭ ସଦସ୍ୟ ରାଷ୍ଟ୍ରରେ ସଂସଦୀୟ ନିର୍ବାଚନ ହେବ। ୱାଶିଂଟନର ଥିଙ୍କ ଟ୍ୟାଙ୍କ ଆଟଲାଣ୍ଟିକ କାଉନସିଲ ଅନୁଯାୟୀ ଆଗାମୀ ୨୪ ବର୍ଷ ପର୍ଯ୍ୟନ୍ତ ବିଶ୍ୱରେ ଏତେ ଅଧିକ ନିର୍ବାଚନ ହେବ ନାହିଁ। ୨୦୪୮ ରେ ପୁଣି ଏପରି ସଂଯୋଗ ପଡ଼ିପାରେ। ରିପୋର୍ଟ ଅନୁଯାୟୀ ଜି-୨୦, ଜି-୭ ଭଳି ଶକ୍ତିଶାଳୀ ଗୋଷ୍ଠୀରେ ସାମିଲ ଅନେକ ରାଷ୍ଟ୍ରରେ ଆସନ୍ତା ବର୍ଷ ନିର୍ବାଚନ ହେବ। ଅର୍ଥାତ୍ ଭୂ-ରାଜନୈତିକ ସ୍ଥିତି ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ିପାରେ। ଆମେରିକାରେ କ୍ଷମତା ପରିବର୍ତ୍ତନ ହୋଇପାରେ। କିନ୍ତୁ ରୁଷ୍‌ରେ ପୁଣି ପୁଟିନ କ୍ଷମତାକୁ ଫେରିବାର ସମ୍ଭାବନା ରହିଛି। ଆଫ୍ରିକା ମହାଦେଶର ଇଣ୍ଡୋନେସିଆ, ଦକ୍ଷିଣ ଆଫ୍ରିକା, ଅଲଜେରିଆ, ବୋସୱାନା, ଚାଡ, କୋମୋରୋସ, ଘାନା, ମରିସସ୍, ମୋଜାମ୍ବିକ, ନାମ୍ବିୟା, ରୱାଣ୍ଡା, ମାରିସାନିଆ, ସେନେଗଲ, ସୋମାଲିଲାଣ୍ଡ, ଦକ୍ଷିଣ ସୁଦାନ, ଟ୍ୟୁନିସିଆ, ଟୋଗୋ ଏବଂ ୟୁରୋପର ଫିନଲାଣ୍ଡ, ବେଲାରୁଷ, ପର୍ତ୍ତୁଗାଲ, ୟୁକ୍ରେନ, ସ୍ଲୋଭାକିଆ, ଲିଥୁଆନିଆ, ଆଇସଲାଣ୍ଡ, ବେଲ୍‌ଜିୟମ, କ୍ରୋଏସିଆ, ଅଷ୍ଟ୍ରିଆ, ଜର୍ଜିଆ, ମଲଡୋଭା,ରୋମାନିଆରେ, ୟୁରୋପୀୟ ସଂଘରେ ସାମିଲ ଫ୍ରାନ୍ସ, ଜର୍ମାନୀ ଏବଂ ସ୍ୱିଡେନ ଭଳି ଦେଶରେ ନିର୍ବାଚନ ହେବ।

### ● ମନ୍ଦିରରେ ରାମଲଲାଙ୍କ ପ୍ରାଣ ପ୍ରତିଷ୍ଠା

## ସୋନିଆ-ଖଡ଼୍‌ଗେ, ମନମୋହନଙ୍କୁ ନିମନ୍ତ୍ରଣ

**ନୂଆଦିଲ୍ଲୀ, ୨୧।୧୨ (ଏଜେନ୍ସି):**ଆସନ୍ତା ବର୍ଷ ଜାନୁଆରୀ ୨୨ରେ ଅଯୋଧ୍ୟାରେ ରାମଲଲାଙ୍କ ପ୍ରାଣ ପ୍ରତିଷ୍ଠା ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ, ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ସାଂସଦ ଅଧିର ରଞ୍ଜନ ଚୌଧୁରୀଙ୍କୁ ନିମନ୍ତ୍ରଣ କରାଯାଇଛି। ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ ପକ୍ଷରୁ ଏହି ନେତାଙ୍କୁ ବ୍ୟକ୍ତିଗତ ଭାବେ ନିମନ୍ତ୍ରଣ କରାଯାଇଛି। ସୂଚନା ଅନୁଯାୟୀ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଏବଂ ଏଚ୍‌ଡି ଦେବଗୌଡ଼ାଙ୍କୁ ମଧ୍ୟ ଡକାଯାଇଛି। ଆଗାମୀ ଦିନରେ ବାକି ବିରୋଧୀ ନେତାଙ୍କୁ ମଧ୍ୟ ଡକାଯିବାର ସମ୍ଭାବନା ରହିଛି। ତେବେ ବିରୋଧୀ ନେତା ଅଯୋଧ୍ୟା ଯିବାର ସମ୍ଭାବନା ନାହିଁ। ଏହା ପୂର୍ବରୁ ବିଶ୍ୱ ହିନ୍ଦୁ ପରିଷଦ ଗତ ୧୯ ତାରିଖରେ ବିଜେପିର ବରିଷ୍ଠ ନେତା ଲାଳକୃଷ୍ଣ ଆଡଭାନୀ ଏବଂ ମୁରଲୀ ମନୋହର ଯୋଶୀଙ୍କୁ ପ୍ରାଣ ପ୍ରତିଷ୍ଠା ପାଇଁ ଆମନ୍ତ୍ରଣ କରିଥିଲା। ଏହାର ଦିନକ ତଳେ ଉଭୟ ନେତାଙ୍କୁ ଅଯୋଧ୍ୟା ନ ଆସିବା ପାଇଁ ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟ ଅନୁରୋଧ କରିଥିଲେ। ବୟସ ଅଧିକ ହୋଇଥିବାରୁ ସେ ଏହି ନିବେଦନ କରିଥିଲେ। କିନ୍ତୁ ଏହାକୁ ନେଇ ବିବାଦ ହେବା ପରେ ଉଭୟ ନେତାଙ୍କୁ ନିମନ୍ତ୍ରଣ ପଠା ଯାଇଥିଲା।

## ଅବଶିଷ୍ଟାଂଶ...

### ୪ ଯବାନ ସହିଦ...

ଏହି ସମୟରେ ପୂର୍ବରୁ ସଜାଗ ହୋଇଥିବା ଆତଙ୍କବାଦୀ ଅତର୍କିତ ଆକ୍ରମଣ କରିଥିଲେ। ଏହାକୁ ନେଇ ଜମ୍ମୁ-କାଶ୍ମୀରର ପୂର୍ବତନ ଡିଜିପି ଏସ୍‌ପି ବୈଦ କହିଛନ୍ତି ଯେ ପାକିସ୍ତାନ ଷଡ଼ଯନ୍ତ୍ର କରି ସେନା ଗାଡ଼ି ଉପରେ ଆକ୍ରମଣ କରିଛି।

### ଚାଷୀ ମନରେ...

ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଛନ୍ତି। ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପର ବୈତରଣୀ ବାମ ପାଶ୍ୱର୍ କେନାଲ ସହିତ ହଳଦିଆ ଡ୍ୟାମର ଲୋକାର୍ପଣ କରାଯାଇଛି। ଏହି ଦୁଇ ପ୍ରକଳ୍ପ ପାଇଁ ଯଥାକ୍ରମେ ୫୦୦ କୋଟି ଓ ୩୨୨ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଏହା ଦ୍ୱାରା କେନ୍ଦୁଝର ଜିଲ୍ଲାର ହାଟଡିହି ଓ ଆନନ୍ଦପୁର ବ୍ଲକରେ ୨,୨୨୧ ହେକ୍ଟର ଜମିକୁ ଜଳସେଚନ ସୁବିଧା ମିଳିବା ସହିତ ବାଲେଶ୍ୱର ଜିଲ୍ଲାର ୭ଟି ବ୍ଲକରେ ୫୬,୫୫୦ ହେକ୍ଟର ଜମିକୁ ଖରିଫ୍ ଋତୁରେ ଜଳସେଚନ ସୁବିଧା ମିଳିବ। ଏହା ସହିତ ରବି ଋତୁରେ ୫୦,୦୦୦ ହେକ୍ଟର ଜମିକୁ ମିଶାଇ ମୋଟ ୧,୦୮,୭୭୧ ହେକ୍ଟର ଚାଷ ଜମିକୁ ଜଳସେଚନର ସୁବିଧା ମିଳିବ। ସେହିପରି ହଳଦିଆ ଡ୍ୟାମ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଏକ ଅଂଶବିଶେଷ । ବର୍ତ୍ତମାନ ସୁଦ୍ଧା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଜରିଆରେ ୬୨,୪୮୦ ହେକ୍ଟର ଜଳସେଚନର ସୁବିଧା ଦିଆଯାଇଥିବା ବେଳେ ହଳଦିଆ ଡ୍ୟାମ ଦ୍ୱାରା ଆଉ ୫,୫୨୦ ହେକ୍ଟର ଜମିକୁ ଜଳସେଚନର ସୁବିଧା ମିଳିପାରିବ। ଏହା ସହିତ ମୁଖ୍ୟମନ୍ତ୍ରୀ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ଓ ଖଇରି ଭଣ୍ଡନ ବ୍ୟାରେଜ ପାଇଁ ଭିତ୍ତି ରଖିଛନ୍ତି। ଏହି ୨ ପ୍ରକଳ୍ପ ପାଇଁ ଯଥାକ୍ରମେ ୨୦୦୦ କୋଟି ଓ ୩୩୭.୫୦ କୋଟି ଟଙ୍କା ଖର୍ଚ୍ଚ କରାଯିବ।ଏହାଦ୍ୱାରା ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ୩୯,୬୯୪ ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ମିଳିପାରିବ। ସେହିପରି ମୟୂରଭଞ୍ଜ ଜିଲ୍ଲାର ଅଂଳାବଣୀ ଗ୍ରାମ ନିକଟରେ ଖଇରି ଭଣ୍ଡନ ନଦୀ ଉପରେ ବ୍ୟାରେଜ କାମ ଆରମ୍ଭ କରାଯିବ। ଏହା ଦ୍ୱାରା ୩ଟି ବ୍ଲକର ୬,୯୫୦ ହେକ୍ଟର ଚାଷ ଜମିକୁ ଜଳସେଚନ ସୁବିଧା ମିଳିବା ସହିତ ୩୫,୦୦୦ ଲୋକଙ୍କୁ ପିଇବା ପାଣିର ସୁବିଧା ମିଳିପାରିବ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଚାଷୀର କଲ୍ୟାଣ ଓ କୃଷିର ବିକାଶ ସବୁବେଳେ ମୋର ପ୍ରାଥମିକତା ହୋଇ ରହିଆସିଛି। ପ୍ରତିଦିନ ମୁଁ ରାଜ୍ୟର ବିଭିନ୍ନ ଅଞ୍ଚଳର ଚାଷୀମାନଙ୍କୁ ଭେଟୁଛି। ଚାଷୀମାନଙ୍କ ପାଇଁ ଆମର କଲ୍ୟାଣ କାର୍ଯ୍ୟକ୍ରମଗୁଡିକ ଭଲ ଭାବରେ କାମ କରୁଛି । ଚାଷୀମାନଙ୍କ ପାଇଁ କାଳିଆ ଯୋଜନା, ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ, ମାଗଣାରେ ଫସଲ ବୀମା, ଚାଷୀପରିବାର ପିଲାଙ୍କ ପାଇଁ ବୃତ୍ତିର ବ୍ୟବସ୍ଥା ଏବଂ ଆହୁରି ଅନେକ ରୋଜଗାର ବୃଦ୍ଧି କାର୍ଯ୍ୟକ୍ରମ ଜାରି ରହିଛି। ଆମର ବିଭିନ୍ନ ବିକାଶ ଓ କଲ୍ୟାଣ କାର୍ଯ୍ୟକ୍ରମ ସହିତ ଚାଷୀ ପରିବାର ଭଲ ଭାବରେ ଯୋଡି ହୋଇ ରହିଛନ୍ତି। ଆମର ମିଶନ ଶକ୍ତି କାର୍ଯ୍ୟକ୍ରମରେ ଚାଷୀ ପରିବାରର ମା'ମାନେ ସବୁଠୁ ଅଧିକ ସାମିଲ ହୋଇଛନ୍ତି। ଆମର ନୂଆ କାର୍ଯ୍ୟକ୍ରମ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଓ 'ଲକ୍ଷ୍ମୀ' ଯୋଜନା ଆଦିରୁ ଚାଷୀ ଭାଇଭଉଣୀମାନେ ସବୁଠାରୁ ଅଧିକ ଉପକାର ପାଇବେ। ଅନୁରୂପ ଭାବରେ କାର୍ଯ୍ୟକ୍ରମକୁ ୫-ଟି ତଥା ନବୀନ ଓଡିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ସଂଯୋଜନା କରି ମୁଖ୍ୟମନ୍ତ୍ରୀ ଜଳସେଚନର ଉନ୍ନତି ଓ ଚାଷୀଭାଇଙ୍କର ଉନ୍ନତିକୁ ସବୁବେଳେ ଗୁରୁତ୍ୱ ଦେଇ ଆସିଛନ୍ତି ବୋଲି ମତବ୍ୟକ୍ତ କରିଛନ୍ତି। ମୟୂରଭଞ୍ଜରେ ଜଳ ସମ୍ପଦ ମନ୍ତ୍ରୀ ଟୁକୁନି ସାହୁ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଏହି ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଜିଲ୍ଲାରେ କୃଷି କ୍ଷେତ୍ରରେ ବହୁ ଉନ୍ନତି ଘଟିବା ସହିତ ଆମ ଜିଲ୍ଲାର ଚାଷୀ ଭାଇଭଉଣୀମାନେ ଆର୍ଥିକ ସ୍ତରରେ ସଦୃଢ ହେବେ ବୋଲି କହିଛନ୍ତି। ଆନନ୍ଦପୁରଠାରେ ଘଷିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର ଏବଂ ଆନନ୍ଦପୁର ବିଧାୟକ ଭାଗିରଥୀ ସେଠୀ ଏହି କେନାଲ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସୂଚନାଯୋଗ୍ୟ ଯେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଗତ ଅଗଷ୍ଟ ୧୧ ତାରିଖରେ ଯଶିପୁର ଯାଇଥିବା ବେଳେ ସ୍ଥାନୀୟ ଚାଷୀ ମାନେ ଖଇରୀଭଣ୍ଡନ ବ୍ୟାରେଜ ପାଇଁ ତାଙ୍କୁ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବ ପରେ ମାତ୍ର ଚାରି ମାସ ମଧ୍ୟରେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ମଞ୍ଜୁର ହୋଇ କାମ ଆରମ୍ଭ ହୋଇ ପାରିଛି। କାର୍ଯ୍ୟକ୍ରମରେ ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଉପସ୍ଥିତ ଥିଲେ। ରାଜ୍ୟ ଉନ୍ନୟନ କମିଶନର ତଥା ଜଳ ସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିଲେ ଓ ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଶ୍ରୀଜଗନ୍ନାଥଙ୍କୁ...

ଶ୍ରୀମନ୍ଦିର ଯାଇଥିଲା। ପରିଚାଳନା କମିଟି ସଦସ୍ୟ ତଥା ସେବାୟତ ମାଧବ ଚନ୍ଦ୍ର ମହାପାତ୍ର, ଜଗନ୍ନାଥ ସିଂହାରୀ, ଅନନ୍ତ ତିଆଡ଼ି ଏବଂ ରାଧାବଲ୍ଲଭ ମଠ ମହନ୍ତ ରାମକୃଷ୍ଣ ଦାସ ମହାରାଜ ନିମନ୍ତ୍ରଣପତ୍ର ସହ ଗୁଆ, ପାନ, ନଡ଼ିଆ ନେଇ ବଡ଼ଦେଉଳ ଅଭିମୁଖେ ବାହାରିଥିଲେ। ପାଟ ପଟୁଆରରେ ଜଗନ୍ନାଥଙ୍କ ପାଖକୁ ଯାଇଥିଲା ନିମନ୍ତ୍ରଣ ପତ୍ର। ବାଜା, ମହୁରି ଏବଂ ଘଣ୍ଟ ବାଦ୍ୟରେ କମ୍ପିଥିଲା ସିଂହଦ୍ୱାର ଅଞ୍ଚଳ। ସାଥିରେ ଛତିଶା ନିଯୋଗ କର୍ମକର୍ତ୍ତା, ପରିଚାଳନା କମିଟି ସଦସ୍ୟ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ ଦାସ, ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ସମେତ ଅନ୍ୟ ଅଧିକାରୀମାନେ ସାମିଲ ଥିଲେ। ମନ୍ଦିରରେ ପହଞ୍ଚିବା ପରେ ମହାପ୍ରଭୁଙ୍କ ଶ୍ରୀଚରଣରେ ଏହା ଅର୍ପଣ ହୋଇଥିଲା। ମହାପ୍ରଭୁଙ୍କ ପରେ ପ୍ରଭୁ ନୃସିଂହ, ମା' ବିମଳା, ମା' ମଙ୍ଗଳା ଓ ଶେଷରେ ପଞ୍ଚୁ ପାଣ୍ଡବଙ୍କୁ ନିମନ୍ତ୍ରଣ ହୋଇଥିଲା। ଶ୍ରୀଜଗନ୍ନାଥଙ୍କୁ ନିମନ୍ତ୍ରଣ ପତ୍ର ସମର୍ପଣ କରାଯିବା ପରେ ଅପରାହ୍ନରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୨୬ ତାରିଖରେ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରରେ ପ୍ରଭୁ ଲିଙ୍ଗରାଜଙ୍କୁ ନିମନ୍ତ୍ରଣ ପତ୍ର ସମର୍ପଣ କରାଯିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନିମନ୍ତ୍ରଣ ପତ୍ର ଦିଆଯିବ। ସେହିଦିନଠାରୁ ରାଜ୍ୟ ଭିତରେ ୧୪ଟି ଓ ରାଜ୍ୟ ବାହାରକୁ ୧୭ଟି ଟିମ୍ ଯାତ୍ରା କରିବ। ରାଜ୍ୟ ବାହାରକୁ ଯାତ୍ରା କରିବାକୁ ଥିବା ପ୍ରତି ସେବାୟତ ଟିମ୍ ସହ ଜଣେ ବରିଷ୍ଠ ଅଧିକାରୀ ରହିବେ। ସେହିପରି ଶୁକ୍ରବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ ମଧ୍ୟପ୍ରଦେଶ ଯାଇ ପୁରୀ ଗୋବର୍ଦ୍ଧନ ପୀଠର ପୀଠାଧୀଶ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ନିମନ୍ତ୍ରଣ କରିବେ। ଜଗତ୍‌ଗୁରୁ ଏବେ ଉଜ୍ଜୟିନୀରେ ଏକ ଧର୍ମୀୟ କାର୍ଯ୍ୟକ୍ରମରେ ଅଛନ୍ତି। ଏହାବ୍ୟତୀତ ଚାରିଧାମ, ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ମୁଖ୍ୟଙ୍କ ସମେତ ଦେଶ ବାହାରେ ନେପାଳ ରାଜାଙ୍କୁ ମଧ୍ୟ ନିମନ୍ତ୍ରଣ କରାଯିବ। ୧୭ ତାରିଖ ଲୋକାର୍ପଣ ଉତ୍ସବ ଦିନ ରାଜ୍ୟ ତଥା ରାଜ୍ୟ ବାହାରର ୧୨୦ଟି ମନ୍ଦିରର କର୍ମକର୍ତ୍ତା, ପୂଜକ ଉପସ୍ଥିତ ରହିବେ।

### ୧୬ ରାଜ୍ୟର...

ଜିଲ୍ଲାରେ ୬୫୬ଟି ଘରୋଇ ଡାକ୍ତରଖାନାରେ ଗରିବ ଲୋକମାନଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି। ଚଳିତ ବର୍ଷ ଡିସେମ୍ବର ସୁଦ୍ଧା ଅନୁବନ୍ଧିତ ଡାକ୍ତରଖାନା ପକ୍ଷରୁ ସରକାରଙ୍କ ନିକଟରେ ରୋଗୀଙ୍କ ଚିକିତ୍ସା ବାବଦରେ ୧୨.୧୧ ଲକ୍ଷରୁ ଅଧିକ ଦାବି ଉପସ୍ଥାପନ କରାଯାଇଛି। ଚଳିତ ବର୍ଷ ଶେଷ ସୁଦ୍ଧା ଚିକିତ୍ସା ବାବଦରେ ଦାବି ସଂଖ୍ୟା ୧୩ ଲକ୍ଷ ଅଧିକ୍ରମ କରିବ ବୋଲି ଆଶା କରାଯାଉଛି। ଗତ ବର୍ଷ ତୁଳନାରେ ଏହି ଅଭିବୃଦ୍ଧି ୧୦୨% ଅଧିକ। ବିଏସ୍‌କେୱାଇ ଅଧୀନରେ ପଞ୍ଜିକୃତ ୯୬.୫ ଲକ୍ଷ ପରିବାର ମଧ୍ୟରୁ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଲୋକଙ୍କ ପାଇଁ ସରକାର ଚଳିତ ବର୍ଷ ଡିସେମ୍ବର ୧୫ ତାରିଖ ସୁଦ୍ଧା ୨୫୦୭.୦୫ କୋଟିରୁ ଅଧିକ ଟଙ୍କା ସରକାର ମଞ୍ଜୁର କରିଛନ୍ତି। ଚଳିତ ବର୍ଷ ଡିସେମ୍ବର ସୁଦ୍ଧା ଏହି ରାଶି ୨୯୦୦ କୋଟି ଟଙ୍କା ଅତିକ୍ରମ କରିବ ବୋଲି ଅନୁମାନ କରାଯାଉଛି। ପୂର୍ବ ବର୍ଷ ତୁଳନାରେ ଏହା ୧୦୭% ଅଧିକ। ୨୦୨୨ରେ ଘରୋଇ ଡାକ୍ତରଖାନାରେ ବିଏସ୍‌କେୱାଇ ରୋଗୀଙ୍କ ଚିକିତ୍ସା ବାବଦରେ ରାଜ୍ୟ ସରକାର ୧୪୦୯.୪୦ କୋଟି ଟଙ୍କା ଖର୍ଚ୍ଚ କରିଥିଲେ।

### ଏସ୍‌ସିବି ସମ୍ପ୍ରସାରଣ...

ଚଣ୍ଡୀ ମନ୍ଦିର ପରିସରରେ ଭକ୍ତମାନଙ୍କ ଦିବ୍ୟ ଆଧ୍ୟାତ୍ମିକ ଅନୁଭବ ପାଇଁ ପରିବେଶ ସୃଷ୍ଟି କରିବାକୁ ପରାମର୍ଶ ଦେଇଛନ୍ତି ଶ୍ରୀ ପାଣ୍ଡିଆନ। ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଐତିହ୍ୟ କୋଠାକୁ ପୁନରୁଦ୍ଧାର କରିବା ନିମନ୍ତେ ସେ ପୂର୍ତ୍ତ ବିଭାଗର ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଚଣ୍ଡୀ ମନ୍ଦିର ରୂପାନ୍ତରଣ କାର୍ଯ୍ୟ ଅନୁଧ୍ୟାନ କରିବା ସମୟରେ ପୂଜକ, ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା ହୋଇଥିଲା। '୫-ଟି' ଉପକ୍ରମରେ ମା'ଙ୍କ ମନ୍ଦିରର ରୂପାନ୍ତରଣ ଓ ସୌନ୍ଦର୍ଯ୍ୟକରଣ କାମ ଚାଲିଛି। ମନ୍ଦିରର ସୌନ୍ଦର୍ଯ୍ୟକରଣ ସହିତ ଜଳନିଷ୍କାସନ, ପାର୍କିଂ ଓ ଅନ୍ୟାନ୍ୟ କାର୍ଯ୍ୟକୁ ଅନୁଧ୍ୟାନ କରି ଶ୍ରୀ ପାଣ୍ଡିଆନ ଏହାକୁ ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଚଣ୍ଡୀ ମନ୍ଦିରର ଭୋଗ ମଣ୍ଡପ, ଯଜ୍ଞ ମଣ୍ଡପର ରୂପାନ୍ତରଣ କାର୍ଯ୍ୟ ଚାଲିଛି। ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ ଏହା ବୁଲି ଦେଖିଥିଲେ। ଏହା ପରେ ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟ ଯାଇଥିଲେ। ସେଠାରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ପୁରୁଣା ଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ବିଦ୍ୟାଳୟ ପରିସରରେ ୧୫୦ ବର୍ଷ ତଳର ଏକ ପୁରୁଣା କୋଠା ରହିଛି। '୫-ଟି' ଉପକ୍ରମରେ ବିଦ୍ୟାଳୟର ବିକାଶ କରାଯିବ। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ଉକ୍ତ ଐତିହ୍ୟ କୋଠାର ପୁନରୁଦ୍ଧାର କରାଯିବା ପାଇଁ ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ ପୂର୍ତ୍ତ ବିଭାଗର ବରିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ରାଜ୍ୟ ବିଜେପି...

ଯଦି ପ୍ରକୃତରେ ମହାପ୍ରଭୁଙ୍କ ପାଇଁ ସେମାନଙ୍କ ମନରେ ସାମାନ୍ୟତମ ଭକ୍ତି ଏବଂ କୋଟି କୋଟି ଶ୍ରଦ୍ଧାଳୁଙ୍କ ପାଇଁ ଶ୍ରଦ୍ଧା ଥାଆନ୍ତା ତେବେ ବିଜେପି ନେତା ଏହି ପରିକ୍ରମା ପ୍ରକଳ୍ପକୁ ନେଇ ହୀନ ରାଜନୀତି କରି ନ ଥାନ୍ତେ । ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପକୁ ଦଳମତ ନିର୍ବିଶେଷରେ ସମସ୍ତେ ସମର୍ଥନ କରିଛନ୍ତି। କୋଟି ଓଡ଼ିଆ ପ୍ରକଳ୍ପ ପାଇଁ ଶୁଭ ମନାସିଛନ୍ତି। କିନ୍ତୁ ଏପରି କିଛି ହେଉ ବୋଲି ବିଜେପି ଚାହେଁ ନାହିଁ। ସେଥିପାଇଁ ସବୁ ରାଜନୈତିକ ଦଳର ନେତାଙ୍କ ଉପସ୍ଥିତିରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶିଳାନ୍ୟାସ କରି ମୁଖ୍ୟମନ୍ତ୍ରୀ ଫେରୁଥିବା ବେଳେ ରାଜ୍ୟ ବିଜେପିର କର୍ମୀ ଅଣ୍ଡା ମାରିଥିଲେ। ପବିତ୍ର କାର୍ଯ୍ୟ ସାରି ପୁଣ୍ୟର ସହର ପୁରୀରୁ ଫେରିବା ବେଳେ ଏଭଳି ହୀନ କାର୍ଯ୍ୟ ପାଇଁ, ଜଣେ ଓଡ଼ିଆ କେନ୍ଦ୍ରମନ୍ତ୍ରୀ ସେତେବେଳେ ମୁଖ୍ୟମନ୍ତ୍ରୀଙ୍କୁ କ୍ଷମା ମାଗିଥିଲେ ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

ବିଜେଡି ପେନାଲିଷ୍ଟ ଇପ୍ସିତା ସାହୁ କହିଥିଲେ, ଓଡ଼ିଶାର ପ୍ରତ୍ୟେକ ବିକାଶକୁ ଓଡ଼ିଶା ବିଜେପି ନିନ୍ଦା କରୁଛି ।ଅପବାଦ ଦେଉଛି। ଯେଉଁ ଭିଡିଓର ଉଦାହରଣ ଦେଇ ରାଜ୍ୟ ବିଜେପି ସାମ୍ବାଦିକ ସମ୍ମିଳନୀ କରିଥିଲା, ଏଥିରେ ଆଦୌ÷ ସତ୍ୟତା ନାହିଁ। ମନ୍ଦିର ଭିତରକୁ କୌଣସି କ୍ୟାମେରା ଯାଇନାହିଁ କିମ୍ବା ମନ୍ଦିର ଭିତରେ କୌଣସି ସୁଟିଂ ହୋଇନାହିଁ। ମନ୍ଦିର ବାହାରେ ରାଧାବଲ୍ଲଭ ମଠରେ ପ୍ରସାଦ ସେବନକୁ ଅତିରଞ୍ଜିତ କରି ବିଜେପି ନେତାମାନେ ଓଡ଼ିଶାକୁ ନିନ୍ଦିତ କରିବାରେ ଲାଗିଛନ୍ତି। ପ୍ରସ୍ତୁତ ଭିଡ଼ିଓରେ ମହାପ୍ରସାଦର ମହାତ୍ମ୍ୟ ଓ ପୌରାଣିକ ତଥ୍ୟକୁ ବିଶ୍ୱର କୋଣ ଅନୁକୋଣରେ ପହଞ୍ଚାଇବାକୁ ପ୍ରୟାସ କରାଯାଇଛି। ମାତ୍ର ରାଜ୍ୟ ବିଜେପିର ନିର୍ବୋଧ ନେତାମାନେ ଏହା ବୁଝିବାକୁ ଅକ୍ଷମ। ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ରୋକିବାକୁ ସେମାନଙ୍କ ଶତ ଚେଷ୍ଟା ବିଫଳ ହୋଇଥିଲା। ଷଡ଼ଯନ୍ତ୍ର କରି ରାଜ୍ୟ ବିଜେପି ନେତା ପ୍ରକଳ୍ପ କାର୍ଯ୍ୟ ଅଟକାଇବାକୁ ଉଦ୍ୟମ କଲେ, ସବୁ କିଛି ବିଫଳ ହେଲା ଏବଂ ମହାପ୍ରଭୁଙ୍କ ଇଛା ଅନୁସାରେ ହିଁ ଶେଷରେ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଆଗକୁ ବଢିଥିଲା। ପ୍ରକଳ୍ପ ପାଇଁ ଜମି ଦେଇଥିବା ସ୍ଥାନୀୟ ଜନତାଙ୍କ ତ୍ୟାଗ, ଦୁଇ ବର୍ଷ ଧରି ଦିନ ରାତି ନିରନ୍ତର ପରିଶ୍ରମ ପରେ ପରିକ୍ରମା ପ୍ରକଳ୍ପ ଆସନ୍ତା ଜାନୁଆରୀ ୧୭ରେ ଲୋକାର୍ପିତ ହେବାକୁ ଯାଉଛି। ହେଲେ ନିଜର ମିଛ ଖବରର ପୁରୁଣା ପେଡ଼ି ଖୋଲି ଇର୍ଷାନ୍ୱିତ ରାଜ୍ୟ ବିଜେପି ଓ ସେହି ନିର୍ଦ୍ଦିଷ୍ଟ ନେତା ଅପପ୍ରଚାର କରିବା ଆରମ୍ଭ କରିଦେଇଛନ୍ତି। ନିଜ ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥ ପାଇଁ ଓଡ଼ିଶାକୁ ସବୁବେଳେ ବଦନାମ କରିବା ପାଇଁ ଚେଷ୍ଟା କରୁଥିବା ଓଡ଼ିଶା ବିଜେପି ଓ ସଂପୃକ୍ତ ବ୍ୟକ୍ତିଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥ ସଦବୁଦ୍ଧି ଦିଅନ୍ତୁ ବୋଲି ବିଜେଡିର ଦୁଇ ମୁଖପାତ୍ର କହିଛନ୍ତି।

### ଶିମିଳିପାଳରେ ଶୂନ...

ଆସ୍ତରଣରେ ପରିଣତ ହୋଇ ତୁଷାରପାତର ଭ୍ରମ ସୃଷ୍ଟି କରିଛି। ପାରଦ ଖସିବା ସହିତ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ହାଡ଼ଭଙ୍ଗା ଶୀତ ଅନୁଭୂତ ହୋଇଛି। ଅଭୟାରଣ୍ୟ ଭିତରେ ଥିବା ବିଭିନ୍ନ ନେଚର କ୍ୟାମ୍ପ ଗୃହ ଓ ଘାସ ଗାଲିଚା ଉପରେ ତୁହିନର ଆସ୍ତରଣ ଦେଖିବାକୁ ମିଳିଛି। ଶିମିଳିପାଳର କୋର ଅଞ୍ଚଳ କୁହାଯାଉଥିବା ଦେବସ୍ଥଳୀ, ଜେନାବିଲ ଓ ତାରାଣୀବିଲାରେ ମଧ୍ୟ ପ୍ରବଳ ମାତ୍ରାରେ ଶୀତ ଅନୁଭୂତ ହେଉଛି। ତୁହିନର ଆସ୍ତରଣ ଯୋଗୁଁ ପାହାଡ଼ ଓ ପ୍ରକୃତିମାଳାରେ ଘେରି ରହିଥିବା ଶିମିଳିପାଳ ଅଭୟାରଣ୍ୟରେ ତୁଷାରପାତ ପରେ ଭୂସ୍ୱର୍ଗ ପାଲଟିଛି। ଶିମିଳିପାଳ ଅଭୟାରଣ୍ୟର ଆଭ୍ୟନ୍ତରୀଣ ପଞ୍ଚାୟତଗୁଡ଼ିକରେ ଅଞ୍ଚଳବାସୀଙ୍କ ଆନ୍ଦୋଳନ ଯୋଗୁଁ ପ୍ରାୟ ୨୫ଦିନରୁ ଅଧିକ ହେଲା ପର୍ଯ୍ୟଟକ ଶିମିଳିପାଳ ଭିତରକୁ ଯାଇପାରୁନାହାନ୍ତି।



# ଗମ୍ଭୀର ସମସ୍ୟା ପୁରୁଷତ୍ୱହାନି

**ବ୍ୟସ୍ତବହୁଳ ଜୀବନଶୈଳୀ, ନିଶାସେବନ, ଅତ୍ୟଧିକ କାର୍ଯ୍ୟଭାର, ଚିପା ଅନ୍ତଃବସ୍ତ୍ର ପରିଧାନ, ଖାଦ୍ୟପେୟରେ ଅନିୟମିତତା, ଶାରୀରିକ ପରିଶ୍ରମ ନ କରିବା ଆଦି କାରଣରୁ ଅନେକ ରୋଗ ସୃଷ୍ଟି ହୁଏ। ବିଭିନ୍ନ ରୋଗ ସମସ୍ୟା ମଧ୍ୟରୁ ବର୍ତ୍ତମାନ ପୁରୁଷଙ୍କ ରମଣଶକ୍ତି ହ୍ରାସ ଏକ ଗମ୍ଭୀର ସମସ୍ୟାର ରୂପ ନେଇଛି। ଏହା ଏମିତି ଏକ ସମସ୍ୟା, ଯେଉଁଥିରେ ପୁରୁଷଙ୍କର ହର୍ମୋନ୍ କ୍ଷରିତ ହୋଇନପାରି ଶାରୀରିକ ସମ୍ଭୋଗରେ ସମସ୍ୟା ସୃଷ୍ଟି କରେ। ବୈବାହିକ ଜୀବନରେ ତିକ୍ତତା ସୃଷ୍ଟି ହୁଏ। ସାଧାରଣତଃ ଯୁବକଙ୍କ ତୁଳନାରେ ବୟସ୍କ ବ୍ୟକ୍ତି ଯଥା ୪୦ରୁ ୫୦ ବର୍ଷ ବୟସର ଲୋକଙ୍କଠାରେ ଏହି ସମସ୍ୟା ଅଧିକ ଦେଖିବାକୁ ମିଳେ। ପୁରୁଷମାନେ ନିଜକୁ ଦୁର୍ବଳ ଭାବନ୍ତି। ଏହା ଏକ ସାମାଜିକ ସମ୍ବେଦନଶୀଳ ସମସ୍ୟା ହୋଇଥିବାରୁ ଅଧିକାଂଶ ଡାକ୍ତରଙ୍କ ପାଖେ ନିଜ ସମସ୍ୟାକୁ କହିବାକୁ ଲଜ୍ଜାବୋଧ କରନ୍ତି। ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ପୁରୁଷ ହର୍ମୋନ୍ କ୍ଷରିତ ନ ହେବା ଭବିଷ୍ୟତରେ ଟ୍ୟୁମର, ପ୍ରୋଷ୍ଟେଟ୍ କର୍କଟ ଆଦି ରୋଗ ଆଶଙ୍କା ସୃଷ୍ଟି କରେ। ତେଣୁ ଏପରି ସମସ୍ୟାକୁ ଅଣଦେଖା କରିବା ଉଚିତ ନୁହେଁ। ଏନେଇ ଏକ ରିପୋର୍ଟ।**



## ପ୍ରୋଷ୍ଟେଟ୍ କର୍କଟ ଆଶଙ୍କା ବୃଦ୍ଧି

ମନୁଷ୍ୟ ଶରୀରର ବିଭିନ୍ନ ଅବସ୍ଥା ଯଥା ବାଲ୍ୟାବସ୍ଥା, କିଶୋର, ଯୁବ, ପ୍ରୌଢ଼ ପ୍ରତ୍ୟେକ ସ୍ତରରେ ହର୍ମୋନର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ହର୍ମୋନ ଶରୀରର ନିର୍ଦ୍ଦିଷ୍ଟ ଗ୍ରନ୍ଥିରୁ କ୍ଷରିତ ହୋଇଥାଏ। ପ୍ରତ୍ୟେକଟି ହର୍ମୋନ ରକ୍ତରେ ମିଶି ଏକ ନିର୍ଦ୍ଦିଷ୍ଟ ପ୍ରକାର କାମ କରିଥାଏ। ସାଧାରଣତଃ ଥାଇରଏଡ, ଇନ୍ସୁଲିନ ହର୍ମୋନ ବିଷୟରେ ସମସ୍ତେ ଜାଣନ୍ତି; କିନ୍ତୁ ସମାନ ଭାବେ ପୁରୁଷ ହର୍ମୋନ "ଟେଷ୍ଟୋଷ୍ଟେରନ୍ ହର୍ମୋନ' ପୁରୁଷଙ୍କ ଶାରୀରିକ ବିକାଶ ଓ ପ୍ରଜନନ ପାଇଁ ଗୁରୁତ୍ୱ ବହନ କରେ। କିଶୋରାବସ୍ଥାରେ ଏହି ହର୍ମୋନ ବୃଦ୍ଧି ଯୋଗୁଁ ଶାରୀରିକ ପରିବର୍ତ୍ତନ ଯଥା- ସ୍ୱରରେ ପରିବର୍ତ୍ତନ, ନିଶ ଦାଢ଼ି ବଢ଼ିବା, ମାଂସପେଶୀ ଓ ଅସ୍ଥି ବୃଦ୍ଧି, ପ୍ରଜନନ ଅଙ୍ଗର ବିକାଶ ହୋଇଥାଏ। ପୁରୁଷ ହର୍ମୋନ ବୃଦ୍ଧି ଯୋଗୁଁ ଶୁକ୍ରାଣୁର ମାତ୍ରା ତଥା ପରିମାଣ ମଧ୍ୟ ବୃଦ୍ଧି ପାଇଥିବାରୁ ଏହା ଜଣେ ପୁରୁଷକୁ ପ୍ରଜନନକ୍ଷମ କରିବାରେ ସହାୟକ ହୋଇଥାଏ। ପୁରୁଷ ହର୍ମୋନ ପ୍ରଭାବରେ ପ୍ରୋଷ୍ଟେଷ୍ଟ ଗ୍ଲାଣ୍ଡ ବା ପୁରୁଷଗ୍ରନ୍ଥିରୁ ତରଳ ପଦାର୍ଥ କ୍ଷରିତ ହୋଇଥାଏ। ଏହି ତରଳ ପଦାର୍ଥ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଶରୀରରୁ ବାହାରିଯିବା ଆବଶ୍ୟକ। ଯଦିଓ ପ୍ରାକୃତିକ ଉପାୟରେ ସହବାସରେ ଶୁକ୍ରାଣୁ ବା ପ୍ରୋଷ୍ଟେଟ ଗ୍ରନ୍ଥିରୁ ଏହି ତରଳପଦାର୍ଥ ବାହାରିଥାଏ। କିନ୍ତୁ ଶାରୀରିକ ସମସ୍ୟା ଯୋଗୁଁ ଏହି ତରଳ ପଦାର୍ଥ ବାହାରି ନ ପାରି ପୁରୁଷ ଗ୍ରନ୍ଥିରେ ଜମା ହୋଇ ରହିଥାଏ। ପରେ ଗ୍ରନ୍ଥିରେ ପ୍ରବାହ ବା ଇନ୍‌ଫ୍ଲାମେଶନ ସୃଷ୍ଟିହୋଇ ଏହା ଧୀରେ ଧୀରେ ସଂକ୍ରମଣର ରୂପ ନିଏ। ଡାକ୍ତରୀ ଭାଷାରେ ଏହାକୁ 'କ୍ରୋନିକ୍ ପ୍ରୋଷ୍ଟାଟାଇଟିସ୍' କୁହାଯାଏ। ଏହା ମୂତ୍ରାଶୟରେ ସଂକ୍ରମଣ ସୃଷ୍ଟି କରେ। ଦୀର୍ଘ ସମୟ ଧରି ପ୍ରୋଷ୍ଟାଟାଇଟିସ୍ କ୍ରୋନିକ ରହିବା ଦ୍ୱାରା ପୁରୁଷ ପ୍ରୋଷ୍ଟେଟ ଗ୍ରନ୍ଥିରେ ପ୍ରୋଷ୍ଟେଟ୍ କର୍କଟ ହେବାର ଆଶଙ୍କା ବୃଦ୍ଧି ପାଏ। କର୍କଟ ରୋଗର ପୂର୍ବାବସ୍ଥା ପ୍ରୋଷ୍ଟେଷ୍ଟ ଆଡେନମା ସୃଷ୍ଟି ହୁଏ। ସମୟ ପୂର୍ବରୁ ଏହାର ଚିକିତ୍ସା ନ କଲେ ଏହା ଭବିଷ୍ୟତରେ ବିଭିନ୍ନ ସମସ୍ୟା ସୃଷ୍ଟି କରେ।

## ଯୌନଶକ୍ତି ହ୍ରାସ

ଇରେକଟାଇଲ ଡିସ୍‌ଫଙ୍କସନ ଦୁଇପ୍ରକାରର। ପ୍ରାଇମେରୀ ଇରେକ୍ଟାଇଲ ଡିସ୍‌ଫଙ୍କସନ ଏବଂ ସେକେଣ୍ଡାରୀ ଇରେକ୍ଟାଇଲ ଡିସ୍‌ଫଙ୍କସନ। ପୁରୁଷତ୍ୱ ହ୍ରାସ ଯୋଗୁଁ ସମ୍ଭୋଗ ସମୟରେ ପୁରୁଷଙ୍କ ମସ୍ତିଷ୍କ, ମାଂସପେଶୀ, ରକ୍ତ ବାହିକା, ହର୍ମୋନ୍ ଏବଂ ସ୍ନାୟୁରେ କୌଣସି ନା କୌଣସି ସମସ୍ୟା ସୃଷ୍ଟି ହୁଏ। ଫଳରେ ନିଜର ସାଥୀ ସହିତ ଶାରୀରିକ ସମ୍ପର୍କ ରଖିବାକୁ ପୁରୁଷ ଅକ୍ଷମ ହୋଇଥାନ୍ତି। ଏପରି ସମସ୍ୟା ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି କରିଥାଏ। ଏହା ସତ୍ତ୍ୱେ ମଧ୍ୟ ପୁରୁଷ ନିଜର ଅକ୍ଷମତା ଲକ୍ଷଣକୁ ଅଣଦେଖା କରିଥାନ୍ତି।

## ୪୦ରୁ ୫୦ ବର୍ଷରେ ଅଧିକ ଆକ୍ରାନ୍ତ

ବର୍ତ୍ତମାନ ୪୦ରୁ ୫୦ବର୍ଷ ପୁରୁଷଙ୍କ ଠାରେ ଯୌନଶକ୍ତି ହ୍ରାସ ସମସ୍ୟା ଅଧିକ ଦେଖିବାକୁ ମିଳୁଛି। ଅର୍ଥାତ୍ ପ୍ରାୟ ୮୦ ପ୍ରତିଶତ ପୁରୁଷ ଏହି ସମସ୍ୟାରେ ପୀଡ଼ିତ। ବ୍ୟସ୍ତବହୁଳ ଜୀବନଶୈଳୀ, ନିଶାସେବନ, ଅତ୍ୟଧିକ କାର୍ଯ୍ୟଭାର, ଅତ୍ୟଧିକ ଚିପା ଅନ୍ତଃବସ୍ତ୍ର ପିନ୍ଧିବା, ଅତ୍ୟଧିକ ଗରମରେ କାମ କରିବା, ଅତ୍ୟଧିକ ମଦ୍ୟପାନ, ନିଶାସେବନ, ତେଲମସଲାଯୁକ୍ତ ଖାଦ୍ୟ ଗ୍ରହଣ, ଅନ୍ୟାନ୍ୟ ଔଷଧ ସେବନ ଦ୍ୱାରା ଶାରୀରିକ ସମସ୍ୟା ଦେଖାଯାଏ। ସେହିପରି ମଧୁମେହ, ମୋଟାପା, ପାର୍କିସନ୍ସ ରୋଗ, ହୃଦ୍‌ରୋଗ, କୋଲେଷ୍ଟ୍ରଲ, ମଲ୍ଟିପଲ ସ୍କେଲେରୋସିସ୍ କିମ୍ବା ଉଚ୍ଚରକ୍ତ ଚାପ ମଧ୍ୟ ରମଣଶକ୍ତି ହ୍ରାସ ସମସ୍ୟାର ମୂଳ କାରଣ। ଏହାଦ୍ୱାରା ହର୍ମୋନ କ୍ଷରିତ ହୋଇ ପାରେନାହିଁ। ଫଳରେ ପୁରୁଷ ଶକ୍ତି ହ୍ରାସ କରେ। ଯଦ୍ୱାରା ଜଣେ ବ୍ୟକ୍ତି ଶାରୀରିକ ସମ୍ପର୍କ ରଖିବାକୁ ଅସହଜ ଅନୁଭବ କରନ୍ତି। ଶାରୀରିକ ସମ୍ପର୍କ ବିନା ପ୍ରଥମ ସୋପାନକୁ କ୍ରୋନିକ୍ ପ୍ରୋଷ୍ଟାଟିଜ୍, ଦ୍ୱିତୀୟ ସୋପାନକୁ ପ୍ରୋଷ୍ଟାଟିଜ୍ ଆଡେନୋମା, ତୃତୀୟକୁ ଟ୍ରାଞ୍ଜିସନ୍ କୁହାଯାଏ। ଏହା ଟ୍ୟୁମରର ରୂପ ନେଇ କର୍କଟର ଆଶଙ୍କା ସୃଷ୍ଟି କରେ। ଏହି ସମସ୍ୟାକୁ ପୁରୁଷମାନେ ଠିକ୍ ଭାବେ ଚିହ୍ନଟ କରିପାରନ୍ତିନି। ଫଳରେ ଡାକ୍ତରଙ୍କ ପରାମର୍ଶ ନେବାରେ ବିଳମ୍ବ କରିଦିଅନ୍ତି।

## କ'ଣ କରିବେ

ଏହା ଏପରି ଏକ ସାମାଜିକ ସମ୍ବେଦନଶୀଳ ବିଷୟ, ଆକ୍ରାନ୍ତ ପୁରୁଷମାନେ ସ୍ୱତଃପ୍ରବୃତ୍ତ ଭାବେ ଡାକ୍ତର ପାଖକୁ ଯାଇ ନିଜ ସମସ୍ୟା ବିଷୟରେ କହିପାରି ନଥାନ୍ତି। କିଛି ପୁରୁଷ ଲଜ୍ଜାବଶତଃ ଡାକ୍ତରଙ୍କ ପାଖରୁ ଉପଯୁକ୍ତ ଚିକିତ୍ସା ନ କରି ନିଜେ ନିଜେ ବଜାରରୁ ବିଭିନ୍ନ ଜଡ଼ିବୁଟି ଓ ବହୁଳ ପ୍ରସାର ପ୍ରଚାର ଭାଇଗ୍ରା କିଣି ଖାଇଥାନ୍ତି। ପ୍ରଚୁର ମାତ୍ରାର ଭାଇଗ୍ରା ଓ ଔଷଧ ସେବନ ଦ୍ୱାରା ଶାରୀରିକ ପାର୍ଶ୍ୱପ୍ରତିକ୍ରିୟା ସୃଷ୍ଟି ହୁଏ। ଭାଇଗ୍ରା ହୃଦ୍‌ରୋଗ ସୃଷ୍ଟି କରିବାର ଆଶଙ୍କା ବୃଦ୍ଧି କରେ। ତେଣୁ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଶାରୀରିକ ପରୀକ୍ଷା, ରକ୍ତ ପରୀକ୍ଷା, ମୂତ୍ର ପରୀକ୍ଷା, ଅଲଟ୍ରାସାଉଣ୍ଡ ଆଦି କରାଇ ନେବା ଉଚିତ। ସେହିପରି ଜିଙ୍କ୍ ମାତ୍ରା ବୃଦ୍ଧି ପାଇଁ ଓୟେଷ୍ଟର, ରେଡମିଟ୍, ଗୋଲମରିଚ, ଆଣ୍ଟିଅକ୍ସିଡାଣ୍ଟରେ ଭରପୂର ରସୁଣ, ବ୍ଲୁ ବେରୀ, ବିଟ୍, ତରଭୁଜ, ଜୁଆଣି ଆଦି ସେବନ କରିପାରିବେ। ଏହା ପୁରୁଷଙ୍କ ଟେଷ୍ଟୋଷ୍ଟେରନ୍ ସ୍ତରକୁ ବୃଦ୍ଧି କରାଏ।



# ସୁସ୍ଥ ମନ ସୁସ୍ଥ ଶରୀର

## ପମ୍ପେ

ଏହା ଏକ ବିରଳ ଆନୁବଂଶିକ ରୋଗ। କୋଷିକା ମଧ୍ୟରେ ଥିବା ଏସିଡ୍ ଅଲ୍‌ଫା ଗ୍ଲୁକୋସିଡେଜ୍ ଏନ୍‌ଜାଇମ୍ (ଜିଏଏ)ର ଅଧିକ ଅଭାବ ହେବା ଦ୍ୱାରା ଏହି ସମସ୍ୟା ହୋଇଥାଏ। ଏହି ଏନ୍‌ଜାଇମ୍ ସାଧାରଣତଃ ଗ୍ଲାଇକୋଜେନ୍ ବିଘଟନ କରିବାରେ ସାହାଯ୍ୟ କରିଥାଏ। ତେଣୁ ଏହି ପ୍ରୋଟିନ୍‌ର ଅଭାବ ଯୋଗୁଁ ଗ୍ଲାଇକୋଜେନ୍ ବିଘଟନ ନହୋଇପାରି ଜମାଟ ବାନ୍ଧିଯାଏ। ତାହା ଧୀରେ ଧୀରେ ସମଗ୍ର ଶରୀରର ଅଙ୍ଗପ୍ରତ୍ୟଙ୍ଗକୁ କ୍ଷତି ପହଞ୍ଚାଇବା ସହ ମାଂସପେଶୀ ତଥା ଅସ୍ଥିକୁ ପ୍ରଭାବିତ କରେ। ଦୁର୍ବଳ ମଧ୍ୟ କରାଏ। ପମ୍ପେ ରୋଗକୁ 'ଗ୍ଲାଇକୋଜେନ୍ ଷ୍ଟୋରେଜ୍ ଡିଜିଜ୍ ଟାଇପ୍ ୨' କୁହାଯାଏ। ଏହା ଏକ ବିରଳ ରୋଗ, ଯାହାକି ପ୍ରାୟ ଲକ୍ଷେ ଲୋକଙ୍କ ମଧ୍ୟରୁ ଜଣକୁ ଆକ୍ରମଣ କରିଥାଏ। ଶ୍ୱାସ ପ୍ରକ୍ରିୟାରେ ସମସ୍ୟା ହୋଇଥାଏ। ମାଂସପେଶୀ କମ୍‌ଜୋର ହେବା ସହ ଶୋଇବା ଓ ଶୁଣିବାରେ ସମସ୍ୟା ଅନୁଭବ କରିବା, ଶ୍ୱସନ ତନ୍ତ୍ର ସଂକ୍ରମଣ, ଓଜନ ନ ବଢ଼ିବା ଆଦି ସମସ୍ୟା ଦେଖାଯାଇଥାଏ। ଜଣେ ବ୍ୟକ୍ତି ଦୈନିକ କାମ କାର୍ଯ୍ୟ କରିବାରେ ନାନା ସମସ୍ୟାରେ ସମ୍ମୁଖୀନ ହୋଇଥାନ୍ତି। ଛୋଟ ଛୋଟ ପିଲାମାନେ ଚଲାବୁଲା ଓ ବସିବାରେ ନାନା ସମସ୍ୟା ସମ୍ମୁଖୀନ ହୁଅନ୍ତି। ହୃଦ୍ ସମସ୍ୟା ସୃଷ୍ଟି ହୋଇଥାଏ। ଏପରିକି ହ୍ୱିଲଚେୟାରର ଆବଶ୍ୟକତା ହୋଇଥାଏ।

ତେଣୁ ପମ୍ପେ ରୋଗ ପାଇଁ କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ନାହିଁ। ରୋଗରୁ ଉପଶମ ପାଇବା ପାଇଁ ଏନ୍‌ଜାଇମ୍ ରିପ୍ଲେସ୍‌ମେଣ୍ଟ ଥେରାପି (ଇଆରଟି) କରାଇପାରିବେ। ଇଞ୍ଜେକସନ୍ ମାଧ୍ୟମରେ ଶରୀରକୁ ଆଲ୍‌ଫା ଗ୍ଲୁକୋସିଡେଜ୍ ଏନଜାଇମ୍ ଦିଆଯାଇଥାଏ। ଛୋଟ ପିଲାମାନଙ୍କ ଠାରେ ଏହି ସମସ୍ୟା ଚିହ୍ନଟ ହେବା ମାତ୍ରେ ଶୀଘ୍ର ଚିକିତ୍ସା କରିବା ଜରୁରି। ଏହାବାଦ୍ ଏନ୍‌ଜାଇମ୍ ଏସିଡ୍ ଅଲଫା –ଗ୍ଲୁକୋସିଡେଜ୍ (ଜିଏଏ) ସକ୍ରିୟ ରହିଛି କି ନାହିଁ ସେଥିପାଇଁ ଏନ୍‌ଜାଇମ୍ ପରୀକ୍ଷା କରାଇ ନେବା ଉଚିତ।

# ଶିଶୁଙ୍କ କାଶ ଲାଗି ରହୁଥିଲେ... ଆପଣାନ୍ତୁ କିଛି ଘରୋଇ ଉପାୟ



**ଭାଇରାଲ ସଂକ୍ରମଣ, ଆଲର୍ଜି, ଧୂଆଁ, ଧୂଳି-ମାଟି, ପ୍ରଦୂଷଣ ଇତ୍ୟାଦି କାରଣରୁ ପିଲାମାନଙ୍କୁ କାଶ ହୋଇଥାଏ। ପିଲାମାନଙ୍କଠାରେ ଲଗାତାର କାଶ ବେଶ୍ ଯନ୍ତ୍ରଣାଦାୟକ। ଶୀତଦିନେ ଏହି ସମସ୍ୟା ଅଧିକ ବୃଦ୍ଧିପାଏ। ପିଲାଙ୍କ ଶ୍ୱାସନଳୀ ବହୁତ ଛୋଟ ହୋଇଥିବାରୁ କାଶ ପ୍ରାୟ ୨-୩ ସପ୍ତାହ ପର୍ଯ୍ୟନ୍ତ ଲାଗି ରହିଲେ, ଏହା ଆଲର୍ଜିକ କଫ ବା ଶ୍ୱାସ (ଆଜମାଟିକ୍ ବ୍ରୋଙ୍କାଇଟିସ୍)ର ରୂପ ନେଇପାରେ। ତେଣୁ ଶିଶୁଙ୍କୁ ଲଗାତାର କାଶ ହେଉଥିଲେ, କାଶ କମ୍ କରିବାକୁ ଘରୋଇ ଉପାୟ ଆପଣାଇପାରିବେ।**

- ନିବୁଲାଇଜର ମେସିନ୍ ବା ଇନ୍‌ହେଲର ବ୍ୟବହାର କରିବା ପରେ ଯଦି ୫ରୁ ୭ଦିନ ମଧ୍ୟରେ ପିଲାଙ୍କ କାଶ ବନ୍ଦ ହେଉନାହିଁ, ତେବେ ଅଙ୍କରାନ୍ତି ଫୁଲ ଓ ପତ୍ରକୁ ବାଟି ଏକ ଚାମଚ ପିଲାଙ୍କୁ ଦିନରେ ଦୁଇଥର ଦେଇପାରିବେ। ସେହିପରି ବାସଙ୍ଗ ଓ ତୁଳସୀ ଆଦି ରସ ଏକ ଚାମଚ ଲେଖାଏଁ ଦିନକୁ ଦୁଇଥର ଦେଇପାରିବେ। ଜାଇଫଳ ଓ ମହୁ ମିଶାଇ ସେବନ କରିବା ଦ୍ୱାରା ଏହି ସମସ୍ୟା ଦୂର ହୁଏ। ଆଣ୍ଟି-ଇନ୍‌ଫ୍ଲେମେଟୋରୀ ଗୁଣରେ ଭରପୂର ଜାଇଫଳକୁ ମହୁରେ ମିଶାଇ ଖାଇବା ଦ୍ୱାରା ଏହା ସଂକ୍ରମଣ ଗଳାର ଫୁଲା ସମସ୍ୟା ରୁହେ ନାହିଁ। କାଶରୁ ଆରାମ ମିଳିଥାଏ। ଜାଇଫଳ ପେଷ୍ଟ ଓ ମହୁ ମିଶ୍ରଣର ଏକ ଚାମଚ ଦିନକୁ ୨-୩ ଥର ସେବନ କରିବା ଦ୍ୱାରା କାଶରୁ ଆରାମ ମିଳିଥାଏ।
- ଥଣ୍ଡା ଏବଂ କାଶ ଯୋଗୁଁ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଥାଏ। ତେଣୁ ଅଦାରେ ଆଣ୍ଟିବ୍ୟାକ୍ଟେରିଆଲ ଗୁଣ ରହିଥିବାରୁ ଏହାକୁ ଖାଇବା ଦ୍ୱାରା ଶରୀରର ଥଣ୍ଡା କାଟେ। ଲଗାତାର କାଶ କମାଇବା ପାଇଁ ମହୁ ସହିତ ଅଦା ରସ ମିଶାଇ ପିଲାକୁ ଚାଟିବାକୁ ଦେଇପାରିବେ। କିମ୍ବା ଚେନାଏ ଅଦା ସହିତ ଲୁଣ ମିଶାଇ ଏହାକୁ ଜାକିବାକୁ ଦେବେ।
- ଜିରାକୁ ଫୁଟାଇ ପାଣି ପିଇବା ସ୍ୱାସ୍ଥ୍ୟପ୍ରଦ। ଜିରା ଓ ଗୁଡ଼କୁ ମିଶାଇ ପିଲାଙ୍କୁ ଚଟାଇ ପାରିବେ। ବଜାରରେ ଉପଲବ୍ଧ ଜଷ୍ଟିମଧୁର ଚେରକୁ ଜାକିବା ଦ୍ୱାରା ଲଗାତାର କାଶ କମିଥାଏ।
- କେଫିନ ମୁକ୍ତ ଚା', ଆୟୁଷ କାଢ଼ା, ସୁପ୍ କିମ୍ବା ଲେମ୍ବୁ ମିଶାଇ ଅଳ୍ପ ଉଷୁମ ପାଣିରେ ଦିନରେ ଦୁଇରୁ ତିନି ଥର ପିଇବାକୁ ଦେଇପାରିବେ। ଚୁଟ୍‌କି ଜୁଆଣି ନେଇ ତାୱାରେ ଏକ ମିନିଟ୍ ଗରମ କରି ଏହାକୁ ପିଲାଙ୍କ ପାଖେ ରଖିବା ଦ୍ୱାରା କାଶ ସମସ୍ୟାରୁ ଆରାମ ମିଳିଥାଏ।



# ଡାଏଲିସିସ୍ ସମୟରେ ସତର୍କତା

ବୃକ୍‌କର କାମ ହେଉଛି ରକ୍ତ ସଫା କରିବା ସହ ଶରୀରର ବିଭିନ୍ନ ବର୍ଜ୍ୟକୁ ନିଷ୍କାସନ କରିବା। କୌଣସି କାରଣ ବଶତଃ ବୃକ୍‌କ ଅଚଳ ବା କାର୍ଯ୍ୟକ୍ଷମ ନ ହେଲେ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥାରେ ନାନା ସମସ୍ୟା ଦେଖାଦିଏ। ଥଣ୍ଡା ଦିନରେ ବୃକ୍‌କଜନିତ ସମସ୍ୟା ଅତି ଜଟିଳ ପରିସ୍ଥିତି ସୃଷ୍ଟି କରେ। ତେଣୁ ଅସ୍ଥାୟୀ କିମ୍ବା ସ୍ଥାୟୀ ଭାବେ ବୃକ୍‌କ ଅଚଳ ହୋଇପଡ଼ିଲେ ଡାଏଲିସିସ୍ କରିବାକୁ ପଡ଼ିଥାଏ। ରକ୍ତରେ ଏସିଡ୍ ସମସ୍ୟା, ମ୍ୟାଲେରିଆ ତଥା ଅସ୍ଥାୟୀ ସଂକ୍ରମଣରେ ବୃକ୍‌କ ସଂକ୍ରମଣ ହେବାର ଆଶଙ୍କା ରହିଥିବାରୁ ଡାଏଲିସିସ୍ କରାଯାଏ। ଅନ୍ୟପକ୍ଷେ ବୃକ୍‌କ କାର୍ଯ୍ୟକ୍ଷମ ଥାଇ ମଧ୍ୟ ଯଦି ପୋଟାସିୟମ ମାତ୍ରା ଅତ୍ୟଧିକ ବୃଦ୍ଧିପାଏ; ଡାଏଲିସିସ କରିବାକୁ ଡାକ୍ତର ପରାମର୍ଶ ଦେଇଥାନ୍ତି। ଡାଏଲିସିସ୍ କରିବା ସମୟରେ ରୋଗୀଙ୍କ ଶରୀରର ଇଲେକ୍ଟ୍ରୋଲାଇଟ୍ ସ୍ତରକୁ ଧ୍ୟାନ ଦେବା ସହ ଆଉ କେଉଁ ଦିଗକୁ ଗୁରୁତ୍ୱ ଦେବେ ଜାଣିରଖନ୍ତୁ...

- ମଧୁମେହ ରୋଗୀ କିମ୍ବା ଉଚ୍ଚ ରକ୍ତଚାପ ସମସ୍ୟା ଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ବୃକ୍‌କ ଜନିତ ସମସ୍ୟା ଅଧିକ ଦେଖିବାକୁ ମିଳେ। ମଧୁମେହ ରୋଗୀଙ୍କର ସୁଗାର ନିୟନ୍ତ୍ରଣ କରିବା ଯେତିକି ଜରୁରି, ଉଚ୍ଚ ରକ୍ତଚାପ ଥିବା ରୋଗୀଙ୍କର ରକ୍ତଚାପ ନିୟନ୍ତ୍ରଣ ରହିବା ମଧ୍ୟ ସେତିକି ଜରୁରି ରହିଛି। ଡାକ୍ତରଙ୍କ ପରାମର୍ଶ ଅନୁସାରେ ପାଣି ବା ତରଳପଦାର୍ଥ ପିଇବା ଆବଶ୍ୟକ। ଏହାବାଦ୍ ପୋଟାସିୟମ ଅଧିକ ହେଲେ ଡାକ୍ତର ଫଳମୂଳ କିମ୍ବା ଆମିଷ ଆଦି ଖାଇବାକୁ ବାରଣ କରିଥାନ୍ତି; ତେଣୁ ଯେଉଁଥିରେ ଅଧିକ ମାତ୍ରାର ପୋଟାସିୟମ ରହିଛି ଯଥା- ଅଙ୍ଗୁର କମଳା, ଲେମ୍ବୁ ଖାଇବା ଅନୁଚିତ।
- ପ୍ରୋଟିନ୍ ଅଧିକ ଖାଇବ କାରଣରୁ ବୃକ୍‌କ ଉପରେ ପ୍ରଭାବ ପଡ଼େ। ତେଣୁ ଯେତିକି ଆବଶ୍ୟକ ସେତିକି ପ୍ରୋଟିନ୍ ଖାଇବା ଆବଶ୍ୟକ। ସଂକ୍ରମଣ ରୋକିବାକୁ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଅନ୍ତୁ। ପେନକିଲର ଖାଆନ୍ତୁ ନାହିଁ। ଅତି ଆବଶ୍ୟକ ହେଲେ ଡାକ୍ତରଙ୍କ ପରାମର୍ଶରେ ବୃକ୍‌କ ଉପରେ ପ୍ରଭାବ ନ ପକାଉଥିବା ପେନ୍‌କିଲର ଖାଇପାରିବେ।
- ଆଣ୍ଟିବାୟୋଟିକ୍ ଖାଇବା ସମୟରେ ସତର୍କତା ଅବଲମ୍ବନ ଜରୁରି। ଯେକୌଣସି ସଂକ୍ରମଣ ହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସା ଆରମ୍ଭ କରିବା ସହ ଶରୀରରେ ସୋଡିୟମ, ମ୍ୟାଗ୍ନେସିୟମ, ପୋଟାସିୟମ ଯଥା ଇଲେକ୍ରୋଲାଇଟ୍ ଅନୁପାତ ଜାଣିବାକୁ 'କିଡ୍‌ନି ଫଙ୍କସନ ଟେଷ୍ଟ' କରିପାରିବେ।
- ନିଶ୍ୱାସ ନେବାରେ ସମସ୍ୟା ଓ ଧଇଁସଇଁ ଲାଗିଲେ ତୁରନ୍ତ ଡାକ୍ତରଙ୍କୁ ଦେଖାଇ ଚିକିତ୍ସା ଆରମ୍ଭ କରିଦେବା ଭଲ।
- ଏମିତି କିଛି ଅଞ୍ଚଳ ରହିଛି, ଯେଉଁଠି ଏକାଧିକ ଲୋକ ବୃକ୍‌କ ଜନିତ ରୋଗରେ ପୀଡ଼ିତ। ଅଚାନକ ବୃକ୍‌କ ଜନିତ ସମସ୍ୟା ଦେଖାଦେଲେ, ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜଣାନ୍ତୁ।

# ଏହି ସବୁ ଖାଇବା ପରେ ପାଣି ପିଅନ୍ତୁ ନାହିଁ



**ସୁସ୍ଥ ଓ ନୀରୋଗ ରହିବା ପାଇଁ ସନ୍ତୁଳିତ ଓ ପୌଷ୍ଟିକ ଖାଦ୍ୟ ଗ୍ରହଣ ସହ ପାଣି ପିଇବାର ଗୁରୁତ୍ୱ ରହିଛି। ଏହା ଶରୀରକୁ ହାଇଡ୍ରେଟ୍ ରଖେ। ପାଣି ପିଇବାବେଳେ କ'ଣ ଖାଉଛନ୍ତି ଏବଂ କେତେ ପାଣି ପିଉଛନ୍ତି, ତାହା ମଧ୍ୟ ଗୁରୁତ୍ୱ ବହନ କରେ। କାରଣ ଏମିତିକି ଅନେକ ଖାଦ୍ୟ ପଦାର୍ଥ ରହିଛି, ଯାହାକୁ ଖାଇବା ପରେ ତୁରନ୍ତ ପାଣି ପିଇବା ଦ୍ୱାରା ଏହା ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଏ। ଗ୍ୟାସ୍ ସମସ୍ୟା, ପେଟ ଫୁଲିବା, ହଜମ ନ ହେବା, କୋଷ୍ଠକାଠିନ୍ୟ ସମସ୍ୟା, ଆଦି ସୃଷ୍ଟି ହୋଇଥାଏ। ତେଣୁ କେଉଁ ଖାଦ୍ୟ ଗ୍ରହଣ ପରେ ଆଦୌ ପାଣି ପିଇବା ଉଚିତ ନୁହେଁ, ତାହାକୁ ଧ୍ୟାନ ଦିଅନ୍ତୁ।**



- ଖାଦ୍ୟ ହଜମ ପାଇଁ ପେଟରେ ଏସିଡ୍ ଏବଂ ଅନ୍ୟ ପାଚକ ରସର ଆବଶ୍ୟକତା ହୋଇଥାଏ। ପାଣି ପିଇବା ଦ୍ୱାରା ଏହି ରସ ପତଳା ହୋଇଥାଏ, ତେଣୁ ଖାଇବାର ସାଙ୍ଗେ ସାଙ୍ଗେ ପାଣି ପିଇବା ଅନୁଚିତ। ଏମିତି କିଛି ଖାଦ୍ୟ ପଦାର୍ଥ ରହିଛି, ଯାହାକୁ ଖାଇ ହଠାତ୍ ପାଣି ପିଇବା ଦ୍ୱାରା ଗ୍ୟାସ୍, ଅମ୍ଳତା, ପେଟ ସମ୍ବନ୍ଧୀୟ ସମସ୍ୟା ଆଦି ସୃଷ୍ଟି ହୋଇଥାଏ। ଯେପରି କଦଳୀ ଖାଇବା ପରେ ପାଣି ପିଇବା ଦ୍ୱାରା ପେଟରେ ଗ୍ୟାସ୍ ଏବଂ ଅମ୍ଳତା ସମସ୍ୟା ସୃଷ୍ଟି ହୁଏ। ହଜମ ପ୍ରକ୍ରିୟା ମଧ୍ୟ ଶୀଘ୍ର କାର୍ଯ୍ୟକ୍ଷମ ହୋଇପାରେନାହିଁ।
- ଯେଉଁ ଫଳରେ ଅଧିକ ମାତ୍ରାର ସାଇଟ୍ରିକ୍ ଏସିଡ୍ ବା ଖଟା ଅଂଶ ରହିଛି ଯଥା- କମଳା, ଅଙ୍ଗୁର ଏବଂ ଲେମ୍ବୁ ଖାଇବା ପରେ ପାଣି ପିଇବା ଅନୁଚିତ। ନଚେତ୍ ଏହା ପେଟ ଫୁଲିବା ପରି ଲାଗିବା ସହ ଗ୍ୟାସ୍ ସମସ୍ୟା ଦେଖାଦିଏ।
- ସେହିପରି ଦୁଗ୍ଧଜାତ ଦ୍ରବ୍ୟ ଦହି ହଜମ ପାଇଁ ଅତ୍ୟନ୍ତ ଲାଭଦାୟକ । ଏଥିରେ ପ୍ରଚୁର ପରିମାଣରେ ପ୍ରୋବୋଟିକ୍ସ ସ୍ୱାସ୍ଥ୍ୟ ପାଇଁ ଲାଭପ୍ରଦ । ତେଣୁ ଦହି ଖାଇବା ପରେ ପାଣି ପିଅନ୍ତୁ ନାହିଁ। ମସଲାଯୁକ୍ତ ଖାଦ୍ୟ ଖାଇବା ପରେ କିମ୍ବା ଖାଦ୍ୟ ଗ୍ରହଣର ଏକ ଘଣ୍ଟା ପରେ ପାଣି ପିଇବା ଅନୁଚିତ। ଏହାଦ୍ୱାରା ପେଟ ଜଳାପୋଡ଼ା ହୋଇଥାଏ।

# CBSE BOARD EXAMINATION 2023-24
# PROBABLE QUESTION PAPER

## CLASS- X
## SUB : ODIA

**୧. ଗଦ୍ୟ ବିଭାଗରୁ ବନ୍ଧନୀ ମଧ୍ୟରୁ ସଠିକ ଉତ୍ତର ବାଛି ଲେଖ । (୧×୧୦=୧୦)**

କ) 'ସଭ୍ୟତା ଓ ବିଜ୍ଞାନ' ର ଲେଖକଙ୍କ ନାମ କ'ଣ ?
୧)ବ୍ରଜବନ୍ଧୁ ଦାସ ୨)ଚୌଧୁରୀ ଭାଗବତ ପ୍ରସାଦ
୩) ଗୋପବନ୍ଧୁ ସାହୁ ୪)ବଂଶୀଧର ସାମନ୍ତରାୟ

ଖ) 'ସଭ୍ୟତା ଓ ବିଜ୍ଞାନ' ପ୍ରବନ୍ଧଟି କେଉଁ ପତ୍ରିକାରେ ପ୍ରକାଶ ପାଇଥିଲା ?
୧) ସାହିତ୍ୟ ପସରା ୨) ଉତ୍କଳ ସାହିତ୍ୟ
୩)ଶ୍ରୀକୃଷ୍ଣ ରହସ୍ୟ ୪) ଗପ ପସରା

ଗ) ଜୀବବିଜ୍ଞାନକୁ କେତେ ଭାଗରେ ବିଭକ୍ତ କରାଯାଇଛି ?
୧) ୯ ୨) ୩ ୩) ୨ ୪) ୫

ଘ) ବଂଶୀଧର ସାମନ୍ତରାୟ ଥିଲେ ଜଣେ – ।
୧) ଶିକ୍ଷାବିତ୍ ୨) କଳାକାର
୩) ଚାଳକ ୪) ନିର୍ଦ୍ଦେଶକ

ଙ) ସ୍ୱଭାବ କବି ବୋଲି ଆମେ କାହାକୁ ଜାଣୁ – ।
୧) ମଧୁସୂଦନ ଦାସ ୨) ଗଙ୍ଗାଧର ମେହେର
୩) ଉପେନ୍ଦ୍ର ଭଞ୍ଜ ୪) ଗୌରୀଶଙ୍କର ରାୟ

ଚ) 'ମାତୃଭାଷା ଓ ଲୋକଶିକ୍ଷା' ପ୍ରବନ୍ଧଟି କେଉଁ ବହିରୁ ସଂଗୃହୀତ ?
୧) ଗଙ୍ଗାରୁ ଗୋଦାବରୀ ୨)ଓଡ଼ିଆ କେବେ
୩)ଲଣ୍ଡନ ଚିଠି ୪) ଶିଶୁ ସାହିତ୍ୟ

ଛ) ଗଣତନ୍ତ୍ରର ମୂଳମନ୍ତ୍ରଟି ହେଉଛି – ।
୧) ତାଲିମ ୨)ଯୋଗ ବିଦ୍ୟା
୩)ରୋଜଗାର ୪) ଶିକ୍ଷା

ଜ) ଗାନ୍ଧିଜୀ ମାତୃଭାଷାକୁ କିପରି ମୂଲ୍ୟବାନ ମନେ କରୁଥିଲେ ?
୧) ହୀରା ୨)ମାତୃସ୍ତନ୍ୟ
୩)ଗଙ୍ଗା ୪) କନ୍ୟା

ଝ) ଗୋଲକ ବିହାରୀ ଧଳ କେଉଁ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ?
୧) ମାହାଙ୍ଗା ୨)କଲ୍ୟାଣପୁର
୩)ଗଞ୍ଜେଇଡ଼ିହ ୪) ବାଣପୁର

ଞ) ଜନତାର ପ୍ରଥମ ପ୍ରୟୋଜନ ହେଉଛି – ।
୧) ବନ୍ଧୁତା ୨) ଆଞ୍ଚଳିକ ଭାଷା
୩)ଧନ ୪) ଖାଦ୍ୟ

### ANSWERS

(କ) ବଂଶୀଧର ସାମନ (ଖ) ଉତ୍କଳ ସାହିତ୍ୟ (ଗ)୨ (ଘ)ଶିକ୍ଷାବିତ୍
(ଙ)ଗଙ୍ଗାଧର ମେହେର (ଚ)ଓଡ଼ିଆ କେବେ (ଛ)ଶିକ୍ଷା
(ଜ)ମାତୃସ୍ତନ୍ୟ (ଝ)ଗଞ୍ଜେଇଡ଼ିହ (ଞ)ଆଞ୍ଚଳିକ ଭାଷା

# CBSE BOARD EXAMINATION 2023-24
# PROBABLE QUESTION PAPER

## CLASS- X
## SUB : ODIA

୧) କ) ସତ୍ୟଗୁଣୀତମ
ଖ) ଦକ୍ଷିଣ ଆଫ୍ରିକା
ଗ) ମହାତ୍ମାଙ୍କ ପରି ମଣିଷ ଆମକୁ ଘେରା , ତୁଚ୍ଛ ଓ ନିରର୍ଥକ ଜୀବନରୁ ଟାଣି ଆଣନ୍ତି ଏବଂ ସେ ଅକ୍ଲାନ୍ତଭାବେ ଦୀନଦୁଃଖୀଙ୍କ ସେବାରେ ଉତ୍ସର୍ଗ କରିବାକୁ ଆମକୁ ଅନୁପ୍ରାଣିତ କରନ୍ତି ।
ଘ) ଯଦି ମାତୃଭୂମି ପରେ କେଉଁ ଦେଶ ମୋର ଅଧିକ ପ୍ରିୟ ବା ପବିତ୍ର ହୋଇଥାଏ ତେବେ ତାହା ହେଉଛି ଦକ୍ଷିଣ ଆଫ୍ରିକା ।
ଙ) କାରଣ ଆଫ୍ରିକା ଦେଶବାସୀଙ୍କଠାରୁ ସେ ଖୁବ୍ ଶ୍ରଦ୍ଧା ପାଇଥିଲେ ।

୨) ରଚନା: ଉପକ୍ରମ-୨, ବର୍ଣ୍ଣନା-୨, ଉପସଂହାର-୨

୩) ପତ୍ର/ ଦରଖାସ୍ତ:ଲିଖନ ପ୍ରଣାଳୀ- ୩ , ବିଷୟ ବର୍ଣ୍ଣନା-୩

୪) କ) ନଟବାଣୀ - ଦୁଇ ପାଦରେ ଏକ ପଦ । ପ୍ରତି ପାଦର ଅକ୍ଷର ସଂଖ୍ୟା ବାର । ଏହାର ତୃତୀୟ, ଷଷ୍ଠ, ନବମ ଓ ଶେଷ ଅକ୍ଷରରେ ଯତିପାତ ହୁଏ ।
ଉତ୍କଳ'- କମଳା'- ବିଳାସ'- ଦୀର୍ଘିକା',
ମରାଳ'- ମାଳିନୀ'- ନୀଳାମ୍ବୁ' -ଚିଲିକା'
ବଙ୍ଗଳାଶ୍ରୀ - ଦୁଇ ପାଦରେ ଏକ ପଦ । ପ୍ରତି ପାଦର ଅକ୍ଷର ସଂଖ୍ୟା କୋଡିଏ । ଏହାର ଛଅ, ବାର, ଅଠର ଓ ଶେଷ ଅକ୍ଷରରେ ଯତିପାତ ହୁଏ ।
ମାଆ ମାଆ ବୋଲି' କେତେ ମୁଁ ଖୋଜିଲି'
ମାଆକୁ ପାଇଲି' ନାହିଁ
ଭାଇ ଭାଇ ବୋଲି' କେତେ ମୁଁ ଡାକିଲି'
ନ ଦେଲେ ଉତ୍ତର' କେହି'।
ଖ) ଅବସ୍ଥା , ଉତ୍ପତ୍ତ
ଗ) ବୁଦ୍ଧି ହଜିଯିବା , ସଙ୍କୁଚିତ ପରିବେଶରେ ବଢ଼ିବା
ଘ) ୧)ସନ୍ଧ୍ୟା ହେବାରୁ ପକ୍ଷୀମାନେ ନିଜ ନିଜ ବସାକୁ ଫେରିଲେ
୨) ଯେବେ ସେ ଘରକୁ ଗଲା , ସବୁ କଥା ତା ପିତାଙ୍କୁ କହିଲା

୫) ସରଳାର୍ଥ- ପ୍ରଣାଳୀ-୨.୫ , ବର୍ଣ୍ଣନା- ୨.୫

୬) କ) ବହୁ ବାଦ ବିସମ୍ବାଦ ସତ୍ତ୍ୱେ ଗାଆଁରେ କିଏ ବାପା, ମାଆ, ଜେଜେ, ଜେଜେ ମାଆ, ଦାଦା, ଖୁଡ଼ି ଇତ୍ୟାଦି ଆନ୍ତି ।
ଖ) ଟିଭି, ରେଡିଓ, ଗାଡିମଟର, ଟେଲିଫୋନ୍ ଇତ୍ୟାଦିରୁ
ଗ) ସମସ୍ତେ ବିଦେଶୀ ଶିକ୍ଷା ପାଇପାରନ୍ତି ନାହିଁ
ଘ) ନିର୍ବିକଳ୍ପ ସମାଧିର ଦିବ୍ୟ ଅନୁଭୂତି

୭) କ)ଗୁରୁବାର (ଖ)ବସୁଧୈବ କୁଟୁମ୍ବକମ୍
(ଗ) ଜନ୍ମଭୂମିକୁ (ଘ)ତ୍ୟାଗ ଓ ଆତ୍ମ ସଂଯମତା (ଙ)ମାତୃଭାଷା
(ଚ)ଶ୍ରୀ ସୁରେଶ ଚନ୍ଦ୍ର ମିତ୍ର (ଛ) ଜଗନ୍ମୋହନ ଲାଲା (ଜ)ବିବେକୀ (ଝ) ସ୍ୱାମୀ ରାମକୃଷ୍ଣାନନ୍ଦ(ଞ)ଗାନ୍ଧିଜୀ

୮) ସରଳାର୍ଥ- ପ୍ରଣାଳୀ-୨.୫ , ବର୍ଣ୍ଣନା- ୨.୫

୯) କ) ଅନାହାରରେ କୁଶାସନରେ ଶୟନ କରିଥିଲେ ।
ଖ) ଦୁଃଖୀ ମନର ଉତ୍ଥାନ ପତନ
ଗ) ଉଷାଙ୍କ ପବିତ୍ରତାକୁ ପ୍ରଶଂସା କରି
ଘ) ମାଟି ସାଇତି ରଖିଥିବା ଗଛଲତାର ଫଳରୁ

୧୦) କ)ମୁନିଋଷିଙ୍କ (ଖ) ବାହାସ୍ଫୋଟ (ଗ)ବିନ୍ଧ୍ୟପର୍ବତ (ଘ)ଚିଲିକାର ପ୍ରାଚୀ ମୂଳରେ (ଙ)ଶିଶିର ରୂପକ ମୁକ୍ତା (ଚ)ବ୍ରହ୍ମଚାରିଣୀ
(ଛ) ବଣପକ୍ଷୀର (ଜ)ମାଟି-ପାଣି-ପବନ (ଝ)ତାଳତମାଳ (ଞ) ବୈଦେହୀଶ ବିଳାସ

୧୧) (କ) ରାଜଜେମା ରାଜେଶ୍ୱରୀ
(ଖ) କାମ
(ଗ) ବେଲ , ଅଶ୍ୱତ୍ଥ ବୃକ୍ଷ
(ଘ) ସୁବ୍ରତ
(ଙ) କୁଷ୍ଠ ରୋଗରୁ ଆରୋଗ୍ୟ ପାଇଁ
(ଚ) ପୂରବୀ



Courtesy:
ARYAVART ANCIENT ACADEMY, KHORDHA
A SENIOR SECONDARY SCHOOL
Web: www.aaaschool.in

# ସଞ୍ଜୟ ସିଂ ଭାରତୀୟ କୁସ୍ତି ମହାସଂଘର ଅଧ୍ୟକ୍ଷ

ନୂଆଦିଲ୍ଲୀ,୨୧।୧୨(ଏଜେନ୍ସି)

ଦୀର୍ଘ ୧୧ ମାସର ବିବାଦ ପରେ ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍ଆଇ)କୁ ଜଣେ ନୂଆ ଅଧ୍ୟକ୍ଷ ମିଳିଛନ୍ତି। ବିବାଦୀୟ ପୂର୍ବତନ ଅଧ୍ୟକ୍ଷ ବ୍ରିଜ୍ଭୂଷଣ ସରଣ ସିଂଙ୍କ ସହଯୋଗୀ ତଥା ଅନୁଗତ ଭାବେ ଜଣାଶୁଣା ଥିବା ସଞ୍ଜୟ ସିଂ ଗୁରୁବାର ଡବ୍ଲ୍ୟୁଏଫ୍ଆଇର ନୂଆ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଏହା ପୂର୍ବରୁ ସେ ଡବ୍ଲ୍ୟୁଏଫ୍ଆଇର ଯୁଗ୍ମ ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ। ଗୁରୁବାର ହୋଇଥିବା ନିର୍ବାଚନରେ ସଞ୍ଜୟ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିଅନ ଅନୀତା ସିଂ ଶେଓରାନଙ୍କୁ ପରାସ୍ତ କରି ଏହି ହାଇପ୍ରୋଫାଇଲ ପଦକୁ ନିର୍ବାଚିତ ହୋଇଛନ୍ତି। ମତଦାନରେ ସଞ୍ଜୟଙ୍କୁ ୪୦ଟି ଭୋଟ ମିଳିଥିବା ବେଳେ ଅନୀତାଙ୍କୁ ମାତ୍ର ୭ଟି ଭୋଟ ମିଳିଥିଲା।



ଗୁରୁବାର ସକାଳ ୧୧ଟାରେ ବୈଠକ ବସିବା ପରେ ପଦାଧିକାରୀଙ୍କ ପାଇଁ ଭୋଟିଂ ହୋଇଥିଲା। ଅପରାହ୍ଣ ୧.୩୦ରେ ଭୋଟ ଗଣତି ଆରମ୍ଭ ହୋଇଥିଲା। ମହିଳା କୁସ୍ତିଯୋଦ୍ଧା ପୂର୍ବତନ ଅଧ୍ୟକ୍ଷ ବ୍ରିଜଭୂଷଣଙ୍କ ବିରୋଧରେ ଅଭିଯୋଗ ଆଣିବା ପରେ ମହାସଂଘରେ ବିଭିନ୍ନ ବିବାଦ ସୃଷ୍ଟି ହୋଇଥିଲା। ଅନୀତା ଏହି ମାମଲାରେ ମହିଳା କୁସ୍ତିଯୋଦ୍ଧାଙ୍କୁ ସମର୍ଥନ କରି ବ୍ରିଜଭୂଷଣଙ୍କ ବିରୋଧରେ ସାକ୍ଷୀ ଦେଇଥିଲେ। ବ୍ରିଜଭୂଷଣ ଏଥର ନିର୍ବାଚନ ଲଢି ନଥିଲେ। ସେ ଦୀର୍ଘ ୧୨ ବର୍ଷ ଧରି ଅଧ୍ୟକ୍ଷ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

ମହାସଂଘର ସାଧାରଣ ସମ୍ପାଦକ ଭାବେ ପ୍ରେମ୍ ଲୋ । ଛ ବ ନି ର୍ବ ା ଚି ତ ହୋଇଛନ୍ତି। ସେ ବ୍ରିଜଭୂଷଣଙ୍କ ଅନୁଗତ ଦର୍ଶନଲାଲଙ୍କୁ ହରାଇ ଏହି ପଦ ଅଳଂକୃତ କରିଛନ୍ତି।

### ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପଦାଧିକାରୀ ବାଛିଥାନ୍ତି

ଡବ୍ଲ୍ୟୁଏଫ୍ଆଇର ପଦାଧିକାରୀଙ୍କ ନିର୍ବାଚନ ସାଧାରଣ ପରିଷଦ ବୈଠକରେ ହୋଇଥାଏ। ନିର୍ବାଚନରେ ଡବ୍ଲ୍ୟୁଏଫ୍ଆଇର ସ୍ୱୀକୃତିପ୍ରାପ୍ତ ସଂଘଗୁଡିକର ପଦାଧିକାରୀମାନେ ମତଦାନ କରିଥାନ୍ତି। ଦିଲ୍ଲୀ ସଂଘର ୨ ଓ ବାକି ସବୁ ରାଜ୍ୟସଂଘରୁ ଜଣେ ଲେଖାଏ ଅଧିକାରୀ ମତଦାନର ଅଧିକାର ହାସଲ କରିଥାନ୍ତି। ଗୋଟିଏ ପଦ ପାଇଁ ଦୁଇଜଣ ପ୍ରତିଦ୍ୱନ୍ଦ୍ୱୀ ରହିଥିଲେ ମତଦାନ ହୋଇଥାଏ। ନ ହେଲେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ପ୍ରାର୍ଥୀ ନିର୍ବାଚିତ ହୋଇଥାନ୍ତି। ୨୦୧୯ରେ ବ୍ରିଜଭୂଷଣ ବିନା ପ୍ରତିଦ୍ୱନ୍ଦ୍ୱିତାରେ ଅଧ୍ୟକ୍ଷ ପଦକୁ ନିର୍ବାଚିତ ହୋଇଥିଲେ। ଡବ୍ଲ୍ୟୁଏଫ୍ଆଇରେ ଜଣେ ଅଧ୍ୟକ୍ଷ, ଜଣେ ବରିଷ୍ଠ ଉପ- ସଭାପତି, ୬ ଉପ-ସଭାପତି, ଜଣେ ସାଧାରଣ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ, ୪ଜଣ ଯୁଗ୍ମ ସମ୍ପାଦକ, ୯ ଜଣ କାର୍ଯ୍ୟନିର୍ବାହୀ ସଦସ୍ୟ ଦାୟିତ୍ୱ ନିର୍ବାହ କରିଥାନ୍ତି। ଉଲ୍ଲେଖଥାଉ କି, ବିଭିନ୍ନ ବିବାଦ କାରଣରୁ ନିର୍ବାଚନ ଉପରେ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ସ୍ଥଗିତାଦେଶ ଜାରି କରିଥିଲେ। ନଭେମ୍ବର ୨୮ରେ ସୁପ୍ରିମ କୋର୍ଟ ଏହି ସ୍ଥାଗିତା ଦେଶକୁ ଉଠାଇବା ସହ ନିର୍ବାଚନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଡିସେମ୍ବର ୯ରେ ନିର୍ବାଚନ ଅଧିକାରୀ ଜଷ୍ଟିସ ଏମ୍ଏମ୍ କୁମାର ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା କରିଥିଲେ ଓ ଗୋଟିଏ ଦିନରେ ମତଦାନ, ମତଗଣନା ଓ ଫଳାଫଳ ଘୋଷଣା କରାଯିବ ବୋଲି ସୂଚନା ଦେଇଥିଲେ।

**କାନ୍ଦିଲେ ସାକ୍ଷୀ**

## କୁସ୍ତି ଛାଡ଼ିବାକୁ ଘୋଷଣା

ବ୍ରିଜଭୂଷଣ ସିଂଙ୍କ ଅନୁଗତ ସଞ୍ଜୟ ସିଂ ଡବ୍ଲ୍ୟୁଏଫ୍ଆଇ ଅଧ୍ୟକ୍ଷ ନିର୍ବାଚିତ ହେବା ପରେ ଧାରଣା ଦେଇଥିବା କୁସ୍ତିଯୋଦ୍ଧାମାନେ ଅସନ୍ତୋଷ ଜାହିର କରିଛନ୍ତି। ଗୁରୁବାର ବଜରଙ୍ଗ ପୁନିଆ, ସାକ୍ଷୀ ମଲିକ ଓ ଭିନେଶ ଫୋଗତଙ୍କ ଭଳି ତାରକା କୁସ୍ତିଯୋଦ୍ଧା ସାମ୍ବାଦିକ ସମ୍ମିଳନୀ ଡାକି ଖୋଲାଖୋଲି ଭାବେ ଅସନ୍ତୋଷ ଜାହିର କରିଥିଲେ। ଏଥିରେ ଭାବପ୍ରବଣ ହୋଇ ସାକ୍ଷୀ କୁସ୍ତି ଛାଡିବାକୁ ଘୋଷଣା କରିଛନ୍ତି। ଏପରିକି ସେ ନିଜର ଜୋତା ଟେବଲ ଉପରେ ରଖି କ୍ରୋଧ ପ୍ରକାଶ କରି କୋହ ସମ୍ବରଣ କରି ନପାରି କାନ୍ଦିକାନ୍ଦି ଚାଲିଯାଇଥିଲେ। ସାକ୍ଷୀ ୨୦୧୬ ରିଓ ଅଲିମ୍ପିକ୍ସରେ କାଂସ୍ୟ ପଦକ ହାସଲ କରିଥିଲେ। ସେହିପରି ସେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ଏବଂ ଏସିଆନ୍ ଚାମ୍ପିଅନସିପ୍‌ରେ ୪ଟି ପଦକ(ଗୋଟିଏ ରୌପ୍ୟ, ୩ କାଂସ୍ୟ) ଜିତିଛନ୍ତି।



ନିର୍ବାଚନ ଜିତିପାରି ନଥିଲେ ମଧ୍ୟ ଆମକୁ ଦେଶର କୋଣ ଅନୁକୋଣରୁ ସମର୍ଥନ ମିଳିଛି ଓ ସମର୍ଥକ ମାନେ ଦିଲ୍ଲୀ ଆମସହ ଆନ୍ଦୋଳନରେ ଯୋଗ ଦେଇଛନ୍ତି। ଅନ୍ୟାୟ ଓ ଦୁର୍ନୀତି ବିରୋଧରେ ଆମର ସଂଘର୍ଷ ଜାରି ରହିବ ବୋଲି ସେ କହିଥିଲେ। ଜଣେ ମହିଳାଙ୍କୁ ଆମେ ଡବ୍ଲ୍ୟୁଏଫ୍ଆଇର ଅଧ୍ୟକ୍ଷ ଭାବେ ନିର୍ବାଚିତ କରିବାକୁ ଚାହୁଁଥିଲୁ। କିନ୍ତୁ ବ୍ରିଜଭୂଷଣଙ୍କ ବହୁତ ପ୍ରଭାବୀ ବୋଲି ସମସ୍ତେ ଜାଣନ୍ତି। ସଞ୍ଜୟ ବ୍ରିଜଭୂଷଣଙ୍କ ଅନୁଗତ ବୋଲି ସମସ୍ତଙ୍କୁ ଜଣା। ଯେପର୍ଯ୍ୟନ୍ତ ବ୍ରିଜଭୂଷଣଙ୍କ ଭଳି ବ୍ୟକ୍ତି ପଦରେ ରହିବେ ନ୍ୟାୟ ମିଳିବା ଆଶା କ୍ଷୀଣ। ତେଣୁ ଆଜି ହିଁ କୁସ୍ତି ଛାଡିବାକୁ ଘୋଷଣା କରୁଛି ବୋଲି ସାକ୍ଷୀ କହିଛନ୍ତି। ସେହିପରି ସରକାରଙ୍କଠାରୁ ଯାହା ଆଶା କରିଥିଲୁ ତାହା ପୂରଣ ହୋଇପାରିଲା ନାହିଁ ବୋଲି ବଜରଙ୍ଗ ପୁନିଆ କହିଛନ୍ତି। ଅନ୍ୟପଟେ ଯେଉଁମାନେ କୁସ୍ତି କରିବାକୁ ଚାହାନ୍ତି ସେମାନେ କରନ୍ତୁ ଓ ଆଉ ଯେଉଁମାନଙ୍କୁ ରାଜନୀତି କରିବାର ଅଛି ସେମାନେ ରାଜନୀତି କରନ୍ତୁ ବୋଲି ନବ ନିର୍ବାଚିତ ଅଧ୍ୟକ୍ଷ ସଞ୍ଜୟ କହିଛନ୍ତି।

**ଇଣ୍ଡିଆନ ସୁପର ଲିଗ୍**

# ଓଏଫ୍‌ସି-ଇଷ୍ଟ ବେଙ୍ଗଲ ମୁକାବିଲା ଆଜି



ଭୁବନେଶ୍ୱର, ୨୧।୧୨(ସମିସ)

ଚଳିତ ଫୁଟବଲ ଋତୁରେ ଭଲ ଫର୍ମରେ ଚାଲିଛି ଭୁବନେଶ୍ୱର ଭିତ୍ତିକ ଇଣ୍ଡିଆନ ସୁପର ଲିଗ୍‌ର ଅନ୍ୟତମ ଦଳ ଓଡ଼ିଶା ଫୁଟବଲ କ୍ଲବ୍ ବା ଓଏଫ୍‌ସି। ଏହି ଦଳ କ୍ରମାଗତ ୫ଟି ମ୍ୟାଚ୍‌ରେ ଅପରାଜେୟ ରହିଛି। କଳିଙ୍ଗ ଷ୍ଟାଡିୟମ୍‌କୁ ଘରୋଇ ଭେନ୍ୟୁ କରିଥିବା ଏହି ଦଳ ୩ଟି ମ୍ୟାଚ୍‌ରେ ବିଜୟୀ ହୋଇଛି। ଶେଷଥର ଏଠାରେ ଦଳ ହାଇଦ୍ରାବାଦ ଫୁଟବଲ କ୍ଲବ୍‌କୁ ୩-୦ ଗୋଲରେ ପରାସ୍ତ କରିଥିଲା। ଏହା ପୂର୍ବରୁ କୋଲକାତାରେ ଖେଳି ମୋହନ ବାଗାନ ସହ ୨-୨ ଗୋଲରେ ମ୍ୟାଚ୍ ଡ୍ର ରଖିଥିଲାବେଳେ ଜାମସେଦପୁର ଏଫ୍‌ସିକୁ ୧-୦ ଗୋଲରେ ପରାସ୍ତ କରିଥିଲା। ଏହା ଫଳରେ ଚଳିତ ସିଜନରେ ଏବେ ସୁଦ୍ଧା ଦଳ ୯ଟି ମ୍ୟାଚ୍ ଖେଳି ୧୭ ପଏଣ୍ଟ ସହ ପଏଣ୍ଟ ସାରଣୀରେ ପଞ୍ଚମ ସ୍ଥାନରେ ରହିଛି। ଏଭଳି ସ୍ଥିତିରେ କୋଲକାତାର ଯୁବଭାରତୀ କ୍ରୀଡ଼ାଙ୍ଗନରେ ଇଷ୍ଟବେଙ୍ଗଲ ସହ ଓଡ଼ିଶା ଏଫ୍‌ସିର ଶୁକ୍ରବାର ମୁକାବିଲା ହେବ। ଏହି ମୁକାବିଲାକୁ ଓଡ଼ିଶା ଏଫ୍‌ସି ଢ଼େର ଗୁରୁତ୍ୱ ଦେଉଛି ଓ ଜିତିବାକୁ ସମସ୍ତ ପ୍ରକାର ଉଦ୍ୟମ କରିବ ବୋଲି ଏହାର ପ୍ରଶିକ୍ଷକ ସର୍ଗେଓ ଲୋବେରୋ କହିଛନ୍ତି।

ଅନ୍ୟପକ୍ଷରେ ଜଣାଶୁଣା ଫୁଟବଲ କ୍ଲବ୍ ଇଷ୍ଟବେଙ୍ଗଲ ମଧ୍ୟ ଭଲ ଫର୍ମରେ ରହିଛି। ଦଳ ଚଳିତ ଋତୁରେ ୯ଟି ମ୍ୟାଚ୍ ଖେଳି ୧୦ ପଏଣ୍ଟ ସଂ ସପ୍ତମ ସ୍ଥାନରେ ରହିଛି। ଏହି ଦଳ ମ୍ୟାଚ୍ ଜିତିବାକୁ ଢ଼େର ଆଗ୍ରହ ଦେଖାଇଛି। ବିଶେଷକରି ଘରୋଇ ମାଟିରେ ଖେଳୁଥିବାରୁ ଇଷ୍ଟବେଙ୍ଗଲା ଶକ୍ତି ବୃଦ୍ଧି ପାଇଛି ଓ ଯୁବ ଭାରତୀ କ୍ରୀଡ଼ାଙ୍ଗନ ପରି ବିଶାଳ ଷ୍ଟାଡିୟମ୍‌ରେ ଦର୍ଶକଙ୍କ ଉପସ୍ଥିତି ଏହି ମ୍ୟାଚ୍‌କୁ ଅଧିକ ଆକର୍ଷଣୀୟ କରିବ ବୋଲି ଆଶା କରାଯାଉଛି। ଦୁଇ ଦଳ ମଧ୍ୟରେ ଏଯାଏ ୬ଟି ଆଇଏସ୍ଏଲ୍ ମୁକାବିଲା ହୋଇଛି। ଏହା ମଧ୍ୟରୁ ଓଡ଼ିଶା ଏଫ୍‌ସି ୫ଟିରେ ବିଜୟୀ ହୋଇ ପ୍ରାଧନ୍ୟ ବିସ୍ତାର କରିଛି। କୋଲକାତାରେ ଦଳ ଦ୍ୱିତୀୟ ମ୍ୟାଚ୍ ଜିତିବ ବୋଲି ଆଶାରେ ରହିଛି।

**ଆଇପିଏଲ୍‌ରେ ପ୍ରଥମ ଆଦିବାସୀ କ୍ରିକେଟର**

# ରାଞ୍ଚି କା ଗେଲ୍ 'ରବିନ ମିଞ୍ଜ୍'

ରାଞ୍ଚି,୨୧।୧୨(ଏଜେନ୍ସି)

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ପ୍ରଥମଥର ପାଇଁ ଜଣେ ଆଦିବାସୀ ସମ୍ପ୍ରଦାୟର କ୍ରିକେଟର ଖେଳିବାର ସୁଯୋଗ ପାଇବେ। ସେ ହେଉଛନ୍ତି ଝାଡଖଣ୍ଡର ୱିକେଟକିପର ବ୍ୟାଟର ରବିନ ମିଞ୍ଜ୍। ଚେନ୍ନାଇ ସୁପର କିଙ୍ଗସ ଅଧିନାୟକ ମହେନ୍ଦ୍ର ସିଂ ଧୋନିଙ୍କ ଘରୋଇ ସହର ରାଞ୍ଚିରୁ ସେ ଆସିଛନ୍ତି। ତାଙ୍କୁ 'ରାଞ୍ଚିର କ୍ରିସ୍ ଗେଲ୍' ବୋଲି କୁହାଯାଇଥାଏ। ୨୧ ବର୍ଷୀୟ ରବିନ ଏବେ କୋଟିପତି ହେବାର ସୌଭାଗ୍ୟ ଲାଭ କରିଛନ୍ତି। ୨୦୨୪ ଆଇପିଏଲ ପାଇଁ ଅନୁଷ୍ଠିତ ନିଲାମରେ ତାଙ୍କୁ ୩.୬ କୋଟି ଟଙ୍କା ବିନିମୟରେ ପୂର୍ବତନ ଚାମ୍ପିଅନ ଗୁଜରାଟ ଟାଇଟନ୍ସ କ୍ରୟ କରିଛି। ପୂର୍ବରୁ ଆଦିବାସୀ ସମ୍ପ୍ରଦାୟରୁ ତାରକା ହକି ଖେଳାଳିମାନେ ସୃଷ୍ଟି ହେବାର ବହୁ ଉଦାହରଣ ରହିଛି। କିନ୍ତୁ ରବିନ ଏହାର ବ୍ୟତିକ୍ରମ ସାଜି ଜଣେ ସଫଳ କ୍ରିକେଟର ହେବାକୁ ପ୍ରୟାସ ଜାରି ରଖିଛନ୍ତି। ର ବି ନ ଙ୍କୁ ବାଦ୍ ଦେଲେ ଝା ଡ ଖ ଣ୍ଡ ର ଆଉ ଜଣେ ୱିକେଟକିପର ବ୍ୟାଟର କୁମାର କୁଶାଗ୍ର ୭.୨୦ କୋଟି ଟଙ୍କାରେ ଦିଲ୍ଲୀ କ୍ୟାପିଟାଲ୍ସ ଦଳରେ ସାମିଲ ହୋଇଛନ୍ତି।



ରବିନ ଝାଡଖଣ୍ଡ ପାଇଁ ୧୯ ବର୍ଷରୁ କମ୍ କ୍ରିକେଟ ଖେଳିଛନ୍ତି ଓ ନିଲାମରେ ତାଙ୍କର ମୂଳ ଦର ୨୦ ଲକ୍ଷ ଟଙ୍କା ଥିଲା। ତାଙ୍କ ପାଇଁ ପ୍ରଥମେ ଚେନ୍ନାଇ ଡାକ ଲଗାଇଥିଲା। ପରେ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟ ତାଙ୍କୁ ନେବାକୁ ଡାକ ଲଗାଇଥିଲା। ମୁମ୍ବାଇ ୨.୬୦ କୋଟି ଟଙ୍କାର ଡାକ ଲଗାଇବା ପରେ ପଛକୁ ହଟିଥିଲା। ଏହାପରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଡାକ ଲଗାଇଥିଲା। ଶେଷରେ ଗୁଜରାଟ୍ ୩.୬୦ କୋଟି ଟଙ୍କାରେ ତାଙ୍କୁ କ୍ରୟ କରିଥିଲା। ରବିନ ଧୋନିଙ୍କୁ ନିଜର ଆଦର୍ଶମାନନ୍ତି। କୋଚ୍ ଚଞ୍ଚଳ ଭଟ୍ଟାଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ସେ ପ୍ରଶିକ୍ଷଣ ନେଉଛନ୍ତି। ଚଞ୍ଚଳ ପୂର୍ବରୁ ଧୋନିଙ୍କ ପିଲାବେଳର କୋଚ୍ ଭାବେ ଖ୍ୟାତି ଅର୍ଜନ କରିଥିଲେ। ମୁମ୍ବାଇ ଇଣ୍ଡିଆନ୍ସର ପ୍ରଶିକ୍ଷଣ ଶିବିରରେ ଯୋଗ ଦେବାକୁ ରବିନ ଯେତେବେଳେ ଲଣ୍ଡନ ଯାତ୍ରା ପାଇଁ ଚୟନ ହେଲେ ସେତେବେଳେ ସେ ସମସ୍ତଙ୍କ ନଜରକୁ ଆସିଥିଲେ ଓ ତାଙ୍କୁ ନେଇ ଚର୍ଚ୍ଚା ସୃଷ୍ଟି ହୋଇଥିଲା। ଝାଡଖଣ୍ଡ ପାଇଁ ଘରୋଇ କ୍ରିକେଟ ଖେଳି ନ ଥିଲେ ମଧ୍ୟ ସେ ୧୯ ଓ ୨୫ ବର୍ଷରୁ କମ୍ ବର୍ଗରେ କ୍ରିକେଟ ଖେଳିଛନ୍ତି। ରବିନଙ୍କ ପିତା ଫ୍ରାନ୍ସିସ୍ ଜାଭିଏର ମିଞ୍ଜ୍ ଭାରତୀୟ ସେନାବାହିନୀରୁ ଅବସର ନେଇ ଏବେ ବିର୍ସାମୁଣ୍ଡା ବିମାନ ବନ୍ଦରରେ ସୁରକ୍ଷାକର୍ମୀ ଭାବେ କାର୍ଯ୍ୟ କରୁଛନ୍ତି। ନିଜର ଦୁଇ ଭଉଣୀଙ୍କ ସହ ରବିନ ରାଞ୍ଚିରେ ରହୁଛନ୍ତି। ଯଦି ରବିନଙ୍କୁ କେହି ନ ନିଅନ୍ତି ତାହାଲେ ଆମେ ତାଙ୍କୁ ନେବୁ ବୋଲି ଧୋନି କହିଥିବା କଥା ଫ୍ରାନ୍ସିସ୍ କହିଛନ୍ତି। ଧୋନିଙ୍କ ଭଳି ସେ ନିର୍ଭୀକ ତଥା ଆକ୍ରମଣାତ୍ମକ ବ୍ୟାଟିଂ କରିବାକୁ ପ୍ରୟାସ କରିଥାନ୍ତି ବୋଲି ଫ୍ରାନ୍ସିସ କୁହନ୍ତି।

# କିଟ୍‌ରେ ଜାତୀୟ ବିଶ୍ୱବିଦ୍ୟାଳୟ ସନ୍ତରଣ ଓ ଯୋଗାସନ ପ୍ରତିଯୋଗିତା ଉଦ୍‌ଘାଟିତ



ଭୁବନେଶ୍ୱର, ୨୧।୧୨(ସମିସ)

ଜାତୀୟ ବିଶ୍ୱବିଦ୍ୟାଳୟ ସନ୍ତରଣ ଓ ଯୋଗାସନ ପ୍ରତିଯୋଗିତା ଗୁରୁବାର ଆରମ୍ଭ ହୋଇଛି। ଏହି ସର୍ବଭାରତୀୟ ପ୍ରତିଯୋଗିତା କିଟ୍ ଓ କିସ୍ ପରିସରରେ ଆୟୋଜିତ ହେଉଥିଲାବେଳେ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଏହି ଚାମ୍ପିଅନସିପ୍‌ରେ ସମଗ୍ର ଭାରତବର୍ଷରୁ ୩,୦୦ ବିଶ୍ୱବିଦ୍ୟାଳୟରୁ ୪,୫୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି। ଅନ୍ତର୍ଜାତୀୟ ଭିତ୍ତିଭୂମି ନିର୍ମାଣ କରିବା ସାଙ୍ଗକୁ ସମସ୍ତ ପ୍ରକାର ଖେଳର ସୁପରିଚାଳନା କରିବାରେ କିଟ୍ ଦେଶରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଏହି ବିଶ୍ୱବିଦ୍ୟାଳୟରେ ୧୫ଜଣ ଅଲିମ୍ପିଆନ ଓ ୫,୦୦୦ କ୍ରୀଡ଼ାବିତ୍ ସୃଷ୍ଟି ହୋଇଛନ୍ତି ବୋଲି ପ୍ରତିଷ୍ଠାତା ଶ୍ରୀ ସାମନ୍ତ ପ୍ରକାଶ କରିଛନ୍ତି। ଡିସେମ୍ବର ୨୩ରେ ଏହି ପ୍ରତିଯୋଗିତା ଶେଷ ହେବ ବୋଲି କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଜଣାଇଛନ୍ତି।

# ଆଜିଠୁ ଜାତୀୟ ଭଲିବଲ୍ ଓ ରଗ୍‌ବୀ

ଭୁବନେଶ୍ୱର,୨୧।୧୨(ସମିସ)

ସ୍କୁଲ୍ ଗେମସ୍ ଫେଡେରେସନ୍ ଅଫ୍ ଇଣ୍ଡିଆ (ଏସ୍‌ଜିଏଫ୍ଆଇ) ପକ୍ଷରୁ ୬୭ତମ ଜାତୀୟ ଭଲିବଲ୍ ଓ ରଗ୍‌ବୀ ପ୍ରତିଯୋଗିତା ଆସନ୍ତାକାଲି(ଶୁକ୍ରବାର) ଠାରୁ ଆରମ୍ଭ ହେବ। ଏହା କିଟ୍ କିସ୍ କ୍ୟାମ୍ପସଠାରେ ଡିସେମ୍ବର ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ୧୪ ବର୍ଷରୁ କମ୍ ବାଳକ ବାଳିକା ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି, କ୍ରୀଡ଼ା ମନ୍ତ୍ରୀ ତୁଷାର କାନ୍ତି ବେହେରା, ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ କୁମାର ରାଉତ ପ୍ରମୁଖ ଏହାକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ଭାରତର ୪୪ ଟି ଅନୁବନ୍ଧିତ ସଂସ୍ଥାରୁ ୧୧୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ। ରାଜ୍ୟସ୍ତରୀୟ ପ୍ରତିଯୋଗିତାରୁ ଚୟନ ହୋଇଥିବା ଟିମ୍ ଏହି ପ୍ରତିଯୋଗିତାରେ ଭାଗ ନେଉଛନ୍ତି। ଏହାର ସୁପରିଚାଳନା ପାଇଁ ସମସ୍ତ ରାଜ୍ୟରୁ ମ୍ୟାନେଜର, କୋଚ୍ ଓ ପରିଚାଳନା ପାଇଁ ଦକ୍ଷ କ୍ରୀଡ଼ା ପରିଚାଳକ ନିଯୁକ୍ତ ହୋଇଛନ୍ତି।

■ ଖେଲୋ ଇଣ୍ଡିଆ ବାଳିକା ଉପକନିଷ୍ଠ ହକି

# ଓଡ଼ିଶା ଟାଟା ଏଚ୍‌ପିସି ପରାସ୍ତ

**ଭୁବନେଶ୍ୱର, ୨୧।୧୨(ସମିସ):** ଦ୍ୱିତୀୟ ଖେଲୋ ଇଣ୍ଡିଆ ବାଳିକା ଉପକନିଷ୍ଠ ହକି ପ୍ରତିଯୋଗିତା ଗୁରୁବାର ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତାର ପ୍ରଥମ ମ୍ୟାଚ୍‌ରେ ସାଇ ଶକ୍ତି ଟିମ୍ ୮-୧ ଗୋଲରେ ଓଡ଼ିଶା ନାଭାଲ ଟାଟା ହକି ଏଚ୍‌ପିସିକୁ ପରାସ୍ତ କରିଛି। ପରାଜିତ ଓଡ଼ିଶା ଦଳ ପକ୍ଷରୁ ଲିଓନୋ ଲାକ୍ରା ଏକମାତ୍ର ଗୋଲଟି ସ୍କୋର କରିଥିଲେ। ଅନ୍ୟ ମ୍ୟାଚ୍‌ଗୁଡ଼ିକ ମଧ୍ୟରୁ ଅନନ୍ତପୁର ସ୍ପୋର୍ଟ୍ସ ଏକାଡେମୀ ୬-୧ ଗୋଲରେ ଅମୃତସରର ଖାଲସା ହକି ଏକାଡେମୀକୁ ପରାସ୍ତକରିଛି। କିନ୍ତୁ ସର୍ବାଧିକ ବ୍ୟବଧାନରେ ବିଜୟୀ ହୋଇଛି ସାଇ ବାଲ ଟିମ୍। ଗୁରୁବାର ଖେଳାଯାଇଥିବା ତୃତୀୟ ମ୍ୟାଚ୍‌ରେ ସାଇ ବାଲ ଟିମ୍ ୨୦-୦ ଗୋଲରେ ଭାଇ ବେହେଲୋ ହକି ଏକାଡେମୀକୁ ପରାସ୍ତ କରି ସର୍ବବୃହତ ବିଜୟ ହାସଲ କରିବାରେ ସମର୍ଥ ହୋଇଛି। ଶେଷ ମୁକାବିଲାରେ ପ୍ରୀତମ ସିୱାଚ୍ ହକି ଏକାଡେମୀ ୧୨-୦ ଗୋଲରେ ସାଲ୍ୟୁଟ ହକି ଏକାଡେମୀକୁ ପରାସ୍ତ କରିଛି।

**ଏକମାତ୍ର ମହିଳା ଟେଷ୍ଟ: ପୂଜାଙ୍କୁ ୪, ସ୍ନେହଙ୍କୁ ୩ ୱିକେଟ୍**

# ଅଷ୍ଟ୍ରେଲିଆ ୨୧୯/୧୦; ଭାରତ ୯୮/୧

ମୁମ୍ବାଇ, ୨୧।୧୨ (ଏଜେନ୍ସି)

ଭ୍ରମଣକାରୀ ଅଷ୍ଟ୍ରେଲିଆ ଓ ଭାରତୀୟ ମହିଳା କ୍ରିକେଟ୍ ଦଳ ମଧ୍ୟରେ ଏକମାତ୍ର ଟେଷ୍ଟ ମ୍ୟାଚ୍ ଗୁରୁବାରଠାରୁ ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ଆରମ୍ଭ ହୋଇଛି। ଏଥିରେ ଟସ୍ ଜିତି ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦଳ ଭାରତୀୟ ବୋଲର ପୂଜା ବସ୍ତ୍ରକାର, ସ୍ନେହ ରାଣା ଓ ଦୀପ୍ତି ଶର୍ମାଙ୍କୁ ସାମ୍ନା କରି ନ ପାରି ପ୍ରଥମ ପାଳିରେ ୨୧୯ ରନରେ ଅଲ୍ଆଉଟ୍ ହୋଇଯାଇଛି। ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ଘରୋଇ ଭାରତୀୟ ଦଳ ଦ୍ରୁତ ଗତିରେ ବ୍ୟାଟିଂ କରି ୧୯ ଓଭରରେ ଗୋଟିଏ ୱିକେଟ୍ ହରାଇ ୯୮ ରନ ସଂଗ୍ରହ କରିଛି। ୯ ୱିକେଟ୍ ବଳକା ଥାଇ ଭାରତୀୟ ମହିଳା କ୍ରିକେଟ୍ ଦଳ ପ୍ରଥମ ପାଳିରେ ଆହୁରି ୧୨୧ ରନ ପଛରେ ରହିଛି। ଦ୍ୱିତୀୟ ଦିବସରେ ଏହାକୁ ଅତିକ୍ରମ କରି ଏକ ବଡ଼ ଅଗ୍ରଣୀ ହାସଲ କରିବା ନେଇ ଭାରତୀୟ ମହିଳା କ୍ରିକେଟ୍ ଦଳ ନିକଟରେ ସୁବର୍ଣ୍ଣ ସୁଯୋଗ ରହିଛି। ଏହି ମ୍ୟାଚ୍ ସହ ଦୀର୍ଘ ୩୯ ବର୍ଷ ପରେ ଭାରତ ମାଟିରେ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ମହିଳା ଟେଷ୍ଟ ମ୍ୟାଚ୍ ଖେଳାଯାଇଛି।



ଏହି ଏକମାତ୍ର ଟେଷ୍ଟ ମ୍ୟାଚରେ ଟସ୍ ଜିତି ଭ୍ରମଣକାରୀ ଅଷ୍ଟ୍ରେଲିଆ ଦଳର ଅଧିନାୟିକା ଆଲିସା ହେଲି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। କିନ୍ତୁ ଦଳ ୭ ରନ ମଧ୍ୟରେ ଓପନର୍ ଫୋଏବେ ଲିଚ୍‌ଫିଲ୍ଡ (୦) ଓ ଏଲିସେ ପେରୀ (୪ ରନ)ଙ୍କ ୱିକେଟ୍ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ। ଏହାପରେ ୩ ଅଭିଜ୍ଞ ଖେଳାଳି ବେଥ୍ ମୁନୀ, ତାହଲିଆ ମ୍ୟାକ୍‌ଗ୍ରା ଓ ଅଧିନାୟିକା ହେଲି ଭଲ ଆରମ୍ଭ କରିଥିଲେ ମଧ୍ୟ ତାହାକୁ ବଡ଼ ସ୍କୋରରେ ରୂପାନ୍ତରିତ କରିପାରି ନ ଥିଲେ। ଦ୍ରୁତ ବୋଲର ପୂଜା ଓ ଦୁଇ ଅଫ୍-ସ୍ପିନର ସ୍ନେହ ରାଣା ଓ ଦୀପ୍ତିଙ୍କ ବୋଲିଂକୁ ଖେଳି ନ ପାରି ଅଷ୍ଟ୍ରେଲିଆ ଦଳ ନିୟମିତ ବ୍ୟବଧାନରେ ୱିକେଟ୍‌ମାନ ହରାଇ ୭୭.୪ ଓଭରରେ ୨୧୯ ରନରେ ଅଲ୍ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ମ୍ୟାକ୍‌ଗ୍ରା ସର୍ବାଧିକ ୫୦, ମୁନୀ ୪୦ ଓ ହେଲୀ ୩୮ ରନ କରିଥିଲେ। ତୃତୀୟ ୱିକେଟ୍‌ରେ ମୁନୀ ଓ ମ୍ୟାକ୍‌ଗ୍ରା ୮୦ ରନ ସଂଗ୍ରହ କରିଥିଲେ, ଯାହା ଅଷ୍ଟ୍ରେଲିଆ ପାଳିର ସବୁଠାରୁ ବଡ଼ ଭାଗୀଦାରି ଥିଲା। ଅନ୍ୟମାନଙ୍କ ମଧ୍ୟରେ ଆନ୍ନାବେଲ୍ ସଦରଲାଣ୍ଡ ୧୬, ଆସଲେଇଗ୍ ଗାର୍ଡନର ୧୬, ଜେସ୍ ଜନସନ ୧୯ ଓ ଶେଷ ଭାଗରେ କିମ୍ ଗାର୍ଥ ଅପରାଜିତ ୨୮ ରନର ପାଳି ଖେଳିଥିଲେ। ବୋଲିଂରେ ଭାରତ ପକ୍ଷରୁ ପୂଜା ୪, ସ୍ନେହ ୩ ଓ ଦୀପ୍ତି ୨ଟି ୱିକେଟ୍ ନେଇଥିଲେ।

ଜବାବରେ ଭାରତ ଦମ୍‌ଦାର ଆରମ୍ଭ କରିଥିଲା। ଦୁଇ ଓପନର୍ ଶେଫାଳି ବର୍ମା ଓ ସ୍ମୃତି ମନ୍ଧାନା ପ୍ରଥମ ୱିକେଟ୍‌ରେ ୯୦ ରନର ଭାଗୀଦାରି କରିଥିଲେ। ୮ ଚୌକା ସହାୟତାରେ ୫୯ ବଲରେ ୪୦ ରନ କରିଥିବାବେଳେ ଶେଫାଳି ବାମହାତୀ ସ୍ପିନର ଜେସ ଜନସେନଙ୍କ ଶିକାର ବନିଥିଲେ। ଏହାପରେ ପ୍ରଥମ ଦିବସ ଷ୍ଟମ୍ପ ଅପସାରଣବେଳକୁ ମନ୍ଧାନା ଓ ସ୍ନେହ ଦଳକୁ ଆଉ କୌଣସି କ୍ଷତି ହେବାକୁ ଦେଇ ନ ଥିଲେ। ଭାରତ ୧୯ ଓଭରରେ ଗୋଟିଏ ୱିକେଟ୍ ହରାଇ ୯୮ ରନ କରିଛି। ମନ୍ଧାନା ୪୩ ଓ ସ୍ନେହ ୪ ରନରେ ଖେଳୁଛନ୍ତି।

## ଭାରତ-ଦ.ଆଫ୍ରିକା ତୃତୀୟ ଦିନିକିଆରେ ତିଳକ ବର୍ମାଙ୍କ ଅର୍ଦ୍ଧଶତକ

# ସମ୍ମାନ ରଖିଲେ ସଞ୍ଜୁ ସାମ୍ସନ୍

ପାର୍ଲ, ୨୧।୧୨(ଏଜେନ୍ସି)

ସଞ୍ଜୁ ସାମସନଙ୍କ ପ୍ରଥମ ଶତକ, ତିଳକ ବର୍ମାଙ୍କ ପ୍ରଥମ ଅର୍ଦ୍ଧଶତକ ଓ ରିଙ୍କୁ ସିଂଙ୍କ ବିସ୍ଫୋରକ ପାଳି ବଳରେ ଏଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷ ତୃତୀୟ ଦିନିକିଆ ମ୍ୟାଚ୍‌ରେ ଭାରତ ସମ୍ମାନଜନକ ସ୍କୋର ସଂଗ୍ରହ କରିଛି। ଏହି ମ୍ୟାଚ୍‌ରେ ନଂ-୩ରେ ବ୍ୟାଟିଂ କରିବାକୁ ଆସି ସଞ୍ଜୁ ୧୦୮, ତିଳକ ୫୨ ଓ ରିଙ୍କୁ ୨୮ ବଲ୍‌ରେ ୩୮ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୮ ୱିକେଟ ହରାଇ ୨୯୬ ରନ୍ ସଂଗ୍ରହ କରିଛି। ଜବାବରେ ୨୨ ଓଭର ଖେଳ ଶେଷ ସୁଦ୍ଧା ଦକ୍ଷିଣ ଆଫ୍ରିକା ୨ ୱିକେଟ ହରାଇ ୧୧୨ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଟୋନି ଡି ଜୋର୍ଜି ୬୪ ଓ ଆଇଡେନ୍ ମାର୍କରାମ ୧୯ ରନ୍‌ରେ ବ୍ୟାଟିଂ କରୁଥିଲେ। ରୀଜା ହେଣ୍ଡ୍ରିକ୍ସ ୧୯ ରନ୍ କରି ଅର୍ଶଦୀପ ସିଂଙ୍କ ଦ୍ୱାରା ଆଉଟ ହୋଇଛନ୍ତି। ଚଳିତ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଏହି ମ୍ୟାଚ୍ ପୂର୍ବରୁ ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ସମାନସ୍ତରରେ ରହିଛନ୍ତି। ଯେଉଁ ଦଳ ଏହି ମ୍ୟାଚ୍ ଜିତିବ, ସେହିଦଳ ସିରିଜ୍ କବ୍‌ଜା କରିବ। ଏଠାରେ ଭାରତର ସଞ୍ଜୁ ଓ ତିଳକ ସେମାନଙ୍କ ଦିନିକିଆ କ୍ରିକେଟ ଜୀବନର ସର୍ବାଧିକ ସ୍କୋର କରିବାରେ ସମର୍ଥ ହୋଇଛନ୍ତି। ସେହିପରି ପାଳି ଆରମ୍ଭ କରିଥିବା ରଜତ ପଟିଦାର ଏହି ମ୍ୟାଚ୍‌ରେ ତାଙ୍କ ଅନ୍ତର୍ଜାତୀୟ କ୍ରିକେଟ ଜୀବନ ଆରମ୍ଭ କରିଛନ୍ତି।




### ପ୍ରଥମ ଅନ୍ତର୍ଜାତୀୟ ଶତକ

ଦକ୍ଷିଣ ଆଫ୍ରିକା ଅଧିନାୟକ ଆଇଡେନ୍ ମାର୍କରାମ ଟସ୍ ଜିତିବାପରେ ପ୍ରଥମେ ବ୍ୟାଟିଂ କରିବା ଲାଗି ଭାରତକୁ ଆମନ୍ତ୍ରଣ କରିଥିଲେ। ଭାରତ ପକ୍ଷରୁ ସାଇ ସୁଦର୍ଶନ ଓ ରଜତ ପଟିଦାର ପାଳି ଆରମ୍ଭ କରି ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିଲେ। କିନ୍ତୁ ଘରୋଇ ଦଳର ଫାଷ୍ଟ ବୋଲିଂକୁ ମୁକାବିଲା କରି ନ ପାରି ସାଇ ସୁଦର୍ଶନ ୧୦ ଓ ପଟିଦାର ୧୬ ବଲ୍‌ରେ ୨୨ ରନ୍ କରି ଆଉଟ ହୋଇଯାଇଥିଲେ। ଏହାର କିଛି ସମୟ ପରେ ଅଧିନାୟକ ଲୋକେଶ ରାହୁଲ ମଧ୍ୟ ଫାଷ୍ଟ ବୋଲରଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏହି ସମୟରେ ଭାରତର ସ୍କୋର ୧୯ତମ ଓଭର ବେଳକୁ ୩ ୱିକେଟରେ ୧୦୧ ରନ୍‌ରେ ପହଞ୍ଚିଥିଲା। ବ୍ୟାଟିଂ ଅର୍ଡରରେ ଆଗୁଆ ଆସିଥିବା ସଞ୍ଜୁ ସାମସନଙ୍କ ସହ ତିଳକ ବର୍ମା ଯୋଗ ଦେବା ପରେ ରନ୍ ହାର କମିଯାଇଥିଲା। ପୂର୍ବରୁ ରାହୁଲ ମଧ୍ୟ ୩୫ ବଲ୍‌ରେ ୨୧ ରନ୍ କରିଥିଲେ। ସଞ୍ଜୁ ଉଭୟପେସ୍ ଓ ସ୍ପିନରଙ୍କୁ ଉଚିତ ମୁକାବିଲା କରିଥିଲେ ମଧ୍ୟ ସ୍ପିନରଙ୍କ ବିପକ୍ଷରେ ତିଳକ ଆଦୌ ଖେଳି ପାରି ନ ଥିଲେ। ବିଶେଷକରି କେଶବ ମହାରାଜଙ୍କ ବିପକ୍ଷରେ ଫେଲ୍ ମାରିଥିଲେ। ତିଳକ ୩୯ତମ ବଲ୍‌ରେ ପ୍ରଥମ ବାଉଣ୍ଡାରୀ ମାରି ୯ ରନ୍‌ରୁ ୧୩ ରନ୍‌ରେ ପହଞ୍ଚିବା ପରେ ଭାରତର ରନ୍ ସଂଗ୍ରହ ହାରରେ ପରିବର୍ତ୍ତନ ଘଟିଥିଲା। ଏହି ଦୁଇ ବ୍ୟାଟର ଚତୁର୍ଥ ୱିକେଟରୁ ୧୧୬ ରନ୍ ଉଠାଇ ଭାରତକୁ ଏକ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ଦିନିକିଆ ଜୀବନରେ ପ୍ରଥମ ଅର୍ଦ୍ଧଶତକ ହାସଲ କରି ୫୨ ରନ୍‌ରେ ପହଞ୍ଚିବା ପରେ ତିଳକ ଆଉଟ ହୋଇଯାଇଥିଲେ। ୪୪ତମ ଓଭରରେ ସଞ୍ଜୁ ମଧ୍ୟ ତାଙ୍କ ଦିନିକିଆ ଜୀବନର ପ୍ରଥମ ଶତକ ହାସଲ କରି ଆଉଟ ହୋଇଥିଲେ। ସେ ୧୧୪ ବଲ୍ ଖେଳି ୬ ଚୌକା ଓ ୩ଛକା ସହ ୧୦୮ ରନ୍ କରିଥିଲେ। ଶେଷ ଭାଗରେ ନୂଆ ଫିନିସର ରିଙ୍କୁ ସିଂ ୨୭ ବଲ୍‌ରେ ୩ ଚୌକା ଓ ୨ଛକା ସହ ୩୮, ୱାଶିଂଟନ ସୁନ୍ଦର ୯ ବଲ୍‌ରେ ୧୪ ଓ ଅର୍ଶଦୀପ ସିଂ ୨ ବଲ୍‌ରେ ୭ ରନ୍ କରି ଭାରତର ସ୍କୋରକୁ ୨୯୬ ରନ୍‌ରେ ପହଞ୍ଚାଇଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ବ୍ୟୁରାନ ହେଣ୍ଡ୍ରିକ୍ସ ସର୍ବାଧିକ ୩ଟି ଓ ନାନ୍ଦ୍ରେ ବର୍ଗର ୨ଟି ୱିକେଟ ନେଇଥିଲେ। କିନ୍ତୁ କେଶବ ମହାରାଜ ୧୦ ଓଭରରେ ୨ଟି ମେଡେନ ସହ ମାତ୍ର ୩୭ ରନ୍‌ରେ ଗୋଟିଏ ୱିକେଟ ନେଇ ଭାରତୀୟ ବ୍ୟାଟରଙ୍କୁ ବାନ୍ଧି ରଖିବାରେ ସମର୍ଥ ହୋଇଥିଲେ।

### ପଦାର୍ପଣ କଲେ ରଜତ ପଟିଦାର

ଭାରତର ନିୟମିତ ଓପନର ଋତୁରାଜ ଗାଏକ୍ୱାଡ ଆହତ ହୋଇ ଦଳରୁ ବାଦ୍ ପଡ଼ିବା ପରେ ରଜତ ପଟିଦାରଙ୍କୁ ଏହି ମ୍ୟାଚ୍‌ରେ ଖେଳିବାର ସୁଯୋଗ ମିଳିଥିଲା। ମଧ୍ୟପ୍ରଦେଶର ଏହି ୩୧ ବର୍ଷୀୟ ଡାହାଣହାତୀ ଓପନର ଚମତ୍କାର ଭଙ୍ଗୀରେ ଖେଳ ଆରମ୍ଭ କରିଥିଲେ। ସେ ୧୬ ବଲ୍‌ରୁ ୩ ଚୌକା ଓ ୧ ଛକା ସହ ୨୨ ରନ୍ କରିବା ପରେ ବୋଲ୍ଡ ଆଉଟ ହୋଇଯାଇଥିଲେ। ଘରୋଇ କ୍ରିକେଟରେ ୫୨ଟି ପ୍ରଥମଶ୍ରେଣୀ, ୫୭ଟି ଲିଷ୍ଟ-ଏ ଓ ୫୦ଟି ଟି-୨୦ ମ୍ୟାଚ୍ ଖେଳିବା ପରେ ଅନ୍ତର୍ଜାତୀୟ ପଦାର୍ପଣ କରିଛନ୍ତି। ଏଥିରେ ସେ ମୋଟ ୭,୦୦୦ରୁ ଊର୍ଦ୍ଧ୍ୱ ରନ୍, ୧୫ଟି ଶତକ ଓ ୪୮ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ଦ୍ୱିତୀୟ ଦିନିକିଆ ମ୍ୟାଚ୍ ଖେଳିଥିବା ଭାରତୀୟ ଦଳର ଦୁଇଜଣ ଖେଳାଳି ଋତୁରାଜଙ୍କ ସ୍ଥାନରେ ରଜତ ଓ କୁଲଦୀପ ଯାଦବଙ୍କ ସ୍ଥାନରେ ୱାଶିଂଟନ ସୁନ୍ଦରଙ୍କୁ ନେଇ ଭାରତ ତୃତୀୟ ଦିନିକିଆ ମ୍ୟାଚ୍ ଖେଳିଥିଲା।

### ସଂକ୍ଷିପ୍ତ ସ୍କୋର

**ଭାରତ:** ୨୯୬/୮, ୫୦ ଓଭର (ସଞ୍ଜୁ ସାମସନ-୧୦୮, ତିଳକ ବର୍ମା-୫୨, ରିଙ୍କୁ ସିଂ-୩୮, ବ୍ୟୁରାନ ହେଣ୍ଡ୍ରିକ୍ସ-୩/୬୩, ନାନ୍ଦ୍ରେ ବର୍ଗର-୨/୬୪)।
**ଦକ୍ଷିଣ ଆଫ୍ରିକା:** ୧୧୨/୨, ୨୨ ଓଭର (ଟୋନି ଡି ଜୋର୍ଜି-ବ୍ୟାଟିଂ-୬୪, ରାସି-୨, ରୀଜା ହେଣ୍ଡ୍ରିକ୍ସ-୧୯, ଅର୍ଶଦୀପ ସିଂ-୧/୨୩, ଅକ୍ଷର ପଟେଲ୍-୧/୨୧)।

■ ନିଶା ଔଷଧ ସେବନ

## ଦୁଇ ଜିମ୍ବାୱେ କ୍ରିକେଟର ବାସନ୍ଦ




**ହରାରେ,୨୧।୧୨(ଏଜେନ୍ସି):** ନିଶା ଔଷଧ ସେବନ କରି ଜିମ୍ବାୱେର ଦୁଇ କ୍ରିକେଟର ୱେସଲି ମାଧଭେରେ ଓ ବ୍ରାଣ୍ଡନ ମୋଭୁଡା କ୍ରିକେଟରୁ ବାସନ୍ଦ ହୋଇଛନ୍ତି। ନିଶା ନିବାରଣ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗରେ ଜିମ୍ବାୱେ କ୍ରିକେଟ ବୋର୍ଡ ଗୁରୁବାର ଏହି ଦୁଇ କ୍ରିକେଟରଙ୍କୁ ନିଲମ୍ବିତ କରିଛି। ନିଶିଦ୍ଧ ଔଷଧ ସେବନ କାରଣରୁ ଡୋପ୍ ଟେଷ୍ଟରେ ଏହି ଦୁଇ ଖେଳାଳି ବିଫଳ ହୋଇଥିବା ବୋର୍ଡ ତରଫରୁ କୁହାଯାଇଛି। କିନ୍ତୁ ଏମାନେ କେଉଁ ଔଷଧ ସେବନ କରିଥିଲେ ଓ ଡୋପ୍ ଟେଷ୍ଟ କେବେ ହୋଇଥିଲା ସେ ନେଇ ବୋର୍ଡ କୌଣସି ସୂଚନା ଦେଇନାହିଁ। ମାଧେଭେରେ ୨୦୨୦ରେ ଜିମ୍ବାୱେ ପାଇଁ ପଦାର୍ପଣ କରି ୨ ଟେଷ୍ଟ, ୩୬ ଦିନିକିଆ ଓ ୬୦ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି। ଟେଷ୍ଟରେ ସେ ଖାତା ଖୋଲିପାରି ନଥିବା ବେଳେ ଦିନିକିଆରେ ୭୦୫ ଓ ଟି-୨୦ରେ ୧,୦୪୭ ରନ ସଂଗ୍ରହ କରିଛନ୍ତି। ସେହିପରି ମାଭୁତା ୪ ଟେଷ୍ଟ ଖେଳି ୮୨ ରନ କରିବା ସହ ୧୨ ୱିକେଟ ନେଇଛନ୍ତି। ସେହିପରି ୧୨ ଦିନିକିଆ ମ୍ୟାଚ୍ ଖେଳି ସେ ୮୮ ରନକରିବା ସହ ୧୦ ୱିକେଟ ନେଇଛନ୍ତି। ୧୦ଟି ଟି-୨୦ ଖେଳି ସେ ୬୧ ରନ ସଂଗ୍ରହ କରି ୪ଟି ୱିକେଟ ଅକ୍ତିଆର କରିଛନ୍ତି।

## ଖୱାଜାଙ୍କୁ ଆଇସିସିର ଚେତାବନୀ



**ନୂଆଦିଲ୍ଲୀ, ୨୧।୧୨(ଏଜେନ୍ସି):** ପାକିସ୍ତାନ ବିପକ୍ଷ ଟେଷ୍ଟ ମ୍ୟାଚ୍‌ରେ ହାତରେ କଳାବ୍ୟାଜ୍ ପିନ୍ଧି ଖେଳିଥିବା ଅଷ୍ଟ୍ରେଲୀୟ ବ୍ୟାଟର ଉସ୍‌ମାନ ଖୱାଜାଙ୍କୁ ଅନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ (ଆଇସିସି) ପକ୍ଷରୁ ଚେତାବନୀ ଦିଆଯାଇଛି। କଳାବ୍ୟାଜ୍ ପିନ୍ଧିବା ଆଇସିସି ନିୟମର ଉଲ୍ଲଙ୍ଘନ କରୁଛି। ଗାଜା ଷ୍ଟ୍ରିପ୍‌ରେ ପାଲେଷ୍ଟାଇନ୍ ନାଗରିକଙ୍କୁ ଇଜ୍ରାଏଲର ନରସଂହାରକୁ ବିରୋଧ କରି ସେ ତାଙ୍କ ଜୋତାରେ କିଛି ବାର୍ତ୍ତା ଦେବାକୁ ଚାହିଁଥିଲେ। କିନ୍ତୁ ତାହାକୁ ଆଇସିସି ବିରୋଧ କରିବାରୁ ସେ ଏଥିରୁ ବିରତ ରହିଥିଲେ ମଧ୍ୟ କଳା ବ୍ୟାଜ୍ ପିନ୍ଧି ଖେଳିଥିଲେ। ଏହା ମାଧ୍ୟମରେ ସେ 'ସ୍ୱାଧୀନତା ମାନବର ଜନ୍ମଗତ ଅଧିକାର' ଓ 'ସମସ୍ତ ଜୀବନ ସମାନ'ର ବାର୍ତ୍ତା ଦେବାକୁ ଟ୍ରେନିଂବେଳେ ଉଦ୍ୟମ କରିଥିଲେ। ସେ ଏହି ବାର୍ତ୍ତା ତାଙ୍କ ଜୋତାରେ ପିନ୍ଧି ଦେବାକୁ ଚେଷ୍ଟା କରିଥିଲେ ମଧ୍ୟ ଆଇସିସି କଟକଣା ଯୋଗୁ ତାହା ସମ୍ଭବ ହୋଇ ନ ଥିଲା। ଆଇସିସି ନିୟମ ଅନୁଯାୟୀ ଅନ୍ତର୍ଜାତୀୟ କ୍ରିକେଟରେ କୌଣସି ଖେଳାଳି କିମ୍ବା ସଂଗଠନ ରାଜନୈତିକ, ଧାର୍ମିକ ଓ ଜାତିଆଣ' ସମ୍ପର୍କରେ କୌଣସି ମନ୍ତବ୍ୟ ଦେଇପାରିବେ ନାହିଁ। ଏଥିରେ ସେ ବିଫଳ ହେବା ପରେ ପ୍ରଥମ ଟେଷ୍ଟରେ କଳା ବ୍ୟାଜ୍ ପିନ୍ଧି ତାଙ୍କ ଅସନ୍ତୋଷ ଜାହିର କରିଥିଲେ। ପାଲେଷ୍ଟାଇନ୍‌ବାସୀଙ୍କୁ ସମର୍ଥନ କରି ଖୱାଜା ଏହା କରିଥିଲେ ମଧ୍ୟ ତାଙ୍କୁ କେବଳ ଚେତାବନୀ ଦେଇ ଆଇସିସି ଛାଡିଦେଇଛି।

ପାକିସ୍ତାନ ବଂଶୋଦ୍ଭବ ଆଉ ଜଣେ ମୁସ୍‌ଲିମ୍ ଖେଳାଳି ଇଂଲଣ୍ଡର ମୋଇନ୍ ଅଲି 'ଗାଜାକୁ ରକ୍ଷାକର' ଓ 'ପାଲେଷ୍ଟାଇନ୍‌କୁ ମୁକ୍ତକର' ବାର୍ତ୍ତା ଦେଇ ଆଇସିସି ଦ୍ୱାରା ବାସନ୍ଦ ହୋଇଥିଲେ। କିନ୍ତୁ 'ବ୍ଲାକ୍ ଲାଇଭସ ମ୍ୟାଟର' ଆନ୍ଦୋଳନକୁ ସମର୍ଥନ କରି ଖେଳ ପୂର୍ବରୁ ଆଣ୍ଠେଇ ପ୍ରତିବାଦ କରିବାକୁ ଆଇସିସି ଅନୁମତି ଦେଇଛି। ୨୦୨୦ ଓ ୨୦୨୧ରେ ଏଭଳି ଏକାଧିକ ଥର ଅନ୍ତର୍ଜାତୀୟ ମ୍ୟାଚ୍‌ରେ କୃଷ୍ଣକାୟ ଲୋକଙ୍କୁ ସମର୍ଥନ କରି ଖେଳାଳିମାନେ ବାର୍ତ୍ତା ଦେଇଥିଲେ।

## ମୁମ୍ବାଇ-ବାଗାନ ମ୍ୟାଚ୍‌ରେ ୭ ରେଡ୍‌କାର୍ଡ

**ମୁମ୍ବଇ, ୨୧।୧୨(ଏଜେନ୍ସି):** ଏଠାରେ ମୁମ୍ବାଇ ସିଟି ଓ ମୋହନ ବାଗାନ ସୁପର ଜାଏଣ୍ଟ ମଧ୍ୟରେ ଗୁରୁବାର ଖେଳାଯାଇଥିବା ଇଣ୍ଡିଆନ ସୁପର ଲିଗ୍ ମ୍ୟାଚ୍ ସବୁଦିନେ ମନେରହିବ। ଏହି ମ୍ୟାଚଟି ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲେ ମଧ୍ୟ ବିପଜ୍ଜନକ ଖେଳ ଲାଗି ଅଧିକ ମନେ ରହିବ। ଏଥିରେ ମୁମ୍ବାଇ ସିଟି ୨-୧ ଗୋଲରେ ମୋହନବାଗାନକୁ ପରାସ୍ତ କରିଛି। ଉଭୟ ଦଳ ସମାନ ପଏଣ୍ଟ ସଂଗ୍ରହ କରିଥିଲେ ମଧ୍ୟ ମୁମ୍ବାଇ ଗୋଟିଏ ମ୍ୟାଚ୍ ଅଧିକ ଖେଳିଛି। କିନ୍ତୁ ଏହି ମ୍ୟାଚ୍‌ରେ ରେଫରୀ ୯ଟି ହଳଦିଆ କାର୍ଡ ଓ ୭ଟି ରେଡ୍‌କାର୍ଡ ଦେଇ ଚର୍ଚ୍ଚାରେ ରହିଛନ୍ତି।

## ଦୁର୍ଗାମାଧବ ପ୍ରଥମ ଓଡ଼ିଆ ମ୍ୟାଚ୍ କମିସନର୍



**କଟକ, ୨୧।୧୨ (ସମିସ):** ଓଡ଼ିଶାର ପ୍ରଥମ ବ୍ୟକ୍ତି ଭାବେ ଦୁର୍ଗା ମାଧବ ନାୟକ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍)ର ମ୍ୟାଚ୍ କମିସନର ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଥିସହ ସେ ବର୍ତ୍ତମାନ ଏଆଇଏଫ୍ଏଫ୍ ମ୍ୟାଚ୍ କମିଶନର ହୋଇଛନ୍ତି। ଏହି ସଫଳତା ପାଇବାରେ ଦୁର୍ଗା ରାଜ୍ୟର ପ୍ରଥମ ବ୍ୟକ୍ତି ବୋଲି ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ଏକ ବିବୃତ୍ତିରେ ଗୁରୁବାର କୁହାଯାଇଛି। ଦୁର୍ଗା ମାଧବ ବର୍ତ୍ତମାନ ଫାଓର ରେଫରି ମୁଖ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ଏହି ସଫଳତା ଲାଗି ଫାଓ ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

**ଫାଓ ଯୁଥ୍ ଲିଗ୍**

## କିଟ୍-କିସ୍ ୮-୦ ଗୋଲ୍‌ରେ ବିଜୟୀ

ଭୁବନେଶ୍ୱର, ୨୧।୧୨ (ସମିସ)

ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକରେ ଚାଲିଥିବା ଫାଓ ଯୁଥ୍ ଲିଗ୍‌ର ୧୪ତମ ଦିବସରେ ଗୁରୁବାର ୩ଟି ମ୍ୟାଚ୍ ଖେଳାଯାଇଛି। ଏଥିରେ କିଟ୍-କିସ୍ ଦଳ ୮-୦ ଗୋଲର ବଡ଼ ବ୍ୟବଧାନରେ ଭୁବନେଶ୍ୱରର କିଶୋର କ୍ଲବକୁ ପରାସ୍ତ କରିଛି। ବିଡ଼ାନାସୀ ପଡ଼ିଆରେ ଖେଳାଯାଇଥିବା ଏହି ମ୍ୟାଚରେ ବିଜୟୀ ଦଳପକ୍ଷରୁ ଅଧିନାୟିକା ସୋନାରାମ ସୋରେନ ଓ ଦେବାଶିଷ ମୁର୍ମୁ ୨ଟି ଲେଖାଏ ଗୋଲ୍ ଦେଇଥିଲେ। ସେହିଭଳି ଭଗବାନ ନାୟକ, ଚନ୍ଦ୍ର ରୟ କିସ୍କୁ ଓ ରାମ ମାଝି ଗୋଟିଏ ଲେଖାଏ ସ୍କୋର କରିଥିଲେ। କିଶୋର କ୍ଲବର ସତୀଶ ପାତ୍ର ଏକ ଆମ୍‌ଘାତୀ ଗୋଲ୍ ଦେଇଥିଲେ।

ସେହିଭଳି ବିଡ଼ାନାସୀ ପଡ଼ିଆରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ଚାନ୍ଦ କ୍ଲବ ୨-୦ ଗୋଲରେ ଫାଓ ଏକାଡେମୀକୁ ମାତ୍ ଦେଇଛି। ଚାନ୍ଦ କ୍ଲବର ଅଧିନାୟକ ଶେଖ୍ ସାହଜାଦ ୧୮ତମ ମିନିଟ୍‌ରେ ଓ ଅହନାଫ କ୍ୱାସିମ ୪୩ତମ ମିନିଟ୍‌ରେ ଦ୍ୱିତୀୟ ଗୋଲ୍‌ଟି ଦେଇଥିଲେ। ଏଠାରେ ଖେଳାଯାଇଥିବା ୩ୟ ମୁକାବିଲାରେ ଅଧିନାୟକ କୁନା ମାଝିଙ୍କ ଗୋଲ୍ ବଳରେ କଳିଙ୍ଗନଗର ସ୍ପୋର୍ଟ୍ସ ଏକାଡେମୀ ୧-୦ ଗୋଲରେ ନୀତା ଫୁଟ୍‌ବଲ ଏକାଡେମୀକୁ ହରାଇଦେଇଛି।

## ଜାତୀୟ ଦୃଷ୍ଟିହୀନ ମହିଳା ଟି-୨୦: ଫୁଲ ଓଡ଼ିଶା ଅଧିନାୟିକା

**କଟକ,୨୧।୧୨(ସମିସ):** ଜାତୀୟ ଦୃଷ୍ଟିହୀନ ମହିଳା ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ନିମନ୍ତେ କାଭି ଓଡ଼ିଶା ପକ୍ଷରୁ ଗୁରୁବାର ରାଜ୍ୟ ଦଳ ଘୋଷଣା କରାଯାଇଛି। ଘୋଷିତ ୧୪ଜଣିଆ ରାଜ୍ୟ ଦଳର ନେତୃତ୍ୱ ନେବେ ଭାରତୀୟ ମହିଳା ଦୃଷ୍ଟିହୀନ ଦଳର ଉପଅଧିନାୟିକା ତଥା ଓଡ଼ିଆ ଖେଳାଳି ଫୁଲ ସୋରେନ। ଜାନୁଆରୀ ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଣ୍ଟ ବେଙ୍ଗାଲୁରୁରେ ଖେଳାଯିବ।



**ଓଡ଼ିଶା ଦଳ:** ଯମୁନାରାଣୀ ଟୁଡୁ, ପଦ୍ମିନୀ ଟୁଡୁ, ରୋହି ମୁଣ୍ଡା, ସ୍ମୃତିରେଖା ପ୍ରଧାନ, ଲିଲି ବେହେରା, ପାର୍ବତୀ ମାର୍ଣ୍ଡି, ସୁଲୋଚନା ସିଂହ(ୱିକେଟ କିପର), ବାସନ୍ତୀ ହାଁସଦା, ଲୀନା ସ୍ୱାଇଁ, ରଚନା ଜେନା, ଫୁଲ ସୋରେନ(ଅଧିନାୟିକା), ଜିଲ୍ଲୀ ବିରୁଆ, ମୁନି ପୂର୍ତ୍ତି, ବୀଣା ମାଝୀ।

## ଭାରତୀୟ ମହିଳା ଲିଗ୍: ହାରିଲା ସ୍ପୋର୍ଟ୍ସ ଓଡ଼ିଶା

**ଭୁବନେଶ୍ୱର,୨୧।୧୨(ସମିସ):** ଚଳିତ ଭାରତୀୟ ମହିଳା ଲିଗ୍ (ଆଇଡବ୍ଲ୍ୟୁଏଲ) ରେ ସ୍ପୋର୍ଟ୍ସ ଓଡ଼ିଶା କ୍ଲବ ତା'ର ପ୍ରଥମ ଆୱେ ଅର୍ଥାତ୍ ବାହର ମ୍ୟାଚ୍‌ରେ ପରାସ୍ତ ହୋଇଛି। ସ୍ଥାନୀୟ ବାଙ୍ଗାଲୋର ଫୁଟବଲ ଷ୍ଟାଡିୟମରେ ଗୁରୁବାର ଖେଳାଯାଇଥିବା ଏହି ସଂଘର୍ଷପୂର୍ଣ୍ଣ ମୁକାବିଲାରେ ସ୍ପୋର୍ଟ୍ସ ଓଡ଼ିଶା ୧-୨ ଗୋଲରେ କିକ୍ ଷ୍ଟାର୍ଟ ଏଫ୍‌ସିଠାରୁ ପରାସ୍ତ ହୋଇଛି। ଘରୋଇ ଦଳ ତରଫରୁ କରିସ୍ମା ପୁରୁଷୋତ୍ତମ ଶିରଭୋଇକର ୧୩ ଓ ୩୩ତମ ମିନିଟ୍‌ରେ ଦୁଇଟି ଗୋଲ ସ୍କୋର କରିଥିଲେ। ଅନ୍ୟପଟେ ଓଡ଼ିଶା ପାଇଁ ୨୭ତମ ମିନିଟ୍‌ରେ ରଶ୍ମୀ କୁମାରୀ ଘିସିଂ ଏକମାତ୍ର ଗୋଲ ସ୍କୋର କରିଥିଲେ। ସ୍ପୋର୍ଟ୍ସ ଓଡ଼ିଶା ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ଜାନୁଆରୀ ୬ରେ କେରଳର କୋଝିକୋଟସ୍ଥିତ ଇଏମ୍ଏସ୍ କର୍ପୋରେସନ ଷ୍ଟାଡିୟମରେ ଗୋକୁଲମ କେରଳ ଏଫ୍‌ସିକୁ ଭେଟିବ।

**୨୩ବର୍ଷରୁ କମ୍ ମହିଳା ଟି-୨୦**

## ବିଜୟ ସହ ଓଡ଼ିଶାର ଅଭିଯାନ ଶେଷ


ତନ୍ମୟୀ ବେହେରା


ସାରଦା ମହାନନ୍ଦ


ଶୁଭ୍ରନିର୍ଝରିଣୀ ସ୍ୱାଇଁ

କଟକ,୨୧।୧୨(ସମିସ)

୨୩ବର୍ଷରୁ କମ୍ ମହିଳା ଜାତୀୟ ଟି-୨୦ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାର ଅଭିଯାନ ଶେଷ ହୋଇଛି। ୭ଟି ମ୍ୟାଚ୍‌ରୁ ୩ଟି ବିଜୟ ଓ ୪ଟି ପରାଜୟ ବଳରେ ୧୨ ପଏଣ୍ଟ ହାସଲ କରି ଗ୍ରୁପ-ଏ ସାରଣୀର ୫ମ ସ୍ଥାନରେ ରହିଛି। କୋଲକାତାର ବାରାସତ ଗ୍ରାଉଣ୍ଡରେ ଗୁରୁବାର ଅନୁଷ୍ଠିତ ଅନ୍ତିମ ଲିଗ ମ୍ୟାଚ୍‌ରେ ଓଡ଼ିଶା ୨୨ରନରେ ତ୍ରିପୁରାକୁ ପରାସ୍ତ କରିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୮ ୱିକେଟ ବିନିମୟରେ ୧୧୬ରନ ସଂଗ୍ରହ କରିଥିଲା। ଓପନର ତନ୍ମୟୀ ବେହେରା ସର୍ବାଧିକ ୪୩ରନ କରିଥିଲେ। ତ୍ରିପୁରା ପକ୍ଷରୁ ଆମ୍ରେଶା ଦାସଙ୍କୁ ୩ଟି ୱିକେଟ ମିଳିଥିଲା। ୧୧୭ରନର ବିଜୟ ଲକ୍ଷ୍ୟ ପିଛା କରୁଥିବା ତ୍ରିପୁରା ୭ ୱିକେଟ ହରାଇ ୯୪ରନ କରିବାକୁ ସକ୍ଷମ ହୋଇଥିଲା। ଶୁଭ୍ରନିର୍ଝରିଣୀ ସ୍ୱାଇଁ ୩ଟି, ସାରଦା ମହାନନ୍ଦ ୨ଟି ଏବଂ ରାଣୀ କୁମାରୀ ପ୍ରସାଦ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ।

■ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି

## ଓଡ଼ିଶା ୭୨ରେ ଅଲଆଉଟ୍

**କଟକ,୨୧।୧୨(ସମିସ):** ୧୬ବର୍ଷରୁ କମ୍ ବାଳକ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ଅନ୍ତିମ ଲିଗ ମ୍ୟାଚ୍ ଗୁରୁବାର ଠାରୁ ଆରମ୍ଭ ହୋଇଛି। ଗୌହାଟୀର ଆଇକନ କ୍ରିକେଟ ଏକାଡେମୀ ଗ୍ରାଉଣ୍ଡରେ ଓଡ଼ିଶା ଏବଂ ତାମିଲନାଡୁ ବିପକ୍ଷ ମ୍ୟାଚ୍‌ର ପ୍ରଥମ ଦିବସରେ ୨୦ ୱିକେଟର ପତନ ଘଟିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ମାତ୍ର ୭୨ରନରେ ଅଲଆଉଟ ହୋଇଥିଲା। ଅସୀମ ବରାଡ଼ ୩୦ରନ କରିଥିଲେ। ଅନ୍ୟ ୧୦ଜଣ ଯାକ ବ୍ୟାଟର ଦୁଇ ଅଙ୍କ ଛୁଇଁ ପାରିନଥିଲେ। ତାମିଲନାଡୁର ଜି ହେମଚୁଡେସନ ହ୍ୟାଟ୍ରିକ ସଫଳତା ସହ ମୋଟ ୬ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ତାମିଲନାଡୁର ପ୍ରଥମ ଇନିଂସ୍ ୨୧୫ରନରେ ସୀମିତ ରହିଥିଲା। ମଧ୍ୟକ୍ରମର ବ୍ୟାଟର ଡି ଦୀପେଶ ସର୍ବାଧିକ ୭୫ରନ କରିଥିଲେ। ଓଡ଼ିଶା ପକ୍ଷରୁ ଅଭିନୀତ ପଟ୍ଟନାୟକ ଓ ବିଶାଳ ପ୍ରସାଦ ୪ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ୧୪୩ରନ ପଛରେ ରହିଥିବା ଓଡ଼ିଶା ଶୁକ୍ରବାର ଦ୍ୱିତୀୟଇନିଂସ୍ ଖେଳିବ।

**ଆଇ ଦୁଇ ଦିନ ପରେ କଟକରେ ଅଲ୍ଟିମେଟ୍ ଖୋ ଖୋ-୨**

## ଅକ୍ଷୟ ନେବେ ଗୁଜରାଟ ଜାଏଣ୍ଟ୍ସର ନେତୃତ୍ୱ

ଭୁବନେଶ୍ୱର, ୨୧।୧୨ (ସମିସ)

ଆଇ ଦୁଇ ଦିନ ପରେ ଓଡ଼ିଶାରେ ଆରମ୍ଭ ହେବାକୁ ଯାଉଛି ଅଲ୍ଟିମେଟ୍ ଖୋ ଖୋ'ର ଦ୍ୱିତୀୟ ସଂସ୍କରଣ। ଏଥିଲାଗି ଗୁଜରାଟ ଜାଏଣ୍ଟ୍ସ ଦଳ ଅକ୍ଷୟ ଭାଙ୍ଗରେଙ୍କୁ ଦଳର ଅଧିନାୟକ ଭାର ପ୍ରଦାନ କରିଛି। ସେହିଭଳି ପଟ୍ଟା ନରସାୟାଙ୍କୁ ଦଳର ଉପ-ଅଧିନାୟକ ନିଯୁକ୍ତ କରାଯାଇଛି। ଗୁଜରାଟ ଜାଏଣ୍ଟ୍ସ ଫ୍ରାଞ୍ଚାଇଜ ପକ୍ଷରୁ ଏକ ବିବୃତ୍ତିରେ ଏହା କୁହାଯାଇଛି।



ମୁମ୍ବଇର ବାଳକ ୨୬ ବର୍ଷୀୟ ଅକ୍ଷୟ ପ୍ରଥମଥର ଲାଗି ଏହି ମେଗା ଇଭେଣ୍ଟରେ ଖେଳିବାକୁ ଯାଉଛନ୍ତି। ସ୍କୁଲରେ ପଢୁଥିବାବେଳେ ଖୋ ଖୋ ଖେଳିବା ଆରମ୍ଭ କରିଥିବା ଅକ୍ଷୟ ମହାରାଷ୍ଟ୍ର ପାଇଁ କନିଷ୍ଠ ଓ ବରିଷ୍ଠସ୍ତରରେ ପ୍ରତିନିଧିତ୍ୱ କରିସାରିଛନ୍ତି। ନେତୃତ୍ୱରେ ମଧ୍ୟ ତାଙ୍କର ଅଭିଜ୍ଞତା ରହିଛି। ଏଥିପୂର୍ବରୁ ସେ ମହାରାଷ୍ଟ୍ର ଓ ଭାରତୀୟ ଦଳର ଅଧିନାୟକ ଦାୟିତ୍ୱ ସମ୍ଭାଳିଛନ୍ତି। 'ଅଲ୍ଟିମେଟ୍ ଖୋ ଖୋ'ରେ ଏହା ମୋର ପଦାର୍ପଣ ହେବ। ଗୁଜରାଟ ଜାଏଣ୍ଟ୍ସ ମୋ ଉପରେ ବିଶ୍ୱାସ ରଖି ନେତୃତ୍ୱ ଭାର ପ୍ରଦାନ କରିଥିବାରୁ ମୁଁ ଗର୍ବିତ। ଜାଏଣ୍ଟ୍ସ ଏକ ଶକ୍ତିଶାଳୀ ଦଳ। ଦଳକୁ ଗୌରବାନ୍ୱିତ କରିବା ପାଇଁ ମୁଁ ଶତପ୍ରତିଶତ ଉଦ୍ୟମ କରିବି' ବୋଲି ଅକ୍ଷୟ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଅପରପକ୍ଷରେ ଉପ-ଅଧିନାୟକ ପଟ୍ଟା ନରସାୟାଙ୍କ ଏହା ୨ୟ ସଂସ୍କରଣ ହେବ। ଆଟାକର୍ ଭାବେ ପରିଚିତ ପଟ୍ଟା ଆନ୍ଧ୍ରପ୍ରଦେଶ ରାଜ୍ୟ ଦଳର ନେତୃତ୍ୱ ନେଇସାରିଛନ୍ତି।

ଉଲ୍ଲେଖଯୋଗ୍ୟ, ଅଲ୍ଟିମେଟ୍ ଖୋ ଖୋ'ର ଦ୍ୱିତୀୟ ସଂସ୍କରଣ ରବିବାରଠାରୁ କଟକର ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଆରମ୍ଭ ହେବାକୁ ଯାଉଛି। ଜାନୁଆରୀ ୧୩ରେ ଉଦ୍‌ଯାପିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଡିଫେଣ୍ଡିଂ ଚାମ୍ପିଅନ ଓଡ଼ିଶା ଜଗରନଟ୍ସ ସମେତ, ମୁମ୍ବାଇ ଖିଲାଡିସ୍, ଗୁଜରାଟ ଜାଏଣ୍ଟ୍ସ, ରାଜସ୍ଥାନ ୱାରିୟର୍ସ, ଚେନ୍ନାଇ କୁଇକ୍ ଗନ୍ସ ଓ ତେଲଗୁ ଯୋଦ୍ଧାସ ଅଂଶଗ୍ରହଣ କରୁଛନ୍ତି। ୬ଟି ଦଳରେ ମୋଟ୍ ୧୪୫ ଜଣ ଖେଳାଳି ଏଥିରେ ଭାଗନେବେ। ଡିସେମ୍ବର ୨୪ରେ ଓଡ଼ିଶା ଜଗରନଟ୍ସ ଓ ରାଜସ୍ଥାନ ୱାରିୟର୍ସ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ। ପୂର୍ବରୁ ଗତ ବର୍ଷ ପୁଣେରେ ଏହି ମେଗା ପ୍ରତିଯୋଗିତାର ପ୍ରଥମ ସଂସ୍କରଣ ଖେଳାଯାଇଥିଲା। ଏଥିରେ ତେଲଗୁ ଯୋଦ୍ଧାସକୁ ପରାସ୍ତ କରି ଓଡ଼ିଶା ସରକାରଙ୍କ ଦଳ ଓଡ଼ିଶା ଜଗରନଟ୍ସ ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୨୨ ● ପାଉଣ୍ଡ ୧୦୫.୩୭
- ୟୁରୋ ୯୧.୪୦ ● ୟେନ୍ ୦.୫୮

**ସୁନାରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୫୭,୭୫୦ (ନୂଆଦିଲ୍ଲୀ)
- ରୁପା : ୮୦,୭୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୦,୫୦୬.୦୦
- ନିଫ୍ଟି ୨୧,୧୫୦.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬



# ରାଜ୍ୟସଭାରେ ଟେଲିକମ୍ ବିଲ୍‌କୁ ମୋହର

**ନୂଆଦିଲ୍ଲୀ,୨୧।୧୨(ଏଜେନ୍ସି):**

ଟେଲିକମ୍ ବିଲ୍-୨୦୨୩କୁ ଗୁରୁବାର ରାଜ୍ୟସଭାରେ ଅନୁମୋଦନ ମିଳିଛି। ଗତକାଲି ଏହି ବିଲ୍ ଲୋକସଭାରେ ପାରିତ ହୋଇଥିଲା ବେଳେ ରାଜ୍ୟସଭାରେ ଏହାକୁ ବାଚନିକ ଭୋଟ୍ରେ ମଞ୍ଜୁରୀ ମିଳିଛି। ଫଳରେ ଆଗାମୀ ଦିନରେ ଏହି ବିଲ୍ ଆଇନରେ ପରିଣତ ହେବା ସହିତ ଟେଲିକମ୍ ପରିଚାଳନା କ୍ଷେତ୍ରରେ ରହିଥିବା କେତେକ ପ୍ରାବଧାନରେ ପରିବର୍ତ୍ତନ ଘଟିବ ବୋଲି କୁହାଯାଇଛି। ମୁଖ୍ୟତଃ ଏହି ବିଲ୍ରେ ଟେଲିକମ୍ କ୍ଷେତ୍ରର ପରିଚାଳନା କ୍ଷେତ୍ରକୁ ନେଇ କେନ୍ଦ୍ର ସରକାରଙ୍କ କ୍ଷମତା ବୃଦ୍ଧି ହୋଇପାରେ। କାରଣ ଜାତୀୟ ସୁରକ୍ଷା ଦିଗକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଟେଲିକମ୍ କ୍ଷେତ୍ର ସେବା କ୍ଷେତ୍ରକୁ ନିଜ ହାତକୁ ନେଇପାରିବେ ବୋଲି ଏହି ବିଲ୍ରେ ବ୍ୟବସ୍ଥା ରହିଛି। ସେହିପରି ଉପଗ୍ରହ ସ୍ପେକ୍ଟ୍ରମ୍ ବଣ୍ଟନ କ୍ଷେତ୍ରରେ ମଧ୍ୟ ସରକାରଙ୍କୁ ଅଗାଧ କ୍ଷମତା ମିଳିବ। ବର୍ତ୍ତମାନ ସ୍ପେକ୍ଟ୍ରମ୍ ବଣ୍ଟନ ବ୍ୟବସ୍ଥା ନିଲାମ ପ୍ରକ୍ରିୟା ଦ୍ୱାରା କରାଯାଉଥିଲା ବେଳେ ନୂତନ ବ୍ୟବସ୍ଥାରେ ସରକାର ଏହାକୁ ବିନା ନିଲାମରେ କରିପାରିବେ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ଟେଲିକମ୍ ଗ୍ରାହକଙ୍କ ସ୍ୱାର୍ଥରକ୍ଷା ପାଇଁ ଏହି ବିଲ୍ରେ ଅନେକ ପ୍ରାବଧାନ ରହିଛି।



ଯଦି କୌଣସି ସମୟରେ କୌଣସି ଗ୍ରାହକଙ୍କ କ୍ଷେତ୍ରରେ ଅପରାଧିକ ଷଡ଼ଯନ୍ତ୍ର ରଚନା କରାଯାଏ ତେବେ ଜରୁରୀକାଳୀନ ସ୍ଥିତିରେ ଟ୍ରାନ୍ସମିଶନ ବନ୍ଦ କରାଯାଇ କଲ କିମ୍ବା ମେସେଜ୍କୁ ତର୍ଜମା କରାଯାଇପାରିବ। ଏହି ଅବସରରେ ଟେଲିଯୋଗାଯୋଗ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ, ବିଗତ ୯ ବର୍ଷ ମଧ୍ୟରେ ଦେଶର ଟେଲିକମ୍ କ୍ଷେତ୍ର ବହୁ ପ୍ରତିବନ୍ଧକ ଦେଇ ଗତି କରିଆସିଛି। କିନ୍ତୁ ନୂତନ ଭାରତ ସଙ୍କଳ୍ପକୁ ଦୃଷ୍ଟିରେ ରଖି ଏହି କ୍ଷେତ୍ରର ସୁପରିଚାଳନା ଏବଂ ଗ୍ରାହକମାନଙ୍କ ସୁବିଧା ଲାଗି ନୂଆ ବିଲ୍ରେ ଅନେକ ବ୍ୟବସ୍ଥା କରାଯାଇଥିବା ସେ କହିଛନ୍ତି।

# ଦେଶର ଋଣ ପରିମାଣ ୨୦୫ ଲକ୍ଷ କୋଟି

**ନୂଆଦିଲ୍ଲୀ ,୨୧।୧୨(ଏଜେନ୍ସି):** ଇତିମଧ୍ୟରେ ଭାରତର ମୋଟ ଋଣ ପରିମାଣ ୨.୪୭ ଟ୍ରିଲିୟନ ଡଲାର ବା ୨୦୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଚଳିତ ଆର୍ଥିକ ବର୍ଷ(୨୦୨୩-୨୪)ର ଦ୍ୱିତୀୟ ତ୍ରୟମାସ ଶେଷ ସୁଦ୍ଧା ଦେଶର ମୋଟ ଋଣ ପରିମାଣ ୨୦୫ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଥିବା ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଦିଆଯାଇଥିବା ତଥ୍ୟରୁ ଜଣାପଡ଼ିଛି। ୨୦୨୨-୨୩ ଆର୍ଥିକ ବର୍ଷର ଶେଷ ତ୍ରୟମାସ କାଳରେ ଋଣ ପରିମାଣ ୨୦୦ ଲକ୍ଷ କୋଟି ଟଙ୍କା ରହିଥିଲା ବେଳେ ଏହାର ଠିକ୍ ୬ ମାସ ପରେ ଏଥିରେ ଆଉ ୫ ଲକ୍ଷ କୋଟି ଟଙ୍କା ବୃଦ୍ଧି ଘଟିଛି। ତେବେ ଏଥିମଧ୍ୟରୁ କେବଳ କେନ୍ଦ୍ର ସରକାରଙ୍କ ଭାଗ ୧.୩୪ ଟ୍ରିଲିୟନ ଡଲାର ବା ୧୬୧.୧ ଲକ୍ଷ କୋଟି ଟଙ୍କା ରହିଛି। ୨୦୨୨-୨୩ ଆର୍ଥିକ ବର୍ଷର ଶେଷ ତ୍ରୟମାସରେ କେନ୍ଦ୍ର ସରକାରଙ୍କ ଋଣ ଭାଗ ୧୫୦.୪ ଲକ୍ଷ କୋଟି ଟଙ୍କା ରହିଥିଲା ବେଳେ ୨୦୨୩-୨୪ ଦ୍ୱିତୀୟ ତ୍ରୟମାସରେ ଏହି ପରିମାଣ ୧୬୧.୧ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଥିବା ଇଣ୍ଡିଆବଣ୍ଡସ ଡଟ୍ କମ୍‌ର ସହ ପ୍ରତିଷ୍ଠାତା ବିଶାଲ ଗୋଏଙ୍କା କହିଛନ୍ତି। ଏହି ସଂସ୍ଥା ଭାରତୀୟ ରିଜର୍ଭ ବ୍ୟାଙ୍କ, କ୍ଲିୟରିଂ କର୍ପୋରେସନ ଅଫ୍ ଇଣ୍ଡିଆ ଏବଂ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ତଥ୍ୟକୁ ଆଧାର କରି ଏହା କହିଛି। ଦେଶର ମୋଟ ଋଣରେ କେନ୍ଦ୍ର ସରକାରଙ୍କ ଭାଗ ସର୍ବାଧିକ ୪୬.୦୪ ପ୍ରତିଶତ ରହିଛି। ସେହିପରି ରାଜ୍ୟସମୂହଙ୍କ ଋଣର ଭାଗ ୨୪.୪ ପ୍ରତିଶତ ରହିଛି। ରାଜ୍ୟଗୁଡ଼ିକ ଉପରେ ମୋଟ ୫୦.୧୮ ଲକ୍ଷ କୋଟି ଟଙ୍କାର ଋଣ ରହିଛି। ଟ୍ରେଜେରୀ ବିଲ୍ ପରିମାଣ ୯.୨୫ ଲକ୍ଷ କୋଟି ଟଙ୍କା ରହିଛି ଯାହା କି ମୋଟ ଋଣର ୪.୫୧ ପ୍ରତିଶତ। ସେହିପରି କର୍ପୋରେଟ୍ ବଣ୍ଡ ପରିମାଣ ୪୪.୧୬ ଲକ୍ଷ କୋଟି ଟଙ୍କା ରହିଥିବା ବେଳେ ଏହାର ଭାଗ ୨୧.୫୨ ପ୍ରତିଶତ ରହିଛି।

**କ୍ଲୋରଫେନିରାମାଇନ ମାଲେଟ, ଫିନାଇଲଫ୍ରାଇନ ଥିବା କଫ୍ ସିରପ୍ ବିପଜ୍ଜନକ**

# ୪ ବର୍ଷରୁ କମ୍ ଶିଶୁଙ୍କୁ ଦିଅନି: ଡିସିଜିଆଇ

**ମୁମ୍ବଇ, ୨୧।୧୨ (ଏଜେନ୍ସି):** କ୍ଲୋରଫେନିରାମାଇନ ମାଲେଟ ଏବଂ ଫିନାଇଲଫ୍ରାଇନ ଥିବା କଫ ସିରପ ଶିଶୁଙ୍କ ପାଇଁ ବିପଜ୍ଜନକ। ୪ ବର୍ଷରୁ କମ୍ ଶିଶୁଙ୍କୁ ଏହି ସିରପ ନ ଦେବା ଉଚିତ ବୋଲି ଭାରତର ଡ୍ରଗ୍ କଣ୍ଟ୍ରୋଲର ଜେନେରାଲ (ଡିସିଜିଆଇ) କହିଛନ୍ତି। ସାଧାରଣତଃ କ୍ଲୋରଫେନିରାମାଇନ ମାଲେଟ ଆଇପି ୨ଏମଜି ଏବଂ ଫିନାଇଲଫ୍ରାଇନ ଏଚ୍‌ସିଏଲ ୫ଏମଜିର ମିଶ୍ରଣ ଥିବା ସିରପ ଥଣ୍ଡାଖାସ ଏବଂ ଜ୍ୱରର ଚିକିତ୍ସା ପାଇଁ ଦିଆଯାଇଥାଏ। ଗତ ୧୮ ତାରିଖର ଫିକ୍ସଡ ଡ୍ରଗ୍ସ କମ୍ବିନେସନ (ଏଫ୍‌ଡିସି)କୁ ନେଇ ଡିସିଜିଆଇ ସମସ୍ତ ରାଜ୍ୟଙ୍କୁ ଚିଠି ଲେଖିଥିଲେ। ଏଥିରେ କ୍ଲୋରଫେନିରାମାଇନ ମାଲେଟ ଏବଂ ଫିନାଇଲଫ୍ରାଇନ ମିଶ୍ରଣରେ ପ୍ରସ୍ତୁତ କଫ ସିରପରେ କାହାର କେତେ ମାତ୍ରା ରହିଛି ଲେଖିବାକୁ କହିଥିଲେ। ଏହା ସହିତ ଔଷଧ ଉପରେ ଚେତାବନୀ ଲେଖିବାକୁ ନିର୍ଦ୍ଦେଶ ଦେଇଥିଲେ। ୪ ବର୍ଷରୁ କମ୍ ଶିଶୁଙ୍କୁ ପାଇଁ ଏହା ଅନୁପଯୁକ୍ତ ବୋଲି ଲେଖିବାକୁ କହିଥିଲେ। ବିନା ଅନୁମତିରେ ଶିଶୁଙ୍କ ଥଣ୍ଡାକାଶର ଚିକିତ୍ସାରେ ବ୍ୟବହୃତ ମିଶ୍ରଣ ତଥା ସୂତ୍ରକୁ ନେଇ ଡିସିଜିଆଇ ଚିନ୍ତା ପ୍ରକଟ କରିଛନ୍ତି।

ଥଣ୍ଡାକାଶର ଚିକିତ୍ସାରେ ବ୍ୟବହୃତ 'ଓଭର ଦ କାଉଣ୍ଟର ଡ୍ରଗ୍ସ'କୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ଚିନ୍ତା ପ୍ରକଟ କରିଛି। ଡାକ୍ତରଙ୍କ ବିନା ପରାମର୍ଶରେ ନିଆଯାଉଥିବା ଔଷଧକୁ 'ଓଭର ଦ କାଉଣ୍ଟର ଡ୍ରଗ୍ସ' କୁହାଯାଇଥାଏ। ସୂଚନାଯୋଗ୍ୟ ଯେ ୨୦୧୯ରେ ଭାରତରେ ପ୍ରସ୍ତୁତ କଫ ସିରପ ପିଇ ୧୨ ଶିଶୁଙ୍କ ମୃତ୍ୟୁ ହୋଇଥିଲା। ୪ ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇ ଯାଇଥିଲା। ଏହା ପରେ ଭାରତ ଚଳିତ ବର୍ଷ ଜୁନ୍‌ରେ ରପ୍ତାନୀ କରାଯାଉଥିବା କଫ ସିରପର ପରୀକ୍ଷଣକୁ ବାଧ୍ୟତାମୂଳକ କରିଦେଇଥିଲା। ସୁରକ୍ଷା ମାନଦଣ୍ଡ ମଧ୍ୟ କଡ଼ା କରାଯାଇଥିଲା। ତେବେ ଯେଉଁ କମ୍ପାନୀର କଫ୍ ସିରପ ପିଇ ଶିଶୁଙ୍କ ମୃତ୍ୟୁ ହୋଇଥିଲା, ସେହି କମ୍ପାନୀ କୌଣସି ପ୍ରକାରର ତ୍ରୁଟି ହୋଇ ନ ଥିବା କହିଥିଲା।

# ଟାଟା ପାୱାର ଡିସ୍କମ୍‌ର 'ଓଃ ମାଇଁ ବିଉଟିଫୁଲ୍ ଓଡ଼ିଶା' ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ



**ଟିପି ଓଡ଼ିଶା କ୍ୟାଲେଣ୍ଡର ୨୦୨୪ ଉନ୍ମୋଚିତ**

**୧୩ ବିଜେତାଙ୍କୁ ୧୫,୦୦୦ ଟଙ୍କାର ନଗଦ ପୁରସ୍କାର**

**ଭୁବନେଶ୍ୱର,୨୧।୧୨(ସମିସ):** ପାୱାର ନେତୃତ୍ୱାଧୀନ ଡିସ୍କମ୍‌ଗୁଡ଼ିକ ପକ୍ଷରୁ 'ଓଃ ମାଇଁ ବିଉଟିଫୁଲ ଓଡ଼ିଶା' ଫଟୋଗ୍ରାଫି ପ୍ରତିଯୋଗିତାର ବିଜେତାମାନଙ୍କୁ ସମ୍ମାନିତ କରିବା ଉଦ୍ଦେଶ୍ୟରେ ଭବ୍ୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।ଓଡ଼ିଶାର ସଂସ୍କୃତି, ପ୍ରକୃତି, ସ୍ଥାପତ୍ୟ, ଓ ଐତିହ୍ୟକୁ ନେଇ ଆୟୋଜିତ ଏହି ଅଭିଯାନରେ ସାରା ଓଡ଼ିଶାରୁ ୭୦୦୦ରୁ ଅଧିକ ଫଟୋଗ୍ରାଫରଙ୍କ ଆବେଦନ ସହ ବିପୁଳ ସମର୍ଥନ କରିଥିଲା।ଭୁବନେଶ୍ୱର ଠାରେ ଆୟୋଜିତ ଏହି ଭବ୍ୟ ସମାରୋହରେ ଓଡ଼ିଶା ସରକାରଙ୍କ ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ଓ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଟା ପାୱାରର ଟ୍ରାନ୍ସମିଶନ ଆଣ୍ଡ ଡିଷ୍ଟ୍ରିବ୍ୟୁସନ ସଭାପତି ସୟ ବାଙ୍ଗା, ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂହ, ଟିପିଡବ୍ଲୁଓଡିଏଲ୍‌ର ସିଇଓ ଗଜାନନ କାଲେ, ଟିପିଏନ୍‌ଓଡିଏଲ୍‌ର ସିଇଓ ଭାସ୍କର ସରକାର ଏବଂ ଟିପିଏସ୍‌ଓଡିଏଲ୍‌ର ସିଇଓ ଅମିତ ଗର୍ଗଙ୍କ ସହ ଅନ୍ୟ ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ। ଏହି ସମାବେଶ ବିଜେତାମାନଙ୍କୁ ସେମାନଙ୍କର ଉଲ୍ଲେଖନୀୟ କଳାତ୍ମକ ଅବଦାନ ପାଇଁ ପ୍ରଶଂସା କରିଥିବା ବେଳେ ଓଡ଼ିଶାର ସୌନ୍ଦର୍ଯ୍ୟ ଓ ଭାବକୁ ପ୍ରଭାବଶାଳୀ ଢଙ୍ଗରେ ଉପସ୍ଥାପନ କରିଥିଲା। ଏଥିରେ ଶ୍ରେଷ୍ଠ ୧୩ ବିଜେତାଙ୍କୁ ଚୟନ କରାଯିବା ସହିତ ସେମାନଙ୍କୁ ଟିପି ଓଡ଼ିଶା ୨୦୨୪ କ୍ୟାଲେଣ୍ଡରରେ ସ୍ଥାନ ଦେବାକୁ ଘୋଷଣା କରାଯାଇଥିଲା। ଏହାବ୍ୟତୀତ ପୂର୍ବ ଘୋଷଣା ଅନୁଯାୟୀ ସମସ୍ତ ବିଜେତାଙ୍କୁ ନଗଦ ୧୫ ହଜାର ଟଙ୍କା ଲେଖାଏଁ ପୁରସ୍କାର ଓ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ବିଜୟୀ ପ୍ରାର୍ଥୀମାନେ ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉତ୍ତୋଳନ କରିବା ସହ ସେମାନଙ୍କ କ୍ୟାମେରା ଲେନ୍‌ସରେ ଏହାର ସାଂସ୍କୃତିକ ଐତିହ୍ୟକୁ ଉପସ୍ଥାପନ କରିଥିଲେ। ଏହି ଅବସରରେ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ କହିଛନ୍ତି ଯେ, "ଟାଟା ପାୱାର ସାରା ରାଜ୍ୟରେ ଅଗଣିତ ଜୀବନକୁ ଆଲୋକିତ କରୁଛି ଏବଂ ରାଜ୍ୟରେ ବିଦ୍ୟୁତ ଭିତ୍ତିଭୂମିର ଉନ୍ନତି ଦିଗରେ ନିରନ୍ତର କାର୍ଯ୍ୟ କରୁଛି। ନୂଆବର୍ଷର ପ୍ରାରମ୍ଭରେ 'ଓଃ ମାଇଁ ବିଉଟିଫୁଲ୍ ଓଡ଼ିଶା' କ୍ୟାଲେଣ୍ଡର ଜରିଆରେ ସେମାନେ ଭୂଭାଗ, ସଂସ୍କୃତି ଓ ଐତିହାସିକ ସ୍ଥଳଗୁଡ଼ିକୁ ପ୍ରଦର୍ଶିତ କରିବାକୁ ପ୍ରୟାସ କରିଛନ୍ତି।

# ରାଜ୍ୟର ୯ ଗ୍ରାମରେ ଏଚ୍‌ସିସିବିର ଗୋଷ୍ଠୀ ଉନ୍ନୟନ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୧।୧୨(ସମିସ):** ପ୍ରମୁଖ ଏଫଏମଜିସି କମ୍ପାନୀ ହିନ୍ଦୁସ୍ତାନ କୋକାକୋଲା ବେଭରେଜ୍ (ଏଚସିସିବି) ୱାଇ୪ଡି ଫାଉଣ୍ଡେଶନ ସହିତ ମିଳିତ ଭାବେ ଖୋର୍ଦ୍ଧା ଜିଲ୍ଲାର ୯ଟି ଗାଁରେ ବିକାଶମୂଳକ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ପ୍ରସ୍ତୁତି ନେଇଛି। ଏହାଦ୍ୱାରା ପ୍ରାୟ ୩୨,୦୦୦ ଲୋକ ଉପକୃତ ହୋଇପାରିବେ। ଏହାଛଡ଼ା କମ୍ପାନୀର ଆଗାମୀ କାର୍ଯ୍ୟକ୍ରମ ମାଧ୍ୟମରେ ଓଡିଶାର ଚୟନକୃତ ୨,୭୦୦ ବ୍ୟକ୍ତି ବିଶେଷଙ୍କୁ ସଶକ୍ତ କରିବାକୁ ଏକ ବହୁମୁଖୀ କାର୍ଯ୍ୟକ୍ରମ ମଧ୍ୟ କାର୍ଯ୍ୟକାରୀ କରାଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।ଟାଙ୍ଗି ବସ୍ତି, ବଧା, ଶବର ସାହି, ଜେମାଦେଈ, ମୁକୁନ୍ଦ ପ୍ରସାଦ, ଗୁରୁଜଙ୍ଗ, କୁମାରବସ୍ତ, ତିରୁମଲ, ଏବଂ ଭାଲିଆବାଡି ଗ୍ରାମରେ ଗୋଷ୍ଠୀ ଉନ୍ନୟନ ପ୍ରକଳ୍ପଗୁଡ଼ିକ ଏକ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବ ବୋଲିକମ୍ପାନୀ ଆଶା ପୋଷଣ କରିଛି। ଏହି ପଦକ୍ଷେପ ଦ୍ୱାରା ସ୍ଥାନୀୟ ବାସିନ୍ଦାଙ୍କ ଜୀବନଶୈଳୀରେ ପରିବର୍ତ୍ତନ ସହିତ ଦୀର୍ଘସ୍ଥାୟୀ ବିକାଶ ଉପରେ ଗୁରୁତ୍ୱାରୋପ କରାଯିବ। ଏହି ପ୍ରକଳ୍ପଗୁଡିକ ବିଭିନ୍ନ ପ୍ରକାରର ଆବଶ୍ୟକତାକୁ ସମାଧାନ କରିବା ପାଇଁ ପରିକଳ୍ପନା କରାଯାଇଛି। ଶିକ୍ଷା ସୁବିଧାଠାରୁ ଆରମ୍ଭ କରି ବିଶୁଦ୍ଧ ପାନୀୟ ଜଳର ସୁବିଧା ସୁନିଶ୍ଚିତ କରିବା ଏବଂ ସୁସ୍ଥ ଓ ଶିକ୍ଷିତ ଗୋଷ୍ଠୀଙ୍କ ପାଇଁ ମୂଳଦୁଆ ପକାଇବ ଲକ୍ଷ୍ୟ ରଖାଯାଇଛି।ଡବ୍ଲୁଏଏସଏଚ (ଜଳ, ପରିମଳ ଏବଂ ସ୍ୱଚ୍ଛତା) କାର୍ଯ୍ୟକ୍ରମ ପ୍ରବର୍ତ୍ତନ ଦ୍ୱାରା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ଯଥେଷ୍ଟ ହ୍ରାସ ପାଇବ ବୋଲି ଆଶା କରାଯାଉଥିବାବେଳେ ଦୀର୍ଘସ୍ଥାୟୀ କୃଷି ଅଭ୍ୟାସ ସ୍ଥାନୀୟ ଅର୍ଥନୀତିରେ ବିକାଶ କରିବ ଏବଂ ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିବ ବୋଲି କୁହାଯାଇଛି। ଏହି ଅବସରରେ କମ୍ପାନୀର ଜନସମ୍ପର୍କ ବିଭାଗ ମୁଖ୍ୟ ଅଧିକାରୀ ହିମାଂଶୁ ପ୍ରିୟଦର୍ଶୀ କହିଛନ୍ତି ଯେ,ସାମାଜିକ-ଅର୍ଥନୈତିକ ସ୍ଥିତିରେ ପରିବର୍ତ୍ତନ ପାଇଁ ଶିଳ୍ପ କ୍ଷେତ୍ରର ପ୍ରମୁଖ ଭୂମିକା ରହିଛି। ଏହିକ୍ରମରେ ଖୋର୍ଦ୍ଧା ଜିଲ୍ଲାର ଗୋଷ୍ଠୀ ଉନ୍ନୟନ ପାଇଁ କମ୍ପାନୀର ପ୍ରତିବଦ୍ଧତା ସ୍ୱରୂପ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ସେ କହିଛନ୍ତି।

**ପୂର୍ବତନ ସେନା କର୍ମଚାରୀଙ୍କୁ ମିଳିବ ନିଯୁକ୍ତି ସୁଯୋଗ**

# ଭାରତୀୟ ତଟରକ୍ଷୀ ବାହିନୀ ସହ ଆମାଜନ ଇଣ୍ଡିଆର ଏମ୍‌ଓୟୁ ସ୍ୱାକ୍ଷର

**ନୂଆଦିଲ୍ଲୀ,୨୧।୧୨(ଏଜେନ୍ସି):** ପୂର୍ବତନ ସେନା କର୍ମଚାରୀମାନଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରିବା ଲାଗି ଆମାଜନ ଇଣ୍ଡିଆ ପକ୍ଷରୁ ଭାରତୀୟ ତଟରକ୍ଷୀ ବାହିନୀ(ଆଇସିଜି) ସହ ବୁଝାମଣା(ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି।ମହିଳା, ଏଲ୍‌ଜିବିଟିକ୍ୟୁଆଇଏ+, ବରିଷ୍ଠ ସେନା ଅଧିକାରୀ, ଦିବ୍ୟାଙ୍ଗ ବ୍ୟକ୍ତି ଏବଂ ଅନ୍ୟ ଶ୍ରେଣୀର ଲୋକଙ୍କ ସମେତ ପ୍ରତିଭାସମ୍ପନ୍ନ ସମୁଦାୟକୁ ନିଯୁକ୍ତି ସୁଯୋଗ ଯୋଗାଇ ଦେବାକୁ ଆମାଜନ ପ୍ରତିବଦ୍ଧ ରହିଥିବା କହିଛି।ବିଗତ କିଛି ବର୍ଷ ମଧ୍ୟରେ ଆମାଜନ ଇଣ୍ଡିଆ କାର୍ଯ୍ୟକ୍ଷେତ୍ରରେ ବିବିଧତା, ସମାନତା ଓ ଅନ୍ତର୍ଭୁକ୍ତୀକରଣ ଆଣିବା ପାଇଁ ଏକାଧିକ ପଦକ୍ଷେପ ଆରମ୍ଭ କରିଛି। ଅଗଷ୍ଟ ୨୦୧୯ରେ ଆମାଜନ ଇଣ୍ଡିଆ ପକ୍ଷରୁ ଭାରତବ୍ୟାପୀ କମ୍ପାନୀ ଫୁଲ୍‌ଫିଲମେଣ୍ଟ ନେଟ୍‌ୱର୍କରେ ଅବସରପ୍ରାପ୍ତ ସେନା ଅଧିକାରୀ କିମ୍ବା ସେମାନଙ୍କ ପତ୍ନୀଙ୍କ ପାଇଁ ଏକାଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ "ମିଲିଟାରୀ ଭେଟେରାନ୍‌ସ ଏମ୍ପ୍ଲୟମେଣ୍ଟ ପ୍ରୋଗ୍ରାମ'ର ଶୁଭାରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଆର୍ମି ୱେଲ୍‌ଫେୟାର ପ୍ଲେସ୍‌ମେଣ୍ଟ ଅର୍ଗାନାଇଜେଶନ (ଏଡବ୍ଲୁପିଓ) ସହଭାଗିତାରେ ଉନ୍ମୋଚିତ ହୋଇଥିଲା। ନିକଟରେ ଆମାଜନ ଇଣ୍ଡିଆ ଡାଇରେକ୍ଟୋରେଟ୍ ଜେନେରାଲ ରିସେଟେଲ୍‌ମେଣ୍ଟ (ଡିଜିଆର) ସହ ଏମ୍‌ଓୟୁକୁ ନବୀକରଣ କରି ଭାରତରେ ଏହାର ବର୍ଦ୍ଧିତ ପରିଚାଳନା ନେଟ୍‌ୱର୍କରେ ପୂର୍ବତନ ସେନା କର୍ମଚାରୀଙ୍କୁ ନିଯୁକ୍ତି ସୁଯୋଗ ଦେବାକୁ ପ୍ରସ୍ତୁତି ନେଇଛି। ଏସମ୍ପର୍କରେ ଆମାଜନ ଇଣ୍ଡିଆ ପକ୍ଷରୁ ଭିପି ଦୀପ୍ତି ବର୍ମା କହିଛନ୍ତି ଯେ, ଆମାଜନ କାର୍ଯ୍ୟକ୍ଷେତ୍ରରେ ବିବିଧତା, ସମାନତା ଓ ଅନ୍ତର୍ଭୁକ୍ତୀକରଣକୁ ଶକ୍ତିଶାଳୀ କରିବା ନେଇ ପ୍ରୟାସ ଜାରି ରଖିଛି।ପୂର୍ବତନ ସେନା କର୍ମଚାରୀମାନଙ୍କ ଅଭିଜ୍ଞତା ଓ ସ୍ୱତନ୍ତ୍ର ଦୃଷ୍ଟିକୋଣର ମୂଲ୍ୟବାନ ସମ୍ପତିର ଗଭୀର ପ୍ରଶଂସା କାରଣରୁ ଆମାଜନ ସାରା ବିଶ୍ୱରେ ମିଲିଟାରୀ ଭେଟେରାନ୍‌ସ ଏମ୍ପ୍ଲୟମେଣ୍ଟ ପ୍ରୋଗ୍ରାମ ପରିଚାଳନା କରୁଛି। ଏହି ଏମ୍‌ଓୟୁ ସ୍ୱାକ୍ଷରିତ ହେବା ଦ୍ୱାରା ପୂର୍ବତନ ସେନା କର୍ମଚାରୀ ଓ ସେମାନଙ୍କ ପରିବାର ପାଇଁ କାର୍ଯ୍ୟ ସୁଯୋଗ ସୃଷ୍ଟି କରିବାର ଏକ ସାଧାରଣ ଲକ୍ଷ୍ୟ ଦିଗରେ ଭାରତୀୟ ତଟରକ୍ଷୀ ବାହିନୀ ସହ ମିଶି କାର୍ଯ୍ୟ କରିବା ପାଇଁ ଉତ୍ସାହ ଦ୍ୱିଗୁଣିତ ହୋଇଛି ବୋଲି ସେ କହିଛନ୍ତି।





ମୁମ୍ବାଇରେ ରିଲାଏନ୍ସ ଜିଓ ପକ୍ଷରୁ ଆୟୋଜିତ ' ହାମଲେଜ୍ ୱଣ୍ଡରଲ୍ୟାଣ୍ଡ' କାର୍ଯ୍ୟକ୍ରମରେ ସହରର ବିଭିନ୍ନ ଅବହେଳିତ ଇଲାକାରୁ ଆସିଥିବା ୯୦୦ ପିଲାଙ୍କ ସହ ଇଶା ଅମ୍ବାନୀ

# ପୋକୋ ସି-୬୫ର ବଜାର ପ୍ରବେଶ

**ପ୍ରାରମ୍ଭିକ ମୂଲ୍ୟ ୭୪୯୯ ଟଙ୍କା**




**ମୁମ୍ବାଇ,୨୧।୧୨(ଏଜେନ୍ସି):** ଅଗ୍ରଣୀ ଟେକ୍ନୋଲୋଜି ବ୍ରାଣ୍ଡ ପୋକୋ ପକ୍ଷରୁ ଏହାର ନୂତନ ଡିଭାଇସ୍ ପୋକୋ ସି-୬୫ର ଶୁଭାରମ୍ଭ କରାଯାଇଛି। ଯାହାର ପ୍ରାରମ୍ଭିକ ମୂଲ୍ୟ ମାତ୍ର ୭୪୯୯ ଟଙ୍କା ରହିଛି। ଏହି ଡିଭାଇସ୍‌କୁ ଏହାର ମିଡିଆଟେକ୍ ହେଲିଓ ଜି୮୫ ଚିପ୍‌ସେଟ୍ ସହିତ ଷ୍ଟାଇଲ୍ ଓ ଚମତ୍କାର ପ୍ରଦର୍ଶନ ପ୍ରଦାନ କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଛି।ହାଲୁକା ଓ ଏର୍ଗୋନୋମିକ୍ ଡିଜାଇନ୍ ସହିତ ନଚ୍-ଫ୍ରି ୱାଟର୍ ଡ୍ରପ୍ ଡିଜାଇନରେ ଏହାର ପ୍ରସ୍ତୁତି କରାଯାଇଛି। ଏହାବ୍ୟତୀତ ପୋକୋ ସି୬୫ରେ ଆକର୍ଷଣୀୟ ୬.୭୪ ଇଞ୍ଚ ଏଚ୍‌ଡି+ ୯୦ଏଚ୍‌ଜେଡ୍ ଡିସ୍‌ପ୍ଲେ ରହିଛି। ଏହି ଡିଭାଇସ୍‌ରେ ବିବିଧ ଫଟୋଗ୍ରାଫି କ୍ଷମତା ପାଇଁ ଏକ ୫୦ଏମ୍‌ପି ଏଆଇ ଟ୍ରିପଲ ରିୟର କ୍ୟାମେରା, ୮ ଏମ୍‌ପି ଫ୍ରଂଟ୍ କ୍ୟାମେରା ଓ ଫିଲ୍ମ ଫିଲ୍ଟର, ନାଇଟ୍ ମୋଡ୍, ଡେପ୍‌ଥ କଂଟ୍ରୋଲ ସହ ଏଆଇ ପୋର୍ଟ୍ରେଟ୍ ମୋଡ୍ ଆଦି ରହିଛି। ଏଥିରେ ୧୮ ୱାଟ୍ ଫାଷ୍ଟ ଚାର୍ଜିଂ ସପୋର୍ଟ ସହିତ ୫୦୦୦ ଏମ୍‌ଏଏଚ୍ ବ୍ୟାଟେରୀ ଓ ୩.୫ ଏମ୍‌ଏମ୍ ହେଡ୍‌ଫୋନ୍ ଜ୍ୟାକ୍ ରହିଛି। ଏହି ମଡେଲ ଚଳିତ ଡିସେମ୍ବର ୧୮ ତାରିଖରୁ ଫ୍ଲିପ୍‌କାର୍ଟରେ ଦୁଇଟି ରଙ୍ଗରେ ଉପଲବ୍ଧ ହେଉଛି। ଏବଂ ଏହାର ପ୍ରାରମ୍ଭିକ ମୂଲ୍ୟ ୭୪୯୯ ଟଙ୍କା ରହିଛି। ଏହି ସ୍ମାର୍ଟଫୋନ୍‌ର ୪+୧୨୮ ଜିବି ଭାରିଆଣ୍ଟ ମୂଲ୍ୟ ୮୪୯୯ ଟଙ୍କା ରହିଥିଲା ବେଳେ ୬+୧୨୮ ଜିବି ଭାରିଆଣ୍ଟ ମୂଲ୍ୟ ୯୪୯୯ ଏବଂ ୮+୨୫୬ ଜିବି ଭାରିଆଣ୍ଟ ମୂଲ୍ୟ ୧୦,୯୯୯ ଟଙ୍କା ରହିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି।

# ପାନ୍-ଆଧାର ସଂଯୋଗ ବିଳମ୍ବ ପାଇଁ ଆଦାୟ ହୋଇଛି ୨୧୨୫ କୋଟି

**ନୂଆଦିଲ୍ଲୀ,୨୧।୧୨(ଏଜେନ୍ସି):** ପାନ୍-ଆଧାର ସଂଯୋଗ ପାଇଁ ରହିଥିବା ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଯେଉଁମାନେ ଏହାକୁ କରି ନଥିଲେ ସେମାନଙ୍କ ପାଇଁ ଅତିରିକ୍ତ ଦେୟ ପୈଠ ମାଧ୍ୟମରେ ଏହାକୁ କରିବାକୁ ସୁଯୋଗ ଦିଆଯାଇଥିଲା। ହେଲେ ଏହି ବ୍ୟବସ୍ଥା ଯେଉଁମାନେ ପାନ୍-ଆଧାର ସଂଯୋଗ କରିଛନ୍ତି ସେମାନଙ୍କ ଠାରୁ କେନ୍ଦ୍ର ସରକାର ଏପର୍ଯ୍ୟନ୍ତ ୨,୧୨୫ କୋଟି ଟଙ୍କାର ଆଦାୟ କରିଛନ୍ତି ବୋଲି ଅର୍ଥମନ୍ତ୍ରାଳୟ ପକ୍ଷରୁ ସୂଚନା ଦିଆଯାଇଛି। ୨୦୨୩ ଜୁନ ୩୦ ତାରିଖ ଯାଏଁ ବିନା କୌଣସି ଅତିରିକ୍ତ ଦେୟରେ ପାନ୍-ଆଧାର ସଂଯୋଗ ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା। ଏହାପରେ ଯେଉଁମାନେ ପାନ୍ ସହ ଆଧାର ସଂଯୋଗ କରିଥିଲେ ସେମାନଙ୍କ ଠାରୁ ୧୦୦୦ ଟଙ୍କା ଲେଖାଏଁ ଦେୟ ଆଦାୟ କରାଯାଇଥିଲା। ଏହିକ୍ରମରେ ଗତ ଜୁଲାଇ ୧ ତାରିଖ ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୨୧୨୫ କୋଟି ଟଙ୍କା ଆଦାୟ କରାଯାଇଛି ବୋଲି ସଂସଦରେ ପ୍ରଶ୍ନୋତ୍ତର କାଳରେ କେନ୍ଦ୍ର ସରକାର ସୂଚନା ଦେଇଛନ୍ତି। ସଂସଦର ଶୀତକାଳୀନ ଅଧିବେଶନରେ ରାଜ୍ୟସଭା ସାଂସଦ ଫୁଲୋ ଦେବୀ ନେତାମ ଏ ସମ୍ପର୍କରେ ଅର୍ଥମନ୍ତ୍ରାଳୟକୁ ପ୍ରଶ୍ନ କରିଥିଲା ବେଳେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ

**୨୦୨୩ର ଶିଳ୍ପପତିଙ୍କ ସମ୍ପତ୍ତି ଆକଳନ**

# ଟପ୍‌ରେ ସାବିତ୍ରୀ ଜିନ୍ଦଲ; ବର୍ଷକରେ ୮୦ ହଜାର କୋଟି ବୃଦ୍ଧି

**ନୂଆଦିଲ୍ଲୀ,୨୧।୧୨(ଏଜେନ୍ସି):**

୨୦୨୩ରେ ଭାରତର ପ୍ରତିଷ୍ଠିତ ଶିଳ୍ପପତିମାନଙ୍କ ସମ୍ପତ୍ତି ବୃଦ୍ଧିକୁ ନେଇ ଏକ ରିପୋର୍ଟ ପ୍ରକାଶ କରାଯାଇଛି। ଏହି ତାଲିକାର ଶୀର୍ଷରେ ଓପି ଜିନ୍ଦଲ ଗ୍ରୁପ୍‌ର ଅଧ୍ୟକ୍ଷା ସାବିତ୍ରୀ ଜିନ୍ଦଲ ରହିଛନ୍ତି। ବ୍ଲୁମ୍‌ବର୍ଗ ବିଲିୟନେୟାର ସୂଚୀ ଅନୁସାରେ ୨୦୨୩ରେ ଦେଶର ଏକ ନମ୍ବର ବିତ୍ତଶାଳୀ ଉଦ୍ୟୋଗୀ ମୁକେଶ ଅମ୍ବାନୀଙ୍କ ସମ୍ପତ୍ତି ଯେତିକି ବଢ଼ିଛି , ତାହା ଠାରୁ ଢେର ଅଧିକ ସାବିତ୍ରୀ ଜିନ୍ଦଲଙ୍କ ସମ୍ପତ୍ତିରେ ବୃଦ୍ଧି ଘଟିଛି। ୨୦୨୩ରେ ସାବିତ୍ରୀଙ୍କ ସମ୍ପତ୍ତିରେ ପ୍ରାୟ ୮୦ ହଜାର କୋଟି ଟଙ୍କା (୯୬୦ କୋଟି ଡଲାର) ବୃଦ୍ଧି ଘଟିଥିବା କୁହାଯାଇଛି।



ଫଳରେ ତାଙ୍କ ମୋଟ ସମ୍ପତ୍ତି ମୂଲ୍ୟ ୨୫.୩ ବିଲିୟନ ଡଲାରକୁ ବୃଦ୍ଧି ପାଇଛି। ଫଳରେ ଓପି ଜିନ୍ଦଲ ଗ୍ରୁପ୍‌ର ମୋଟ ସମ୍ପତ୍ତି ମୂଲ୍ୟ ସୁନୀଲ ମିତ୍ତଲ, ହିନ୍ଦୁଜା ପରିବାର ଏବଂ ସାଇରସ୍ ପୁନାୱାଲାଙ୍କ ସମ୍ପତ୍ତି ମୂଲ୍ୟକୁ ଟପିଯାଇଛି। ସାବିତ୍ରୀ ଜିନ୍ଦଲ ହେଉଛନ୍ତି ସଜ୍ଜନ ଜିନ୍ଦଲ ଓ ନବୀନ ଜିନ୍ଦଲଙ୍କ ମା'। ଅନ୍ୟ ଉଦ୍ୟୋଗୀଙ୍କ ମଧ୍ୟରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ମୁଖ୍ୟ ମୁକେଶଙ୍କ ସମ୍ପତ୍ତି ୫୦୦ କୋଟି ଡଲାର ବୃଦ୍ଧି ପାଇଥିଲା ବେଳେ ଏଚ୍‌ସିଏଲ୍‌ର ମୁଖ୍ୟ ଶିବ ନାଦରଙ୍କ ସମ୍ପତ୍ତିରେ ୮୦୦ କୋଟି ଡଲାର ବୃଦ୍ଧି ଘଟିଛି। କିନ୍ତୁ ଚଳିତ ବର୍ଷ ସର୍ବାଧିକ ସମ୍ପତ୍ତି ହରାଇବାରେ ଆଦାନୀ ଗ୍ରୁପ୍ ମୁଖ୍ୟ ଗୌତମ ଆଦାନୀଙ୍କ ସ୍ଥାନ ସବୁଠୁ ଆଗରେ ରହିଛି। ଆଦାନୀ ଚଳିତ ବର୍ଷ ୨,୯୦,୯୪୬ କୋଟି ଟଙ୍କା (୩୫୪୦ କୋଟି ଡଲାର) ସମ୍ପତ୍ତି ହରାଇଛନ୍ତି। ବିଶେଷକରି ହିଣ୍ଡେନବର୍ଗ ରିପୋର୍ଟ ପ୍ରଭାବରେ ଆଦାନୀଙ୍କ ସମ୍ପତ୍ତି ୮୫୧୦ କୋଟି ଡଲାରକୁ ହ୍ରାସ ପାଇଛି। ତଥାପି ସେ ଦେଶର ଦ୍ୱିତୀୟ ବିତ୍ତଶାଳୀ ଭାବେ ମାନ୍ୟତା ବଜାୟ ରଖିଛନ୍ତି। ପ୍ରଥମ ସ୍ଥାନରେ ମୁକେଶ ଅମ୍ବାନୀ ରହିଛନ୍ତି।